


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-74 ◆SUNDAY ◆7 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୪ ◆ରବିବାର ◆୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)

## ଆଜି ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ: ଦେଖାଯିବ 'ବ୍ଲଡ୍ ମୁନ୍'



**ମଧ୍ୟାହ୍ନ ୧୨.୫୭ରୁ ପାକତ୍ୟାଗ**


**ରାତି ୯.୫୭ରୁ ଗ୍ରହଣ ଆରମ୍ଭ**

**୧.୨୬ ମିନିଟ୍‌ରେ ସର୍ବମୋକ୍ଷ**

■ **ପୁରୀ, ୬।୯ (ସମିସ):** ଆସନ୍ତାକାଲି ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଘଟିତ ହେଉଛି ରାହୁଗ୍ରସ୍ତ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ। ଚଳିତ ବର୍ଷର ଏହା ଶେଷ ଚନ୍ଦ୍ରଗ୍ରହଣ। ଏଥିପାଇଁ ରବିବାର ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ୨୨ ସେକେଣ୍ଡରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ କରାଯାଇଛି। ବାଳୁତ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ଏହି ନିୟମ କୋହଳ ରହିଛି। ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୭ ମିନିଟ୍ ୧୭ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେଣୁ ମଧ୍ୟାହ୍ନ ୧୨ଟା ୫୭ମିନିଟ୍ ପୂର୍ବରୁ ଦେବନୀତି ଶେଷ ହେବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ ବୋଲି ପଞ୍ଜିକାରେ କୁହାଯାଇଛି।

ଚଳିତ ବର୍ଷର ଭାଦ୍ରବ ପୂର୍ଣ୍ଣିମାରେ ଆକାଶରେ 'ବ୍ଲଡ୍ ମୁନ୍' ଦୃଶ୍ୟମାନ ହେବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଏହି ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ଶନିବାର ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟାନ୍ୟ ନୀତି ହେବ।

# ୧୨ ଘଣ୍ଟାରେ ଟ୍ରମ୍ପଙ୍କ ୟୁ'ଟର୍ଣ୍ଣ




■ **ୱାଶିଂଟନ, ୬।୯ (ଏଜେନ୍ସି):** 'କେବେ ନା, କେବେ ହଁ'। ଆମେରିକାରେ ଏମିତି ଶାସନ ଚଳାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନିଜ କଥାକୁ ନିଜେ ଭାଙ୍ଗିବାରେ ସେ ସିଦ୍ଧହସ୍ତ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏଭଳି ସେ ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ସେ ନିଜେ ପ୍ରତ୍ୟାହାର କରିଛନ୍ତି। ଶୁଳ୍କ ଧମକ ଦେଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଟ୍ରମ୍ପ ଭାରତ ପ୍ରତି ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରୁଥିବା ଲକ୍ଷ କରାଯାଉଛି। ୫୦ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଭାରତ ଏବଂ ଏହାର ନେତାଙ୍କ ବିରୋଧରେ ବିଷୋଦଗାର କରି ଚାଲିଥିବା ଟ୍ରମ୍ପ ୧୨ ଘଣ୍ଟା ଭିତରେ ମତ ବଦଳାଇବା ଏବେ ଆଲୋଚନାର ବିଷୟ ହୋଇଛି। ଚୀନ ଓ ରୁଷ ସହିତ ସଂପର୍କ ନେଇ ଗତକାଲି ଭାରତକୁ କଟାକ୍ଷ କରିଥିବା ଟ୍ରମ୍ପ ଆଜି ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ତାଙ୍କର ନୂଆ ଆଭିମୁଖ୍ୟର ସମ୍ମାନ କରୁଥିବା ଜଣାଇଛନ୍ତି। ଦୁଇ ନେତାଙ୍କର ଏଭଳି ମନ୍ତବ୍ୟ ତିକ୍ତ ହୋଇପଡ଼ିଥିବା ଭାରତ ଓ ଆମେରିକା ସଂପର୍କରେ ସୁଧାର ଆଣିପାରେ ବୋଲି ଅନୁମାନ କରାଯାଉଛି।

ଗତକାଲି ଟ୍ରମ୍ପ କହିଥିଲେ ଯେ ଚୀନ ହାତରେ ଭାରତ ଓ ରୁଷକୁ ଆମେରିକା ହରାଇଛି। ଏହି ତିନି ଦେଶ ମଧ୍ୟରେ ସଂପର୍କର କଟାକ୍ଷ କରି ଶୁଭକାମନା ଜଣାଇଥିଲେ। କିନ୍ତୁ ଏହାର ୧୨ ଘଣ୍ଟା ଭିତରେ ଭାରତ ଓ ମୋଦୀଙ୍କୁ ସେ ଏମିତି ପ୍ରଶଂସା କରିଛନ୍ତି ଯେ ଯେମିତି ସଂପର୍କ ସୁଦୃଢ଼ ରହିଛି। ▶ପୃଷ୍ଠା-୭

## ଶୁଳ୍କ କମାଇବାକୁ ୩ ସର୍ତ୍ତ

**ବ୍ରିକ୍ସ ଛାଡ଼ । ରୁଷଠୁ ତେଲ କିଣନି । ଆମକୁ ସମର୍ଥନ ଦିଅ**

■ **ୱାଶିଂଟନ, ୬।୯ (ଏଜେନ୍ସି):** ଭାରତ ସହ ଆମେରିକା ଡବଲ୍ ଗେମ୍ ଖେଳୁଛି। ଭାରତକୁ ଧମକ ଦେବାର ୧୨ ଘଣ୍ଟା ଭିତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ ବାଣିଜ୍ୟମନ୍ତ୍ରୀ ହାୱାର୍ଡ ଲୁଟ୍‌ନିକ ଭାରତକୁ ଧମକ ଦେଇଛନ୍ତି। ସେ ଭାରତ ପାଇଁ ତିନି ସର୍ତ୍ତ ରଖିଛନ୍ତି। ଏହି ତିନୋଟି ସର୍ତ୍ତ ମାନିଲେ ଭାରତ ଉପରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଯିବ। ଭାରତକୁ ରୁଷ୍ ତୈଳ କ୍ରୟ ବନ୍ଦ କରିବାକୁ ହେବ ଏବଂ ବ୍ରିକ୍ସ ଗୋଷ୍ଠୀରୁ ଅଲଗା ହେବାକୁ ପଡ଼ିବ। ଏହାସହିତ ଆମେରିକାକୁ ସମର୍ଥନ ଦେବାକୁ ହେବ ବୋଲି ଲୁଟ୍‌ନିକ କହିଛନ୍ତି। ସେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେଇ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ। ଏଥିରୁ ଆମେରିକା ରାଷ୍ଟ୍ରପତିଙ୍କ କହିବା ଏବଂ କରିବାରେ ଆକାଶ ପାତାଳ ଫରକ ଥିବା ଜଣାପଡୁଛି। ଟ୍ରମ୍ପ ନିଜେ ଭାରତ ସହ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତ ଥିବା ନେଇ କହୁଥିବା ବେଳେ ତାଙ୍କ ମନ୍ତ୍ରୀ ଏଥିରେ ବ୍ରେକ୍ ଲଗାଉଛନ୍ତି।

ଲୁଟ୍‌ନିକ କହିଥିଲେ ଯେ ଯଦି ରୁଷ୍ ଏବଂ ଚୀନ୍ ମଧ୍ୟରେ ଭାରତ ସେତୁ ହେବାକୁ ଚାହୁଁଛି ତେବେ ହେଉ। କିନ୍ତୁ ଭାରତକୁ ଡଲାରକୁ କିମ୍ବା ଆମେରିକାକୁ ସମର୍ଥନ କରିବାକୁ ହେବ। ନୂଆଦିଲ୍ଲୀ ନିଜର ▶ପୃଷ୍ଠା-୭

# ଏସିଆ କପ୍ ହକି ଫାଇନାଲ୍‌ରେ ଭାରତ

**ଦ.କୋରିଆ ସହ ଟାଇଟଲ୍ ଲଢ଼େଇ ଆଜି**



**ସୁପର୍-୪ରେ ଚୀନ ୭-୦ରେ ଧରାଶାୟୀ**

**ଓଡ଼ିଶାର ଶୀଳାନନ୍ଦ ଶ୍ରେଷ୍ଠ ଖେଳାଳି**

**୨୦୨୬ ଏଫ୍ଆଇଏଚ୍ ହକି ବିଶ୍ୱକପ୍ ଆଶା ଉଜ୍ଜ୍ୱଳ**

■ **ରାଜଗିର, ୬।୯ (ଏଜେନ୍ସି):** ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଶେଷ ସୁପର୍-୪ ମୁକାବିଲାରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ହର୍‌ମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ସୁପର୍-୪ରେ ୩ ମ୍ୟାଚ୍‌ରୁ ୨ ବିଜୟ ଓ ଗୋଟିଏ ଡ୍ର ରଖି ସର୍ବାଧିକ ୭ ପଏଣ୍ଟ ସହ ଟେବୁଲ୍‌ର ଶୀର୍ଷରେ ରହିଛି। ରବିବାର ଖେଳାଯିବାକୁ ଥିବା ଟାଇଟଲ୍ ଲଢ଼େଇରେ ପାଞ୍ଚ ଥରର ବିଜେତା ଦକ୍ଷିଣ କୋରିଆ ସହ ଭାରତର ମୁକାବିଲା ହେବ। ଏଥିରେ ବିଜୟୀ ଦଳ ସ୍ୱର୍ଣ୍ଣ ପଦକ ସହ ୨୦୨୬ ଏଫ୍ଆଇଏଚ୍ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ ଭାରତ ୩ଥର ଚାମ୍ପିଅନ ଓ ୫ଥର ରନର୍ସଅପ୍ ହୋଇଛି। ଶେଷଥର ଲାଗି ୨୦୧୭ରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

**ଗଣେଶ ବିସର୍ଜନ ବେଳେ ଗୋଷ୍ଠୀ ସଂଘର୍ଷ**

## ଗାଁ ମୁଣ୍ଡରେ ଗଡ଼ିଲା ମୁଣ୍ଡ

■ **ଶେରଗଡ଼, ୬।୯ (ସମିସ):** ଗଣେଶ ଭସାଣିକୁ ନେଇ ଶେରଗଡ଼ ଥାନା ଅନ୍ତର୍ଗତ ଗୋଠଗାଁ ଗ୍ରାମରେ ଶୁକ୍ରବାର ରାତିରେ ଗୋଷ୍ଠୀସଂଘର୍ଷ ଘଟି ଜଣଙ୍କ ଜୀବନ ଯାଇଛି। ସନ୍ଧ୍ୟାରେ ଭସାଣି ପାଇଁ ଶୋଭାଯାତ୍ରା ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ବିଳମ୍ବିତ ରାତିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଖଣ୍ଡା, କାତି, ଠେଙ୍ଗା ସାହାଯ୍ୟରେ ପରସ୍ପରକୁ ଆକ୍ରମଣ କରିଥିଲେ। ଗୋଟିଏ ଗୋଷ୍ଠୀର ସମସ୍ତ ସଦସ୍ୟ ଖସି ପଳାଇ ଯାଇଥିବା ବେଳେ ସାନଖେମୁଣ୍ଡି ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚନ୍ଦନ ବିଷୋୟୀଙ୍କୁ ଏକୁଟିଆ ପାଇ ଅପରଗୋଷ୍ଠୀର ସଦସ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

ପୂର୍ବରୁ ଉକ୍ତ ଗୋଷ୍ଠୀଙ୍କ ସହିତ ଚନ୍ଦନଙ୍କ ଗଣ୍ଡଗୋଳ ଲାଗି ରହିଥିଲା। ଅପରପକ୍ଷେ ଚନ୍ଦନ ଘରକୁ ନଫେରିବାରୁ ପରିବାର ସଦସ୍ୟମାନେ ଖୋଜିଥିଲେ। ଚନ୍ଦନଙ୍କ ସାଙ୍ଗମାନେ ଚନ୍ଦନଙ୍କୁ ଗୋଠଗାଁରେ ହତ୍ୟା କରାଯାଇଥିବା ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଚନ୍ଦନଙ୍କ ସମ୍ପର୍କୀୟ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାରୁ ଏକ ହତ୍ୟା ମାମଲା ରୁଜୁ କରି ଶେରଗଡ଼ ପୁଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

**ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ପକ୍ଷ ରଖିଲା ଓଡ଼ିଶା**

## ଆପୋସ ସମାଧାନ ପାଇଁ ପ୍ରୟାସ ଚାଲିଛି

■ **ଭୁବନେଶ୍ୱର, ୬।୯ (ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଛନ୍ତି। ଉଭୟ ରାଜ୍ୟ ମଧ୍ୟରେ କିଛି ପର୍ଯ୍ୟାୟ ଆଲୋଚନା ହୋଇଛି ଓ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ପରସ୍ପର ମଧ୍ୟରେ ଦୁଇ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ସେହିପରି ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ମଧ୍ୟ କଥାବାର୍ତ୍ତା ଆରମ୍ଭ ହୋଇଛି ବୋଲି ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ତଥ୍ୟ ରଖିଛି ଓଡ଼ିଶା। ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗତ ଅଗଷ୍ଟ ୨ ତାରିଖରୁ ଏଯାବତ୍ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ପ୍ରସଙ୍ଗରେ ଆପୋସ ବୁଝାମଣାର ବିସ୍ତୃତ ଅଗ୍ରଗତିର ତଥ୍ୟ ଉପସ୍ଥାପନ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ଆସନ୍ତା ଅକ୍ଟୋବର ୧୧କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିବା ସହ ଏହି ତାରିଖ ସୁଦ୍ଧା ଆପୋସ ବୁଝାମଣାର ଅଗ୍ରଗତି ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଳ ବିବାଦ ସଂକ୍ରାନ୍ତରେ ଟ୍ରିବ୍ୟୁନାଲ ଶୁଣାଣି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ



**ଅଗ୍ରଗତି ତଥ୍ୟ ଦେବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ**

**ଅକ୍ଟୋବର ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି**

**ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ଆଲୋଚନା ଆରମ୍ଭ**

କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କ ସହ ବିବାଦର ସମାଧାନ ନିମନ୍ତେ ଆଲୋଚନା କରିଛନ୍ତି। ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଥର ଆଲୋଚନା କରି ସାରିଛନ୍ତି। ଗତ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ନୂଆଦିଲ୍ଲୀରେ ଜଳ ବିବାଦ ଆପୋସ ସମାଧାନ ନେଇ ଆଲୋଚନା କରିଥିଲେ। ଗତକାଲି ଅର୍ଥାତ୍ ଶୁକ୍ରବାର ଦୁଇ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଗଠିତ ବୈଷୟିକ ଟିମ୍ ମଧ୍ୟରେ ମଧ୍ୟ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ଆଲୋଚନା ଜାରି ରହିଛି। କୌଣସି ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ୍‌ରେ ହୋଇପାରି ନାହିଁ। ଏହା ଏକ ରାଜନୈତିକ ବିବାଦ ଏବଂ ଦୁଇ ରାଜ୍ୟର ରାଜନୈତିକ ▶ପୃଷ୍ଠା-୭

**୧୨ ହଜାର କୋଟିର ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାସ**

## ଆଇଟି ବିଶେଷଜ୍ଞ ସମେତ ୧୨ ଗିରଫ

■ **ହାଇଦରାବାଦ୍, ୬।୯ (ଏଜେନ୍ସି):** ମହାରାଷ୍ଟ୍ର ପୁଲିସ ନିଶା ତଥା ଡ୍ରଗ୍ସ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାଣେ ଜିଲ୍ଲାର ମୀରା ରୋଡ ପୁଲିସ୍ ଏହିକ୍ରମରେ ଶନିବାର ତେଲଙ୍ଗାନାର ହାଇଦରାବାଦ୍‌ରେ ଏକ ଡ୍ରଗ୍ସ ଉତ୍ପାଦନକାରୀ କାରଖାନା ଉପରେ ଚଢ଼ାଉ କରିବା ସହ ୧୨,୦୦୦ କୋଟି ଟଙ୍କାର ଏକ ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାସ କରିଛି। କଞ୍ଚାମାଲ ଜବତ କରିବା ସହିତ ୧୨ ଜଣଙ୍କୁ ଗିରଫ କରିଛି। ମହାରାଷ୍ଟ୍ର ନିଆଯାଇ ଏମାନଙ୍କୁ ପଚରା ଉଚରା କରାଯାଉଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜଣେ ଆଇଟି ଏକ୍ସପର୍ଟ। ଏମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ମହିଳା ମଧ୍ୟ ସାମିଲ ରହିଛନ୍ତି। ଫାତିମା ସେଖ ନାମକ ଏହି ମହିଳା ଗତମାସରେ ମହାରାଷ୍ଟ୍ରର ମୀରା ରୋଡ୍‌ରେ ୨୪ ଲକ୍ଷ ଟଙ୍କା ନିଶାଦ୍ରବ୍ୟ ସହ ଧରାପଡ଼ିଥିଲା। ▶ପୃଷ୍ଠା-୭

**କାର୍ ତଳେ ଚାପି ହୋଇଗଲା ଅଟୋ**

## ଦମ୍ପତିଙ୍କ ସମେତ ୩ ମୃତ

■ **ଅନୁଗୋଳ, ୬।୯ (ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଣ୍ଡହତା ବ୍ରିଜ୍ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏକ କାର୍ ତଳେ ଅଟୋ ଚାପି ହୋଇଯିବାରୁ ଏହି ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ଏକ ଦମ୍ପତି ଅଛନ୍ତି। ସେମାନେ ହେଲେ, ବାଲିମି ଥାନା କାରନ୍ଦା ଅଞ୍ଚଳର ବଂଶୀଧର ସେଠୀ, ତାଙ୍କ ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି। ବଂଶୀଧରଙ୍କ ବୋହୂ ସୁନିତା ସେଠୀ, ସୁନିତାଙ୍କ ପୁଅ ଶ୍ରୀସାଇ ସେଠୀ ଓ କାର୍ ମାଲିକ ବିଶ୍ୱଜିତ୍ ଗୁରୁତର ଆହତ ହୋଇଛନ୍ତି।



ସୂଚନାନୁଯାୟୀ, ବଂଶୀଧରଙ୍କ ଦେହ ଖରାପ ଥିବାରୁ ଏକ ଅଟୋ ଯୋଗେ ସ୍ତ୍ରୀ କମଳା, ବୋହୂ ସୁନିତା, ନାତି ଶ୍ରୀସାଇଙ୍କ ସହ ଚିକିତ୍ସା ପାଇଁ ଅନୁଗୋଳ ଡାକ୍ତରଖାନା ଆସିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସମସ୍ତେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ଖାଇ ସାରି ଅଟୋ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର୍ ସହ ଅଟୋଟି ଧକ୍କା ହୋଇଥିଲା। ଅଟୋ ଓ କାର୍ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ପଶିଯାଇଥିଲା। ଅଟୋଟି କାର୍ ତଳେ ଚାପି ହୋଇ ରହିଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଥିବା ବଂଶୀଧର, କମଳା ଏବଂ ଅଟୋ ଚାଳକ ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନିତା, ଶ୍ରୀସାଇ ଓ କାର୍ ମାଲିକ ବିଶ୍ୱଜିତ ଗୁରୁତର ହୋଇଥିଲେ। ଅନ୍ୟପଟେ କାର୍ ଚାଳକଙ୍କ କୌଣସି ଖବର ମିଳିନାହିଁ। ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

**ରାସ୍ତା ମରାମତି ସମୀକ୍ଷା ବୈଠକ**

# ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୁର୍ଦ୍ଦଶା

**୨୦ ସେପ୍ଟେମ୍ବର ସୁଦ୍ଧା ସବୁ ରାସ୍ତା ମରାମତି ସାରିବାକୁ ମନ୍ତ୍ରୀଙ୍କ ତାଗିଦ**

**୨ ଦିନରେ ରାସ୍ତା ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ**



■ **ଭୁବନେଶ୍ୱର, ୬।୯ (ସମିସ):** ରାଜ୍ୟର ବିଭିନ୍ନ ସହରରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଘୋର ଅଭାବ ରହୁଛି। ଗୋଟିଏ ବିଭାଗ ରାସ୍ତା ତିଆରି କରି ଚାଲିଯାଉଛି, ୭ ଦିନ ମଧ୍ୟରେ ସେହି ବିଭାଗ ରାସ୍ତାକୁ ଆଉ କିଏ ଆସି ଖୋଳି ଦେଇ ଚାଲିଯାଉଛି। ୟୁଟିଲିଟି କରିଡର ନାମରେ ବିଭାଗଗୁଡ଼ିକ ଯେମିତି ପାରୁଛନ୍ତି ସେମିତି ରାସ୍ତାକୁ ବ୍ୟବହାର କରୁଛନ୍ତି। ବିନା ଅନୁମତିରେ କିଏ ପାଇପ୍ ବିଛାଉଛି ତ ଆଉ କିଏ ବିଦ୍ୟୁତ୍ ଲାଇନ୍ ପକାଇବା ଅବା ଅନ୍ୟ ୟୁଟିଲିଟି କରିଡର୍ ନାମରେ ଭଲ ଥିବା ରାସ୍ତାକୁ ଖୋଳି ପକାଉଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରାସ୍ତାଟି ଖରାପ ଅବସ୍ଥାକୁ ଚାଲିଆସୁଛି। ରାସ୍ତାଘାଟର ଦୁରବସ୍ଥା ପାଇଁ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ଶନିବାର ହୋଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଜଣାପଡ଼ିଛି।

ରାଜ୍ୟରେ ରାସ୍ତାଘାଟ ମରାମତିକୁ ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ରାସ୍ତାକୁ ଖାଲଖମାମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨ ତାରିଖରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସହ ▶ପୃଷ୍ଠା-୭

# ଦେଶ ଛାଡ଼ି ପଳାଇଲେ ପୂର୍ବତନ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ୍, ୬।୯(ଏଜେନ୍ସି): ଥାଇଲାଣ୍ଡ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନ ସିନବାତ୍ରା ଦେଶ ଛାଡ଼ି ନିଜ ବ୍ୟକ୍ତିଗତ ଜେଟ୍‌ରେ ଦୁବାଇ ଚାଲିଯାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏ ନେଇ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୯ରେ ଥାଇଲାଣ୍ଡର କୋର୍ଟ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ରାୟ ଦେବାକୁ ଯାଉଥିବା ବେଳେ ସେ ଦେଶ ଛାଡି ଚାଲି ଯାଇଛନ୍ତି ବୋଲି କୁହାଯାଉଛି। ସେ ଚିକିତ୍ସା ପାଇଁ ସିଙ୍ଗାପୁର ଯାଉଥିଲେ। କିନ୍ତୁ ସେଠାରେ ଜେଟ୍ ବିମାନ ଅବତରଣ କରିହେବ ନାହିଁ ବୋଲି ତାଙ୍କ ପାଇଲଟ କହିଥିଲେ। ଫଳରେ ଆମକୁ ଦୁବାଇ ଯିବାକୁ ହେଲା ବୋଲି ସେ ଏକ୍ସରେ ଉଲ୍ଲେଖ କରିଛନ୍ତି। ତେବେ କୋର୍ଟ ରାୟ ଶୁଣାଇବାକୁ ଯାଉଥିବା ବେଳେ ସେ ଖୁବ୍‌ଶୀଘ୍ର ସ୍ୱଦେଶ ଫେରିବେ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ସେ ଆଉ ଦେଶକୁ ଫେରିବେ ନାହିଁ ବୋଲି ରାଜନୈତିକ ପଣ୍ଡିତମାନେ ଅନୁମାନ କରିଛନ୍ତି। ୨୦୦୬ରେ ପଦରୁ ହଟିବା ପରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ୧୫ ବର୍ଷର ଜେଲ୍ ଦଣ୍ଡାଦେଶ ମିଳିବା ପରେ ସେ ଦେଶ ଛାଡି ଚାଲିଯାଇଥିଲେ।

# ଲିପୁଲେଖ ବିବାଦରେ ଚୀନ୍ ମୁଣ୍ଡ ପୂରାଇବନି

ବେଜିଂ, ୬।୯(ଏଜେନ୍ସି): ଭାରତ ଓ ନେପାଳ ମଧ୍ୟରେ ଦୀର୍ଘଦିନ ଧରି ଥିବା ଲିପୁଲେଖ ବିବାଦରେ ମୁଣ୍ଡ ପୂରାଇବାକୁ ଚୀନ୍ ମନା କରିଦେଇଛି। ଲିପୁଲେଖ୍ ଏକ ପାରମ୍ପରିକ ଗିରିପଥ। ନେପାଳର ଦାବିକୁ ଚୀନ୍ ସମ୍ମାନ କରୁଛି। ଏହି ବିବାଦ ଭାରତ ଓ ନେପାଳର ଦ୍ୱିପାକ୍ଷିକ ମାମଲା। ତେଣୁ କଥାବାର୍ତ୍ତା ମାଧ୍ୟମରେ ଦୁଇ ଦେଶ ଏହି ବିବାଦର ସମାଧାନ କରିବା ଉଚିତ ବୋଲି ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଥିବା କଥା ନେପାଳ ବୈଦେଶିକ ସଚିବ ଅମୃତ ବାହାଦୂର ରାୟ କହିଛନ୍ତି। ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଗସ୍ତ କରିଥିଲେ। ଏହି ଅବସରରେ ସେ ଜିନପିଙ୍ଗ୍‌ଙ୍କ ସମ୍ମୁଖରେ ଲିପୁଲେଖ ବିବାଦ ଉପସ୍ଥାପନ କରିଥିଲେ। ଲିପୁଲେଖ ଅଞ୍ଚଳ ନେପାଳର ଅଂଶ ବିଶେଷ ବୋଲି ଓଲି କହିଛନ୍ତି। କିନ୍ତୁ ଭାରତ ଓ ଚୀନ୍ ମଧ୍ୟରେ ଏହି ଗିରିପଥ ଦେଇ ହୋଇଥିବା ବ୍ୟବସାୟିକ ସହମତି ନେଇ ଓଲି ଆପତ୍ତି ଉଠାଇଥିଲେ। ଅଗଷ୍ଟ ୧୯ ରେ ଭାରତ ଓ ଚୀନ ଲିପୁଲେଖ ଦେଇ ବ୍ୟବସାୟ କରିବାକୁ ଏହି ପଥ ଖୋଲିବା ନେଇ ସହମତି ପ୍ରକାଶ କରିଥିଲେ। କିନ୍ତୁ ନେପାଳ ଏହାକୁ ସେତେବେଳେ ବିରୋଧ କରିଥିଲା। ଉଲ୍ଲେଖଥାଉ କି, ୨୦୨୦ରେ ନେପାଳ ଏକ ନୂଆ ମାନଚିତ୍ର ଜାରି କରିଥିଲା। ଏଥିରେ ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀକୁ ନେପାଳ ନିଜର ବୋଲି ଜାହିର କରିବାକୁ ପ୍ରୟାସ କରିଥିଲା। କିନ୍ତୁ ଭାରତ ପୂର୍ବରୁ ଏହି ୩ଟି ସ୍ଥାନକୁ ନିଜର ବୋଲି ବିବେଚନା କରିଆସୁଛି।

# ହଜରତବଲ ଦର୍‌ଘାରେ ଅଶୋକ ସ୍ତମ୍ଭ ଚିହ୍ନକୁ ନେଇ ବିବାଦ

ଶ୍ରୀନଗର, ୬।୯(ଏଜେନ୍ସି): ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରସ୍ଥିତ ହଜରତବଲ ଦର୍‌ଘାରେ ନୂଆ କରି ଲଗାଯାଇଥିବା ଏକ ଫଳକରେ ରାଷ୍ଟ୍ରୀୟ ଚିହ୍ନ 'ଆଶୋକ ସ୍ତମ୍ଭ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ଶୁକ୍ରବାର ପ୍ରାର୍ଥନା ପରେ କେତେଜଣ ଲୋକ ଏହି ଫଳକକୁ ଭାଙ୍ଗି ଦେଇଛନ୍ତି। ଜୁମାର ନମାଜ ପଢ଼ିବା ପରେ ଏହି ଫଳକ ନିକଟରେ ଭିଡ ହୋଇଥିଲେ ଓ ୱାକଅଫ୍ ବୋର୍ଡ ବିରୋଧରେ ସ୍ଲୋଗାନ ଦେବା ସହ ପଥର ପିଙ୍ଗିଥିଲେ। ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବହୁବର୍ଷ ହେବ ହଜରତବଲ ଦର୍‌ଘାକୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ଏକ ପବିତ୍ରସ୍ଥଳ ବୋଲି ବିବେଚନା କରନ୍ତି। ଚଳିତ ସପ୍ତାହରେ ୱାକଅଫ୍ ବୋର୍ଡ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ଦର୍‌ଘାର ପୁନର୍ଗଠନ କାର୍ଯ୍ୟ କରିବା ପରେ ଉଦ୍‌ଘାଟନ କରିଥିଲା। ଉଦ୍‌ଘାଟନ ଫଳକରେ ରାଷ୍ଟ୍ରୀୟ ଚିହ୍ନ ଆଶୋକ ସ୍ତମ୍ଭ ଥିଲା ଓ ଏହାକୁ ନେଇ ସମାଲୋଚନା କରାଯାଉଥିଲା। ଏହାକୁ ନ୍ୟାସନାଲ କନଫରେନ୍ସ ସମେତ ଅନ୍ୟ ରାଜନୈତିକ ଦଳଗୁଡିକ ନିନ୍ଦା କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ନିଜର ପ୍ରତିକ୍ରିୟା ଦେଇଛନ୍ତି। କୌଣସି ଧାର୍ମିକ ସ୍ଥଳରେ ରାଷ୍ଟ୍ରୀୟ ଚିହ୍ନ ପୂର୍ବରୁ କେବେ ଦେଖି ନଥିଲି। ତେଣୁ ହଜରତବଲ ଦର୍‌ଘାର ପଥର ଉପରେ ରାଷ୍ଟ୍ରୀୟ ଚିହ୍ନ ଲଗାଇବାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଧନଖଡ଼ଙ୍କ ପେନ୍‌ସନ୍ ଆବେଦନ ମଞ୍ଜୁର

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ପୂର୍ବତନ ଉପ- ରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ଜଣେ ପୂର୍ବତନ ବିଧାୟକ ଭାବେ ପେନସନ ମିଳିବା ନିଶ୍ଚିତ ହୋଇଛି। ଏ ନେଇ ସେ ପୂର୍ବରୁ କରିଥିବା ଆବେଦନକୁ ମଞ୍ଜୁର କରାଯାଇଛି। ୭୫ ବର୍ଷୀୟ ଧନଖଡ଼ ରାଜସ୍ଥାନ ବିଧାନସଭାରେ ପୂର୍ବରୁ ବିଧାୟକ ଥିଲେ। ଉପ- ରାଷ୍ଟ୍ରପତି ଭାବେ ଇସ୍ତଫା ଦେବାପରେ ତାଙ୍କର ଏହି ବିଧାୟକ ପେନ୍‌ସନ୍‌କୁ ମଞ୍ଜୁର କରାଯାଇଛି। ତାଙ୍କ ଆବେଦନର ସବୁ ପ୍ରକ୍ରିୟା ଓ ଔପଚାରିକତା ସମ୍ପନ୍ନ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଚିବାଳୟ ତରଫରୁ କୁହାଯାଇଛି। ଏବେ ସେ ଜଣେ ପୂର୍ବତନ ବିଧାୟକ ଭାବେ ପେନ୍‌ସନ ସମେତ ସବୁପ୍ରକାର ସୁବିଧାସୁଯୋଗ ପାଇବେ। ସେ ଗତ ସପ୍ତାହରେ ଏ ନେଇ ରାଜସ୍ଥାନ ସଚିବାଳୟରେ ପେନ୍‌ସନ ପାଇଁ ଆବେଦନ କରିଥିଲେ। ଏବେ ସେ ମାସକୁ ପେନ୍‌ସନ ବାବଦରେ ୪୨, ୦୦୦ ଟଙ୍କା ପାଇବେ। ଉଲ୍ଲେଖଥାଉ କି, ସେ ୧୯୯୩ରୁ ୧୯୯୮ ମଧ୍ୟରେ ରାଜସ୍ଥାନର କିଶନଗଡ଼ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳ ତରଫରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ଜୁଲାଇରେ ପଶ୍ଚିମବଙ୍ଗର ରାଜ୍ୟପାଳ ନିଯୁକ୍ତ ହେବା ପରେ ତାଙ୍କ ପେନ୍‌ସନକୁ ବନ୍ଦ କରିଦିଆଯାଇଥିଲା।

# ବିସ୍ଫୋରଣ ଧମକ ଦେଇଥିବା 'ଆତଙ୍କବାଦୀ' ଉତ୍ତର ପ୍ରଦେଶରୁ ଗିରଫ

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ମୁମ୍ବାଇରେ ଗଣେଶ ଉତ୍ସବ ବିସର୍ଜନ ଚାଲିଥିବା ବେଳେ ବିସ୍ଫୋରଣ ଧମକ ଦେଇଥିବା ବ୍ୟକ୍ତି ଉତ୍ତର ପ୍ରଦେଶର ନୋଏଡାରୁ ଗିରଫ ହୋଇଛି। ଏହି ବ୍ୟକ୍ତି ହେଉଛନ୍ତି ୫୦ ବର୍ଷୀୟ ଅଶ୍ୱିନ କୁମାର ସୁପ୍ରା। ସେ ବିହାର ରାଜଧାନୀ ପାଟନାରେ ରୁହନ୍ତି। ସେ ଗତ ୫ ବର୍ଷ ହେବ ନୋଏଡାରେ ରହିଆସୁଛନ୍ତି ଏବଂ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରରେ କାର୍ଯ୍ୟ କରୁଛନ୍ତି। ଅଶ୍ୱିନ ଗୁରୁବାର ମୁମ୍ବାଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଧମକପୂର୍ଣ୍ଣ ମେସେଜ ଦେଇଥିଲା। ଲସ୍କର-ଏ- ଜେହାଦୀର ୧୪ଜଣ ଆତଙ୍କବାଦୀ ମୁମ୍ବାଇରେ ବୁଲୁଛନ୍ତି ଓ ୪୦୦ କେଜି ଆରଡିଏକ୍ସ ୩୪ଟି ଗାଡିରେ ଲଗାଇଛନ୍ତି। ଆତଙ୍କିମାନେ ବିସ୍ଫୋରଣ କରିବେ ଓ ଏହା ଦ୍ୱାରା ପାଖାପାଖି ଏକ କୋଟି ଲୋକ ମୃତ୍ୟୁବରଣ କରିବେ ବୋଲି ସେ ମେସେଜରେ ଉଲ୍ଲେଖ କରିଥିଲା। ଏହି ମେସେଜ ମିଳିବା ପରେ ପୁଲିସ ସାରା ମୁମ୍ବାଇରେ ହାଇଆଲର୍ଟ ଜାରି କରିଥିଲା ଓ କ୍ରାଇମ ବ୍ରାଞ୍ଚ୍‌କୁ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହିକ୍ରମରେ ଆଣ୍ଟି ଟେରରିଜମ୍ ସ୍କ୍ୱାଡ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକ ମଧ୍ୟ ହାଇ ଆଲର୍ଟରେ ଥିଲେ। ଯାଞ୍ଚ ପରେ ମୁମ୍ବାଇ କ୍ରାଇମ ବ୍ରାଞ୍ଚ୍ ନୋଏଡାରେ ପହଞ୍ଚି ସେକ୍ଟର-୭୯ ସୋସାଇଟିରୁ ଗିରଫ୍ କରିଛି। ଅଶ୍ୱିନଙ୍କୁ କ୍ରାଇମ ବ୍ରାଞ୍ଚ ନୋଏଡାରୁ ମୁମ୍ବାଇ ନେଇଛି ଓ ତାର ମୋବାଇଲ ଫୋନ୍ ଓ ସିମକାର୍ଡକୁ ଜବତ କରାଯାଇଛି। ଏହାକୁ ବାଦ୍ ଦେଲେ ତା ପାଖରେ ୪ଟି ସିମ୍‌କାର୍ଡ ହୋଲ୍ଡର, ୬ ମେମୋରି କାର୍ଡ ହୋଲ୍ଡର, ଏକ ସିମ୍ ସ୍ଲଟ ଏକ୍ସଟରନାଲ ଓ ଦୁଇଟି ଡିଜିଟାଲ କାର୍ଡ ଜବତ କରାଯାଇଛି। ୨୦୨୩ରେ ସେ ଏକ ଠକେଇ ମାମଲାରେ ପାଟନା ଜେଲରେ ୩ ମାସ ରହିଥିବା କଥା କ୍ରାଇମ୍ ବ୍ରାଞ୍ଚ୍ ଜାଣିବାକୁ ପାଇଛି। ଫିରୋଜ ନାମକ ଏକ ବ୍ୟକ୍ତି ତା ବିରୋଧରେ ଅଭିଯୋଗ କରିଥିଲା। ଫିରୋଜ ବିରୋଧରେ ପ୍ରତିଶୋଧ ନେବାକୁ ସେ ତା ନାମରେ ଏହି ମେସେଜ ପଠାଇଥିଲା ବୋଲି ଅଶ୍ୱିନ କହିଛି। ତେବେ ଫିରୋଜ କିଏ ଓ ଠକେଇ ମାମଲା କଣ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଅଗଷ୍ଟ ୨୫ରେ ମହାରାଷ୍ଟ୍ରର ଥାଣେ ରେଲ ଷ୍ଟେସନରେ ବମ୍ ଦ୍ୱାରା ବିସ୍ଫୋରଣରେ ଉଡାଇ ଦେବାକୁ ଧମକ ମିଳିଥିଲା।



# ଦିଲ୍ଲୀ, ୟୁପିକୁ ଯମୁନା ଯନ୍ତ୍ରଣା

## ମୌସୁମୀ ବର୍ଷା ବିପର୍ଯ୍ୟୟ

## ପାଣି ଘେରରେ ଦିଲ୍ଲୀର ଅନେକ ଅଞ୍ଚଳ

## ପଞ୍ଜାବର ୧୯୦୦ ଗାଁ ୧୨ ଦିନ ହେଲା ବନ୍ୟା ଘେରରେ



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଉତ୍ତର ଭାରତର କେତୋଟି ରାଜ୍ୟରେ ପ୍ରବଳ ମୌସୁମୀ ବର୍ଷା କାରଣରୁ ଭୂସ୍ଖଳନ ଓ ବନ୍ୟା ସ୍ଥିତି ଜାରି ରହିଛି। ଯମୁନା ନଦୀର ଜଳସ୍ତର ଶନିବାର ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ରାଜଧାନୀ ଦିଲ୍ଲୀର କେତେକ ଅଞ୍ଚଳରେ ଏବେ ମଧ୍ୟ ପାଣି ଜମି ରହିଛି। ମୋନାଷ୍ଟେରୀ ମାର୍କେଟ, ଯମୁନା ବଜାର, ମୟୂର ବିହାର ଓ କଶ୍ମୀର ଗେଟ୍ ଅଞ୍ଚଳ ପାଣି ଘେରରେ ରହିଛି। ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ୫ ଫୁଟ୍ ଉଚ୍ଚର ପାଣି ପଶିଛି। ଉତ୍ତରପ୍ରଦେଶର ମଥୁରାର ୨୦ଟିରୁ ଅଧିକ କଲୋନୀଗୁଡିକରେ ଯମୁନା ପାଣି ପଶିଛି। ଆଗ୍ରାରେ ତାଜମହଲର ପାଚେରି ପର୍ଯ୍ୟନ୍ତ ପାଣି ଆସିଛି। ତାଜମହଲ ପଛରେ ଥିବା ପାର୍କ ମଧ୍ୟ ବୁଡି ଯାଇଛି। ଶୁକ୍ରବାର ଏହି ସହରରେ ପ୍ରବଳ ବର୍ଷା କାରଣରୁ ୫୦ରୁ ଉର୍ଦ୍ଧ୍ୱ ସଡକରେ ୪ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇଛି। ଫଳରେ ବାଇକ ସମେତ କାର ଅନ୍ୟ ଗାଡି ସବୁ ବୁଡ଼ିଯାଇଛି। ଉତ୍ତରାଖଣ୍ଡରେ ଶନିବାର ୪ ଧାମ ଯାତ୍ରା ପୁଣି ଆରମ୍ଭ ହୋଇଛି। ଖରାପ ପାଗ ଓ କ୍ରମାଗତ ବର୍ଷା କାରଣରୁ ସରକାର ସେପ୍ଟେମ୍ବର ୧ରୁ ୫ ପର୍ଯ୍ୟନ୍ତ ଏହି ଯାତ୍ରାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାରଠାରୁ ୪ ଧାମ ଯାତ୍ରା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି।

ବର୍ଷା ଜାରିରହିଥିବାରୁ ପଞ୍ଜାବର ୨୩ଟି ଜିଲ୍ଲାର ୧୯୦୦ଟି ଗାଁ ପାଖାପାଖି ୧୨ ଦିନ ହେବ ବନ୍ୟା ଘେରରେ ରହିଛି। ଫଳରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ପଞ୍ଜାବ ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଛି କହିଲେ ଭୁଲ ହେବନାହିଁ। ଏଥିରେ ୩.୮୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ଉତ୍ତରପଶ୍ଚିମ ରାଜ୍ୟରେ ବର୍ଷା ଓ ବନ୍ୟାଜନିତ କାରଣରୁ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି। ପାଖାପାଖି ୧.୭୨ ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଛି। ତେବେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ପଞ୍ଜାବରେ ବର୍ଷା ନେଇ କୌଣସି ସତର୍କତା ଜାରି କରାଯାଇନାହିଁ। ତେଣୁ ବନ୍ୟା ସ୍ଥିତରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ସେପଟେ ଜମ୍ମୁ-କଶ୍ମୀରରେ ଭୂସ୍ଖଳନ କାରଣରୁ ଜମ୍ମୁ- ଶ୍ରୀନଗର ରାଜପଥ ଓ ସିନ୍ଥନ ସଡକ ବନ୍ଦ ହେବା କାରଣରୁ ୩,୭୦୦ ଗାଡି ଅଟକି ରହିଛି। ଶ୍ରୀନଗର ଓ ବଡ଼ଗାଁଓରେ ପ୍ରବଳ ବର୍ଷା କାରଣରୁ କେତେକ ଅଞ୍ଚଳରେ ପାଣି ପସିଯାଇଛି। ମାତା ବୈଷ୍ଣୋଦେବୀ ମନ୍ଦିରର ତୀର୍ଥଯାତ୍ରା କ୍ରମାଗତ ୧୧ ଦିନ ପାଇଁ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ କାରଣରୁ ଏହି ଯାତ୍ରାକୁ ସ୍ଥଗିତ କରାଯାଇଥିଲା। ସେହିପରି ଗୁଜରାଟ୍‌ର ଭଦୋଦାରା ଜିଲ୍ଲାରେ କ୍ରମାଗତ ବର୍ଷା କାରଣରୁ ସ୍ଥିତି ବିଗିଡିଛି। ନର୍ମଦା ଓ କିମ୍ ନଦୀରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧିପାଇବା କାରଣରୁ ବିପଦ ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ପାଇଁ ପ୍ରଶାସନ ତରଫରୁ ସତର୍କ କରାଯାଇଛି।

ହରିୟାଣାରେ ପ୍ରବଳ ବର୍ଷା କାରଣରୁ ସବୁ ନଦୀର ଜଳସ୍ତର ବୃଦ୍ଧିପାଇଛି। ଫରିଦାବାଦ୍‌ରେ ଯମୁନା, ସିର୍ସାରେ ଘାଗର, କୁରୁକ୍ଷେତ୍ରରେ ମାର୍କଣ୍ଡ ଓ ଅମ୍ବାଲାରେ ଟାଙ୍ଗ୍ରି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସେହିପରି ହିମାଚଳ ପ୍ରଦେଶରେ ପାହାଡ଼ ଉପରୁ ବଡ଼ବଡ଼ ପଥର ଖସିବା କାରଣରୁ ଶିମ୍ଲା-କିନ୍ନାଉର ଜାତୀୟ ରାଜପଥରେ ଯିବା ଆସିବା ଏକ ପ୍ରକାର ବନ୍ଦ ରହିଛି। ମୌସୁମୀଜନିତ ବର୍ଷା କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ୩୬୦ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ମଧ୍ୟପ୍ରଦେଶର ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

# କାନାଡ଼ା ମାନିଲା, ଖଲିସ୍ତାନୀଙ୍କୁ ପାଣ୍ଠି ଯୋଗାଉଥିଲା

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ଶରଣ ଦେବା ନେଇ କାନାଡା ସରକାର ପ୍ରଥମଥର ପାଇଁ ଏକ ବଡ଼ ସ୍ୱୀକାର କରିଛନ୍ତି। କାନାଡାର ମାଟିରେ ହିଁ ଏହି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାର୍ଯ୍ୟ କରୁଛି ବୋଲି ପ୍ରକାଶିତ ଏକ ରିପୋର୍ଟରେ ସରକାର ମାନିଛନ୍ତି। ବାବର ଖାଲସା, ଅନ୍ତର୍ଜାତୀୟ ଶିଖ୍ ୟୁଥ ଫେଡେରେସନ ଓ ଶିଖ୍ ଫର ଜଷ୍ଟିସ୍ ଭଳି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାନାଡାରେ ସକ୍ରିୟ ବୋଲି ସମସ୍ତେ ଜାଣନ୍ତି ଓ କାନାଡା ଖୋଲାଖୋଲି ଭାବେ ଏହି ସଂଗଠନଗୁଡିକୁ ଶରଣ ଦେଉଛି। ତେବେ କାନାଡା ଏବେ ପ୍ରଥମଥର ପାଇଁ ଆନୁଷ୍ଠାନିକ ଭାବେ ଏହାକୁ ସ୍ୱୀକାର କରିଛି ଓ ଏହାକୁ ବହୁତ ବଡ଼ କଥା ବୋଲି ବିବେଚନା କରାଯାଉଛି। ଭାରତୀୟ ଦୃଷ୍ଟିକୋଣରୁ ଏହା ଏକ ଶୁଭ ସଂକେତ ବୋଲି କୁହାଯାଇପାରେ। କାନାଡାର ଅର୍ଥ ବିଭାଗ କଳା ଧନକୁ ଧଳା କରିବା ପ୍ରକ୍ରିୟା ଅର୍ଥାତ ମନିଲଣ୍ଡରିଂ ଓ ଆତଙ୍କବାଦୀଙ୍କ ଭରଣ ପୋଷଣ ସହିତ ଜଡିତ ଏକ ଆକଳନ ରିପୋର୍ଟ ଜାରି କରିଛି। କାନାଡା ସହିତ ଏହି ସଂଗଠନଗୁଡିକ ବିଭନ୍ନ ଦେଶରେ ପାଣ୍ଠି ସଂଗ୍ରହ କରୁଛନ୍ତି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସଂଗଠନଗୁଡିକ ଡ୍ରଗ୍ସ ଚୋରାଚାଲାଣ ଓ ଅଟୋ ଚୋରି ପାଇଁ ଚାରିଟେବଲ ଟ୍ରଷ୍ଟ ତଥା ଦାତବ୍ୟ ଅନୁଷ୍ଠାନର ବ୍ୟବହାର କରୁଛି। କାନାଡା ଏବେ ଏହି ଆତିଙ୍କବାଦୀ ସଂଗଠନଗୁଡିକ ପାଇଁ ଭୂସ୍ୱର୍ଗ ପାଲିଟିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ପତିଙ୍କୁ ଛୁରି ଭୁସି ହତ୍ୟା କଲେ ପତ୍ନୀଙ୍କ ପାର୍ଟନର

କୋଲାମ୍, ୬।୯(ଏଜେନ୍ସି): ଦକ୍ଷିଣ କେରଳ ଜିଲ୍ଲାର ନାଦୁଭାତୁରଠାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପତ୍ନୀଙ୍କ ଲିଭ୍- ଇନ୍ ପାର୍ଟନର ଛୁରି ଭୁଶି ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ଶ୍ୟାମସୁନ୍ଦର। ଅଭିଯୁକ୍ତ ହେଉଛନ୍ତି ତାଙ୍କ ଘର ପାଖରେ ରହୁଥିବା ୩୭ ବର୍ଷୀୟ ଧନେଶ। ଗତ ୪ ବର୍ଷ ହେବ ଶ୍ୟାମସୁନ୍ଦରଙ୍କୁ ଛାଡି ତାଙ୍କ ପତ୍ନୀ ଓ ପିଲା ଧନେଶଙ୍କ ପାଖରେ ରହୁଥିଲେ। ତେଣୁ ଦୁହିଁଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। କିନ୍ତୁ ଶୁକ୍ରବାର ରାତି ୧୦ଟାରେ ପତ୍ନୀ ଓ ପିଲାଙ୍କ ମାଧ୍ୟମରେ ଧନେଶ ମୋ ଧନସମ୍ପତ୍ତି ହଡପ୍ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ୟାମସୁନ୍ଦର ଅଭିଯୋଗ କରିଥିଲେ ଓ ଏ ନେଇ ଦୁହିଁଙ୍କ ମଧ୍ୟ ପ୍ରବଳ ଝଗଡ଼ା ହୋଇଥିଲା। କିନ୍ତୁ ଲୋକେ ଦୁହିଁଙ୍କୁ ବୁଝାଶୁଝା କରି ଅଲଗା କରିଥିଲେ। କିନ୍ତୁ ରାତି ୧୧.୫୦ରେ ଧନେଶ ପ୍ରତ୍ୟାବର୍ତ୍ତନ କରି ଶ୍ୟାମସୁନ୍ଦରଙ୍କୁ ଛୁରି ଭୁସି ଥିଲା। ଆହତ ଶ୍ୟାମସୁନ୍ଦରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ।

# ରୋପୱେ ଛିଡ଼ିପଡ଼ି; ୬ ମୃତ

ଅହମଦାବାଦ, ୬।୯(ଏଜେନ୍ସି): ଗୁଜରାଟର ପଞ୍ଚମହଲ ଜିଲ୍ଲାର ପାଭାଗଡ଼ ହିଲ୍ ଟେମ୍ପଲ ତଥା ମହାକାଳୀ ମନ୍ଦିରର ଶକ୍ତିପୀଠରେ ଶନିବାର ଗୁଡ୍ସ ରୋପୱେ ଛିଡିବା ଫଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଶନିବାର ଅପରାହ୍ଣରେ ହୋଇଥିବା ଦୁର୍ଘଟଣାରେ ୬ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଏହି ଗୁଡ୍ସ ରୋପୱେରେ ଜିନଷ ପତ୍ର ନବା ଆଣିବା ହୋଇଥାଏ। ସୂଚନା ମିଳିବା ମାତ୍ରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୋପୱେର ତାର ଛିଡିବା ଫଳରେ ଟ୍ରଲି ଉପରୁ ସିଧା ତଳକୁ ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୨ ଜଣ ଲିଫ୍ଟ ଅପରେଟର, ୨ ଜଣ ଶ୍ରମିକ ଓ ଅନ୍ୟ ୨ ଜଣ ଅଛନ୍ତି।

# ଲାଲ୍‌କିଲ୍ଲାରୁ ଏକ କୋଟିର ସୁନା କଳସ ଚୋରି



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଦିଲ୍ଲୀର ଲାଲ୍ କିଲ୍ଲା ପରିସରରେ ଆୟୋଜିତ ହୋଇଥିବା ଏକ ଜୈନ ଧାର୍ମିକ ଶିବିରରୁ ଦୁଇଟି ସୁନା କଳସ ସମେତ ଦେଢ଼ କୋଟି ଟଙ୍କାର ଜିନିଷ ଚୋରି ହୋଇଛି` ସେପ୍ଟେମ୍ବର ୨ରେ ଏହି ଧାର୍ମିକ ସମ୍ମଳନୀ ଆୟୋଜିତ ହୋଇଥିଲା। ଏବେ ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ଜଣେ ଚୋର ଜୈନ ପୂଜାରୀ ବେଶ ଧାରଣ କରି ଏହି ବହୁମୂଲ୍ୟ ଜିନିଷରେ ଭରିଥିବା ବ୍ୟାଗ୍‌କୁ ନେଇଯାଇଥିବାର ଦେଖାଯାଉଛି। ଏହି ସଂଦିଗ୍ଧ ଚୋରକୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ହୀରାରେ ଖଚିତ ଏହି ସୁନା କଳସର ଓଜନ ହେଉଛି ୭୬୦ ଗ୍ରାମ୍। ଏଥିରେ ଏକ ନଡ଼ିଆ ଲଗା ହୋଇଥିଲା। ସେହିପରି ୧୧୫ ଗ୍ରାମ୍‌ର ଦ୍ୱିତୀୟ କଳସରେ ହୀରା, ରୁବି ଓ ମାଣିକ ରହିଥିଲା। ଏହି କଳସକୁ ଜୈନ ଧର୍ମରେ ସବୁଠାରୁ ପବିତ୍ର ବୋଲି ବିବେଚନା କରାଯାଏ ଓ ଏହାକୁ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ସ୍ଥାନ ଦିଆଯାଇଥାଏ।

ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲା ପରିସରରେ ଥିବା ପାର୍କରେ ୧୦ ଦିନ ପାଇଁ ଧାର୍ମିକ ଆୟୋଜନ 'ଦଶଲକ୍ଷଣ ମହାପର୍ବ' ଆୟୋଜିତ ହୋଇଥିଲା। ଏହି ସୁନା କଳସ ଓ ବହୁମୂଲ୍ୟ ଜିନିଷ ବ୍ୟବସାୟୀ ସୁଧୀର ଜୈନଙ୍କର ଥିଲା। ସୁଧୀର ଅନୁଷ୍ଠାନ ପାଇଁ ସବୁଦିନ ମୂଲ୍ୟବାନ ଜିନିଷ ଆଣିଥାନ୍ତି। ଗତ ବୁଧବାର ସେ ଅନୁଷ୍ଠାନ ପାଇଁ କଳସ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସାମିଲ ଥିଲେ। ଓମ ବିର୍ଲାଙ୍କ ସ୍ୱାଗତ ଅବସରରେ ସୃଷ୍ଟି ହୋଇଥିବା ଭିଡ଼ ଓ ଦୌଡ଼ାଦୌଡ଼ରେ ଏହି କଳସ ଓ ଅନ୍ୟ ଜିନିଷ ଚୋରି ହୋଇଥିଲା ବୋଲି ପୁଲିସ କହିଛି।

## ଅନୀଲ ଅମ୍ବାନୀଙ୍କ ଉପରେ ପୁଣି ବଡ଼ କାର୍ଯ୍ୟାନୁଷ୍ଠାନ

# ଠକ ଘୋଷଣା କଲା ବ୍ୟାଙ୍କ ଅଫ ବରୋଦା

ମୁମ୍ବାଇ, ୬।୯ (ଏଜେନ୍ସି): ଶିଳ୍ପପତି ତଥା ରିଲାଏନ୍ସ କମ୍ୟୁନିକେସନ୍ସର ଅଧ୍ୟକ୍ଷ ଅନୀଲ ଅମ୍ବାନୀଙ୍କ ସମସ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏବେ ଆଉ ଏକ ବ୍ୟାଙ୍କ ତାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଲଗା ଅଲଗା ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଥିବା ଅନୀଲଙ୍କୁ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଠକ ଘୋଷଣା କରିଛି। ଏହା ପୂର୍ବରୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ତାଙ୍କୁ ଠକ ଘୋଷଣା କରିଥିଲା।

ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍) ପକ୍ଷରୁ କୁହାଯାଇଛି ଯେ ଗତ ୨ ତାରିଖରେ ଏନେଇ କମ୍ପାନୀକୁ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କମ୍ପାନୀକୁ ବିଓବି ୧୬୦୦ କୋଟି ଟଙ୍କାର ଋଣ ଏବଂ ୮୬୨.୫୦ କୋଟି ଟଙ୍କାର 'ଲାଇନ ଅଫ୍ କ୍ରେଡିଟ୍' (ଏଲଓସି) ଦେଇଥିଲା। ସେହିପରି ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଆରକମ୍ ୨, ୪୬୨.୫୦ କୋଟି ଟଙ୍କାର ଋଣ ନେଇଥିଲା। ଗତ ୨୮ ତାରିଖ ସୁଦ୍ଧା ଏଥିରୁ ୧୬୫୬.୦୭ କୋଟି ଟଙ୍କା ବାକି ରହିଥିଲା। ୨୦୧୭ ଜୁନ୍ ୫ ପରଠାରୁ ଋଣ ପରିଶୋଧ କରାଯାଇ ନାହିଁ। ଋଣ ନେଇଥିବା ବ୍ୟାଙ୍କ ଆକାଉଣ୍ଟ ଟି ସେହି ଦିନଠାରୁ ନନ୍ ପରଫର୍ମି ଆସେଟ (ଏନ୍‌ପିଏ) ହୋଇଯାଇଛି। ଯଦି କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଋଣର



କିସ୍ତି କିମ୍ବା ସୁଧ ୯୦ ଦିନ କିମ୍ବା ତାଠାରୁ ଅଧିକ ଦିନ ପର୍ଯ୍ୟନ୍ତ ଦିଏ ନାହିଁ ତେବେ ତାହା ଏନ୍‌ପିଏ ହୋଇଯାଏ। ସେହିପରି ଏଲ୍‌ଓସି ହେଉଛି ରିଭଲଭିଂ କ୍ରେଡିଟ। ଏହା ମାଧ୍ୟମରେ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନଠାରୁ ନିର୍ଦ୍ଧାରିତ ସୀମା ପର୍ଯ୍ୟନ୍ତ ଆବଶ୍ୟକତା ହିସାବରେ ଋଣ ନେଇ ପରିଶୋଧ କରିହେବ। ଏହା ସାଧାରଣ ଋଣଠାରୁ ଭିନ୍ନ। ଆରକମ୍‌ର ପ୍ରବକ୍ତା କହିଛନ୍ତି ଯେ ଏହି ମାମଲା ୧୨ ବର୍ଷର ତଳର। ଅନୀଲ ୨୦୦୬ରୁ ୨୦୧୯ ପର୍ଯ୍ୟନ୍ତ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ। କମ୍ପାନୀର ଦୈନିକ ପରିଚାଳନା କିମ୍ବା ନିଷ୍ପତ୍ତିରେ ତାଙ୍କର କୌଣସି ହସ୍ତକ୍ଷେପ ନ ଥିଲା। ସମସ୍ତ ଅଭିଯୋଗ ଭିତ୍ତିହୀନ। ଏ ନେଇ ଆଇନଗତ ପଦକ୍ଷେପ ନିଆଯିବ।

# ହନିମୁନ୍ ହତ୍ୟା ମାମଲା: ପତ୍ନୀ ସୋନମ୍, ପ୍ରେମିକ ରାଜ ମୁଖ୍ୟ ଅଭିଯୁକ୍ତ

ଇନ୍ଦୋର, ୬।୯(ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ମୃତଦେହ ମିଳିବାର ୯୭ ଦିନପରେ ଶନିବାର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଚାର୍ଜସିଟ୍ ଦାଖଲ କରିଛି। ମେଘାଳୟ ପୁଲିସର ଏସ୍ଆଇଟି ଶିଲଂ କୋର୍ଟରେ ୭୯୦ ପୃଷ୍ଠାର ଅଭିଯୋଗ ପତ୍ର ବା ଚାର୍ଜସିଟ୍ ଦାଖଲ କରିଛି। ଏ ନେଇ ରାଜା ରଘୁବଂଶୀ ପରିବାରକୁ ମଧ୍ୟ ଅବଗତ କରାଯାଇଛି। ରାଜାଙ୍କ ଭାଇ ବିପିନ ରଘୁବଂଶୀ ଏ ନେଇ ସୂଚନା ଦେଇଛନ୍ତି। ଏହି ଚାର୍ଜସିଟ୍‌ରେ ରାଜାଙ୍କ ପତ୍ନୀ ସୋନମ ଓ ତାଙ୍କ ପ୍ରେମିକ ରାଜ କୁଶୱାହଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସୋନମ ଓ ରାଜଙ୍କ ସମେତ ମୋଟ୍ ୩ ଜଣ ବିରୋଧରେ ହତ୍ୟା ନେଇ ଅଭିଯୋଗ କରାଯାଇଛି। ଏହି ମାମଲାରେ ୫ଜଣ ଅଭିଯୁକ୍ତ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସୋନମ ଓ ରାଜଙ୍କ ସମେତ ହତ୍ୟାରେ ସହଯୋଗ କରିଥିବା ଆକାଶ ରାଜପୁତ, ଆନନ୍ଦ କୁର୍ମି ଓ ବିଶାଲ ସିଂ ଚୌହାନଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି।

**୭୯୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ**

ରାଜା ରଘୁବଂଶୀ ଓ ସୋନମ ବିବାହ ପରେ ହନିମୁନ ପାଇଁ ମେଘାଳୟ ଯାଇଥିଲେ। ତେବେ ମେ ୨୩ରେ ରାଜାଙ୍କୁ ଷଡ଼ଯନ୍ତ୍ରପୂର୍ବକ ହତ୍ୟା କରାଯାଇଥିଲା। ପୂର୍ବ ଖାସୀ ହିଲ୍ସ ଏସ୍‌ପି ବିବେକ ସିମ୍ କହିଛନ୍ତି ଯେ, ଅତିରିକ୍ତ ଫରେନସିକ୍ ରିପୋର୍ଟ ଆସିବା ପରେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବ। ପ୍ରମାଣ ନଷ୍ଟ କରିବା ଓ ଲୁଚାଇବା ଅଭିଯୋଗରେ ଏହି ୩ ଜଣଙ୍କୁ ଗିରଫ କରାଯାଇଥିଲା। ଅବଶ୍ୟ ଏହି ୩ ଜଣ ଏବେ ଜାମିନ ପାଇ ବାହାରେ ଅଛନ୍ତି। ଗତ ମେ ୧୧ରେ ରାଜା ଓ ସୋନମଙ୍କ ବିବାହ ହୋଇଥିଲା। ମେ ୨୦ରେ ଦୁହେଁ ହନିମୁନ ପାଇଁ ମେଘାଳୟ ଯାଇଥିଲେ। କିନ୍ତୁ ବହୁ ଖୋଜାଖୋଜି କରିବା ପରେ ଶିଲଂର ଏକ ଖାଇରେ ରାଜାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗଛ କାଟିବା ଅସ୍ତ୍ରରେ ରାଜାଙ୍କୁ ହତ୍ୟା କାରଯାଇଥିଲା। ଜୁନ୍ ୯ରେ ପୁଲିସ ସୋନମଙ୍କୁ ଉତ୍ତରପ୍ରଦେଶ ଗାଜିପୁରରେ ଏକ ଢ଼ାବାରୁ



ଗିରଫ କରିଥିଲା। ସେତେବେଳେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

## ୨୭ରେ ଓଟିଇଟି ପରୀକ୍ଷା

କଟକ, ୬।୯(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର୍-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆସନ୍ତା ୧୭ ତାରିଖରେ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହେବ।

ପ୍ରକାଶଥାଉକି ପ୍ରଥମେ ଗତ ଜୁଲାଇ ୨୦ତାରିଖରେ ଏହି ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ ଘଟଣା ପାଇଁ ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନିହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି।

## ଦୁର୍ଗାପୂଜା ଭସାଣି ପାଇଁ ପୁଲିସ ଏସ୍ଆଇ ତୃତୀୟ ପତ୍ର ପରୀକ୍ଷା ଘୁଞ୍ଚିଲା

କଟକ, ୬।୯ (ସମିସ): ଆସନ୍ତା ଶାରଦୀୟ ଦୁର୍ଗାପୂଜା ଭସାଣ ଉତ୍ସବକୁ ଦୃଷ୍ଟିରେ ରଖି ଓଡ଼ିଶା ପୁଲିସ ଏସ୍ଆଇ ତୃତୀୟ ପତ୍ର ପରୀକ୍ଷାକୁ ପୁନଃନିର୍ଦ୍ଧାରିତ କରାଯାଇଛି। ଓଡ଼ିଶା ପୁଲିସ ନିଯୁକ୍ତିବୋର୍ଡ (ଓପିଆରବି) ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଦୁର୍ଗାପୂଜା ଭସାଣି ଯୋଗୁଁ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ହେଲେ ଅକ୍ଟୋବର ୫ରେ ହେବାକୁ ଥିବା ଦୁଇଟି ପତ୍ରର ପରୀକ୍ଷା ପୂର୍ବ ସୂଚୀ ଅନୁସାରେ ଅନୁଷ୍ଠିତ ହେବ। ପୁଲିସ୍ ଏସ୍ଆଇ ନିଯୁକ୍ତି ପାଇଁ କମ୍ବାଇନ ପୁଲିସ ସେବା ପରୀକ୍ଷା (ସିପିଏସଇ-୨୦୨୪) ର ତୃତୀୟପତ୍ର ୨୦୨୫ ଅକ୍ଟୋବର ୪ରେ ହେବାର ଥିଲା। ହେଲେ ଏହି ପରୀକ୍ଷାକୁ ଅକ୍ଟୋବର ୬କୁ ଘୁଞ୍ଚାଯାଇଛି। ତୃତୀୟ ପତ୍ର, ଯେଉଁଥିରେ ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ବିଷୟ ଅନ୍ତର୍ଭୁକ୍ତ, ତାହା ୬ତାରିଖ ସକାଳ ୧୦ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିଛି ପ୍ରମୁଖ ସହରରେ ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖରେ ହେବାକୁ ଥିବା 'ଦୁର୍ଗାପୂଜା ଭସାଣି' ମହୋତ୍ସବକୁ ଦୃଷ୍ଟିରେ ରଖି କିଛି ପ୍ରାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ନେଇ ଆଶଙ୍କା ଦେଖାଦେଇଥିଲା। ଉପରୋକ୍ତ ଦିଗକୁ ଧ୍ୟାନ ଦେଇ କେବଳ ଏହି ବିଷୟ ପରୀକ୍ଷା ୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ପୁଲିସ ନିଯୁକ୍ତି ବୋର୍ଡ ବିଜ୍ଞପ୍ତି ଜାରି କରିଛି।

**ନବୀନ ନିବାସରେ ବିଜେଡିର ପିଏସି ବୈଠକ**

# ତୃଣମୂଳରୁ ସୁଦୃଢ଼ ହେବ ସଂଗଠନ



ଭୁବନେଶ୍ୱର,୬।୯(ସମିସ): ଶନିବାର ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ। ତୃଣମୂଳସ୍ତରରୁ ଦଳକୁ ଅଧିକ ସୁଦୃଢ଼ କରାଯିବା ସହ ଯୁବ-ଛାତ୍ର-ମହିଳା ଟିମ୍ ମିଳିତ ଭାବରେ ନିଜନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଏହ ଅବସରରେ ଦଳୀୟ ନେତାଙ୍କୁ ନବୀନ ପରାମର୍ଶ ଦେଇଥିବା ସୂଚନା ଦେଇଛନ୍ତି କମିଟିର ସଦସ୍ୟ ପ୍ରମିଳା ମଲ୍ଲିକ। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ନିକଟରେ ସଭାପତି ଦଳର ଛାତ୍ର, ଯୁବ ଓ ମହିଳା ଟିମ୍ ଗଠନ କରିଛନ୍ତି। ବୈଠକରେ ଏହି ତିନି ଛାମୁଆ ସଙ୍ଗଠନ କିପରି ସକ୍ରିୟ ଭାବରେ ତୃଣମୂଳସ୍ତରରୁ କାମ କରିବେ, ସେ ସମ୍ପର୍କରେ ଦଳର ସଭାପତି ପରାମର୍ଶ ଦେଇଛନ୍ତି। ସେହିପରି ଆସନ୍ତା ବିଧାନସଭାରେ ସରକାରଙ୍କ ବିଫଳତା ଓ ଅପାରଗତାକୁ କିପରି ଶାଣିତ ଭାବରେ ଉପସ୍ଥାପନ କରାଯିବ ସେ ସଂକ୍ରାନ୍ତରେ ମଧ୍ୟ ସଭାପତି ଆମମାନଙ୍କୁ ପରାମର୍ଶ ଦେଇଛନ୍ତି ବୋଲି ପ୍ରମିଳା କହିଛନ୍ତି। ଏହା ସହ ରାଜ୍ୟର ରାଜନୈତିକ ସ୍ଥିତି ଓ ଦଳର ଆଗାମୀ ପଦକ୍ଷେପ ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ମଧ୍ୟ ସୂଚନା ମିଳିଛି । ଏହି ବୈଠକରେ ପିଏସି ସଦସ୍ୟ ତଥା ଦଳର ବରିଷ୍ଠ ଉପ ସଭାପତି ଦେବୀପ୍ରସାଦ ମିଶ୍ର, ନବୀନଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଗିରି ଗୋବର୍ଦ୍ଧନ ପୂଜା ବେଳେ ବଜ୍ରପାତ; ୫୦ ଶ୍ରଦ୍ଧାଳୁ ଆହତ



ଦେବଗଡ଼/କଣିହାଁ, ୬।୯ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ କୁଣ୍ଢେଇଗୋଳା ଥାନା ପରା ପଞ୍ଚାୟତ ଅନ୍ତର୍ଗତ ଜରାଛାଟ ଗାଁରେ ଆଜି ଗିରିଗୋବର୍ଦ୍ଧନ ପୂଜା ବେଳେ ବଜ୍ରପାତରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ କଣିହାଁ, ଛେଣ୍ଟିପଦା ଓ କୋସଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ରାତି ସୁଦ୍ଧା ରାକେଶ ସାହୁ, ବିକାଶ ବିଶ୍ୱାଳ ଓ କଣିହାଁ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କ ସଂଜ୍ଞା ଫେରି ନ ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଜରାଛାଟ ଗାଁ କମିଟି ଆନୁକୂଲ୍ୟରେ ଆଜି ଗାଁରେ ଥିବା ଚିତ୍ରକୂଟ ପର୍ବତରେ ଗିରିଗୋବର୍ଦ୍ଧନ ପୂଜା ଆୟୋଜନ କରାଯାଇଥିଲା। କଣିହାଁ ଅଞ୍ଚଳରେ ଥିବା ଟାଙ୍ଗୁଡ଼ିଆ ମଠର ବାବା ଚନ୍ଦ୍ରଶେଖର ପୂଜକ ଭାବେ ଚିତ୍ରକୂଟ ପର୍ବତ ଉପରେ ପୂଜା ଓ ଯଜ୍ଞ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ପାହାଡ଼ ଉପରେ ଗିରିପୂଜା ଦେଖିବା ପାଇଁ ଗାଁରୁ ପ୍ରାୟ ୭୦/୮୦ଜଣ ମହିଳା ପୁରୁଷ ଓ ଶିଶୁ ଉପସ୍ଥିତ ଥିଲେ। ପୂଜା ଆରମ୍ଭ ହେବାର ମାତ୍ର କିଛି ସମୟ ପରେ ଆକାଶରେ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ପ୍ରବଳ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା। ଏଥିରେ ପାହାଡ଼ ଉପର ପୂଜାସ୍ଥଳୀ ନିକଟରେ ଥିବା ୪୦/୫୦ଜଣ ସଂଜ୍ଞାହୀନ ହୋଇପଡ଼ି ଯାଇଥିଲେ। ଏହାକୁ ନେଇ ସେଠାରେ ଭୟର ବାତାବରଣ ଖେଳିଯାଇଥିଲା। ମାତ୍ର, ପୂଜକ ଚନ୍ଦ୍ରଶେଖର ବାବା ଗାଁ କମିଟି ସଭାପତି ତ୍ରିବିକ୍ରମ ସାହୁ ଓ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ବର୍ତ୍ତି ଯାଇଥିବାରୁ ସେମାନେ ଘଟଣା ସମ୍ପର୍କରେ ଗାଁ ଲୋକଙ୍କୁ ଖବର ଦେବା ସହ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଆସିବାରୁ ପରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ ସାହୁ ବୋଲେରୋ ଯୋଗେ ଗୁରୁତର ଭାବେ ଆହତଙ୍କୁ ପାହାଡ଼ରୁ ୪ କିମି ତଳକୁ ଆଣି ଭିନ୍ନଭିନ୍ନ ଡାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ କୁଣ୍ଢେଇଗୋଳା ପୁଲିସ ନିକଟରେ କୌଣସି ସୂଚନା ନଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଆଜି ରାଜ୍ୟବ୍ୟାପୀ ବର୍ଷା



**୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

**ଗୁରୁବାରରୁ ବଦଳିବ ପାଗ**

ଭୁବନେଶ୍ୱର,୬।୯(ସମିସ): ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଅଳ୍ପ ବହୁତେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଶନିବାର ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରବିବାର ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଓ ଘଡଘଡିର ସମ୍ଭାବନା ରହିଛି। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉପରୋକ୍ତ ୫ ଜିଲ୍ଲା ବ୍ୟତୀତ ଅନ୍ୟ ୨୫ଟି ଜିଲ୍ଲାରେ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡିର ସମ୍ଭାବନା ଅଛି। ସୋମବାର ବର୍ଷାର ବିସ୍ତୃତି ସାମାନ୍ୟ ହ୍ରାସ ପାଇବ, ମାତ୍ର ମଙ୍ଗଳବାର ଓ ବୁଧବାର ବର୍ଷାର ବିସ୍ତୃତି ବଢ଼ିବ। ଉକ୍ତ ୨ ଦିନ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ଗୁରୁବାରଠାରୁ ପାଗରେ ପରିବର୍ତ୍ତନ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଅପରପକ୍ଷେ ଶନିବାର ପାଣିପାଗ କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୌଦ୍ଧରେ ସର୍ବାଧିକ ୮୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଡୁଙ୍ଗୁରିପାଲୀରେ ୮୦ ମିମି, ବଲାଙ୍ଗୀରରେ ୭୫ ମିଲିମିଟର, କନ୍ଧମାଳର କୋଟଗଡରେ ୬୨ ମିଲିମିଟର, କୋରାପୁଟର ନନ୍ଦପୁରରେ ୬୧ ମିଲିମିଟର, କଳାହାଣ୍ଡିର ଲାଞ୍ଜିଗଡରେ ୫୯ ମିଲିମିଟର, କୋରାପୁଟର ସେମିଳିଗୁଡାରେ ୫୪ ମିଲିମିଟର, କେନ୍ଦୁଝରର ବାଂଶପାଳରେ ୪୯.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**ଗଣେଶ ଭସାଣି ବେଳେ ଅଘଟଣ**

## ହୃଦ୍‌ଘାତରେ ଚାଲିଗଲା ୨ ଜୀବନ

ରାୟଗଡ଼ା/ କଲ୍ୟାଣସିଂହପୁର, ୬।୯(ସମିସ): ଗଣେଶ ବିସର୍ଜନ ବେଳେ ହୃଦ୍‌ଘାତରେ ଚାଲିଗଲା ୨ ଜୀବନ। ଗତ ୨୪ ଘଣ୍ଟାରେ ରାୟଗଡ଼ା ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ଏପରି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ସହର ରାମକୃଷ୍ଣ ନଗର ପୋଷ୍ଟ ଅଫିସ୍ ଲାଇନର ବାସିନ୍ଦା ଚନ୍ଦ୍ର ଖରାଙ୍କ ପୁଅ ସୂରଜ ଖରା (୨୮) ଏବଂ କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ଗ୍ରାମର ଜାଡି ବେଣୁଗୋପାଳ। ବିସର୍ଜନ ଶୋଭାଯାତ୍ରାରେ ସୂରଜ ନାଚୁନାଚୁ ଗଳି ପଡ଼ିଥିବା ବେଳେ ଡିଜେର ଅତ୍ୟଧିକ ଶବ୍ଦ ବେଣୁଗୋପାଳଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଗତକାଲି ରାୟଗଡ଼ା ସହରସ୍ଥିତ ରାମକୃଷ୍ଣନଗର ନବମ ଲାଇନରେ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲା। ଶୋଭାଯାତ୍ରାରେ ସୂରଜ ନାଚିନାଚି ଯାଉଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡ଼ା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି। ସେହିପରି ଆଜି ସଂଧ୍ୟା ପ୍ରାୟ ୬ଟାରେ କଲ୍ୟାଣସିଂହପୁର ବ୍ଲକ୍ ମାଝୀଗୁଡ଼ା ଗ୍ରାମରେ ଗଣେଶ ଭସାଣି ଚାଲିଥିଲା। ଶୋଭଯାତ୍ରାରେ ଜାଡି ବେଣୁଗୋପାଳ ସାମିଲ ଥିଲେ। ତେବେ ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁଁ ବେଣୁଗୋପାଳଙ୍କ ହୃଦ୍‌ଘାତ ହୋଇଥିଲା ଏବଂ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ।

**ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ଚିଠି**

## ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ

ଭୁବନେଶ୍ୱର,୬।୯(ସମିସ): ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖି ସରକାର ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ଏସବୁ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଯେପରି ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସି ଜନସାଧାରଣଙ୍କୁ ସେବା ଯୋଗାଇବେ, ତାହା ନିଶ୍ଚିତ କରିବା ପାଇଁ ତୁରନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରି ତୁରନ୍ତ ଅଗ୍ରଗତିର ରିପୋର୍ଟ ଦେବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ବିଭାଗ ନିର୍ଦ୍ଦେଶ ଦେଇଛି।

**ପୁଣି ଇସ୍କନ୍ ଉପରେ ବର୍ଷିଲେ ଗଜପତି**

# ନୀତି, ପରମ୍ପରା ନ ମାନିଲେ ଆଇନର ଆଶ୍ରୟ ନିଆଯିବ



**"ଭଗବାନ କୃଷ୍ଣଙ୍କ ପ୍ରଚାର କରିବା ଭଲ; ଅଦିନରେ କଲେ ମଙ୍ଗଳ ନୁହେଁ"**

**ନୀତି ଅନୁଯାୟୀ ପରମ୍ପରା ପାଳନ କରିବାକୁ ଇସ୍କନକୁ ଏକ ମାସର ମହଲତ**

ଭୁବନେଶ୍ୱର, ୬।୯ (ସମିସ): ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରଚାର କରିବା ଭଲ; କିନ୍ତୁ ଅଦିନରେ କଲେ ମଙ୍ଗଳ ନୁହେଁ। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହଦେବ ଏପରି କହିବା ସହ ଇସ୍କନର କାର୍ଯ୍ୟଶୈଳୀ ଉପରେ ଭୀଷଣ ବର୍ଷିଛନ୍ତି।

ଗଜପତି କହିଛନ୍ତି ଯେ ମହାପ୍ରଭୁଙ୍କ ସବୁ ନୀତି ନିଜେ ମହାପ୍ରଭୁ ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ଇସ୍କନ ବାରମ୍ବାର ଏହାକୁ ଉଲ୍ଲଂଘନ କରିଆସୁଛି। ନୀତି ଓ ପରମ୍ପରାକୁ ନ ମାନିଲେ ଆମେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବୁ। ପଶ୍ଚିମବଙ୍ଗର ମାୟାପୁରୀରେ ଥିବା ଇସ୍କନ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୦୦ ପୃଷ୍ଠା ବିଶିଷ୍ଟ ଏକ ରିପୋର୍ଟ ପଠାଯାଇଛି। ଇସ୍କନ କ'ଣ ଉତ୍ତର ଦେଉଛି, ତାହାକୁ ଅପେକ୍ଷା କରାଯାଇଛି। ସେ ଆହୁରି କହିଥିଲେ, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଯଦି ପଢ଼ିବେ, ୫୦ବର୍ଷ ଧରି ଇସ୍କନ ଭୁଲ୍ କାମ କରିଆସୁଛି। ବିଦେଶରେ ଯେତେବେଳେ ରଥଯାତ୍ରା ଆରମ୍ଭ ହୋଇଥିଲା, ପୁରୀ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଭ୍ରାଟ ଦେଖାଯାଇଥିଲା। ଅଳ୍ପ କିଛି ସ୍ଥାନରେ ପୁରୀ ସହ ସ୍ନାନଯାତ୍ରା ଓ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ଅନେକ ସ୍ଥାନରେ ରଥଯାତ୍ରା ତିଥି ବାହାରେ ଆୟୋଜନ ହେଉଛି।

୨୦୨୧ ଜୁଲାଇ ୨୧ରେ ଇସ୍କନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ଯେ ଭାରତ ଭିତରେ ପୁରୀ ପରମ୍ପରା ସହିତ ରଥଯାତ୍ରାର ଆୟୋଜନ କରାଯିବ। କିନ୍ତୁ ଚଳିତବର୍ଷ ଭାରତ ଭିତରେ ଏହାର ଉଲ୍ଲଂଘନ କରାଯାଇଛି। ସେହିପରି ଚଳିତବର୍ଷ ବିଦେଶରେ ୬୮ଟି ସ୍ଥାନରେ ଅଦିନିଆ ରଥଯାତ୍ରା ପାଳନ କରାଯାଇଛି। ଇସ୍କନ ସହ ଯୋଗାଯୋଗ କରିବାରୁ ଜାଣିବାକୁ ପାଇଲୁ ଯେ, ସ୍ନାନଯାତ୍ରାରେ ମଧ୍ୟ ଏଭଳି ବିଭ୍ରାଟ ଦେଖାଯାଉଛି। ଜୁଲାଇ ପର୍ଯ୍ୟନ୍ତ ଦେଶରେ ୪୦ଟି ସ୍ଥାନରେ ସ୍ନାନଯାତ୍ରା ଆୟୋଜନ କରାଯାଇଛି। ଅନେକ ଚିଠି ସତ୍ତ୍ୱେ ଇସ୍କନ ପକ୍ଷରୁ ଭାରତ ବାହାରେ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମା ଓ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଆୟୋଜନ କରିବାକୁ ଏକ ପ୍ରସ୍ତାବ ଦିଆଯାଇଛି। ତେଣୁ ଏହା ଉପରେ ଇସ୍କନ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଗଜପତି ମହାରାଜ ପରାମର୍ଶ ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଥିଲେ, ଇସ୍କନ ପକ୍ଷରୁ ବିଦେଶରେ ଆୟୋଜିତ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆଦୌ ଗ୍ରହଣୀୟ ନୁହେଁ। ପୁରୀ ସହ ଦେଶ-ବିଦେଶରେ ରଥଯାତ୍ରା ଓ ସ୍ନାନ ଯାତ୍ରା ଗୋଟିଏ ଦିନରେ ହେବା ଉଚିତ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଇସ୍କନ ପକ୍ଷରୁ ୧୮ଟି ସ୍ଥାନରେ ସ୍ନାନଯାତ୍ରା କରାଯାଇଥିଲା। ଇସ୍କନ ପକ୍ଷରୁ ମିଳିଥିବା ଦସ୍ତାବିଜ୍ ଅନୁଧ୍ୟାନ ପରେ ଏହା ଜଣାଯାଇଛି। କିନ୍ତୁ ଇସ୍କନର ଏହି ପଦକ୍ଷେପ ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ଶାସ୍ତ୍ର ତଥା ପରମ୍ପରା ବିରୋଧୀ ଇସ୍କନର ଏହି କାର୍ଯ୍ୟକୁ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମଧ୍ୟ ଘୋର୍ ନିନ୍ଦା କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ଏବଂ ରଥଯାତ୍ରା ପାଳନ କରିବାରେ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଶାସ୍ତ୍ର ଏବଂ ପରମ୍ପରାକୁ ଅମାନ୍ୟ ତଥା ଅସମ୍ମାନ କରିବା ସମଗ୍ର ବିଶ୍ୱର କୋଟିକୋଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରୁଛି। ଏଭଳି ପରିସ୍ଥିତିରେ ଶାସ୍ତ୍ର ତଥା ପ୍ରଚଳିତ ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଯାହା ସମସ୍ତ ଇସ୍କନ ମନ୍ଦିର ତଥା କେନ୍ଦ୍ରରେ ପାଳନ କରିବାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ (ଏକ ମାସ ମଧ୍ୟରେ) ଇସ୍କନର ଗଭର୍ଣ୍ଣିଂ ବଡି କମିଶନ୍ (ମାୟାପୁର)ଙ୍କୁ ପୁଣି ଥରେ ଅନୁରୋଧ କରିଯାଇଛି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ବିଦ୍ୱାନ୍, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

**■ ସାଇନ୍ସ ସିଟି ନିର୍ମାଣ ପାଇଁ ସରକାର ତତ୍ପର**

## ପାଟନା ଅବଦୁଲ କଲାମ ସାଇନ୍ସ ସିଟିରୁ ଆସିବେ ସ୍ୱତନ୍ତ୍ର ଅଧିକାରୀ

ଭୁବନେଶ୍ୱର, ୬।୯ (ସମିସ): ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ମର୍ମରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଥିବା ସାଇନ୍ସ ସିଟିର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତା ମଧ୍ୟ ଅନୁଧ୍ୟାନ କରୁଛନ୍ତି। ଗତ ସପ୍ତାହରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ବିହାର ଗସ୍ତ କରି ପାଟନାସ୍ଥିତ ଡ. ଏପିଜେ ଅବଦୁଲ କଲାମ ସାଇନ୍ସ ସିଟି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଓ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭୁବନେଶ୍ୱରରେ ୧୦୦ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ଉକ୍ତ ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ନିମଜ୍ଜିତ ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ରହିବ। ସାଇନ୍ସ ସିଟି ନିର୍ମାଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ବିହାର ରାଜ୍ୟର ସ୍ୱତନ୍ତ୍ର ଅଧିକାରୀଙ୍କୁ ଆମ ରାଜ୍ୟକୁ ଆମନ୍ତ୍ରଣ କରାଯିବ। ଆବଶ୍ୟକ ଅନୁସାରେ ସେମାନଙ୍କ ପରାମର୍ଶ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ଛାଡୁଛନ୍ତି ଗୋଟିଏ ପରେ ଗୋଟିଏ ଶିଳ୍ପାନୁଷ୍ଠାନ: ବିଜେଡି



**ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ସଦ୍ୟତମ ନମୁନା**

**ଜେଏସ୍‌ଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ମଧ୍ୟ ଅନ୍ୟ ରାଜ୍ୟ ସହିତ ଚୁକ୍ତି କରିଛନ୍ତି**

ଭୁବନେଶ୍ୱର,୬।୯(ସମିସ): ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଏବେ ଡିଣ୍ଡିମ ପିଟୁଛନ୍ତି। ମାତ୍ର ପୂର୍ବ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିବା ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡ଼ିଶା ଛାଡୁଛନ୍ତି ବୋଲି ଉଲ୍ଲେଖ କରି କ୍ଷୋଭ ପ୍ରକାଶ କରିଛି ବିଜେଡି । ୨୦୨୩ ମସିହାରେ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିବା ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ କାରଖାନା ସ୍ଥାପନ ନିମନ୍ତେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଚୁକ୍ତି ପରେ ଏହି କମ୍ପାନୀ ଓଡ଼ିଶା ଛାଡିବା ସ୍ପଷ୍ଟ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଦୁଇଟି ନୂଆ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦେଇଥିଲେ; କିନ୍ତୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ବେଳକୁ ପୂର୍ବରୁ ଚୁକ୍ତି କରିଥିବା ଗୋଟିଏ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶା ଛାଡୁଥିବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି କହିଛି ବିଜେଡି।

ଶନିବାର ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା କହିଛନ୍ତି ଯେ ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଓଡ଼ିଶାରେ ୩୦୦୦୦ କୋଟି ନିବେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବୁଝାମଣା କରିଥିଲା। ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଞ୍ଚଳରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୭୦୦ ଏକର ଜମି ଚିହ୍ନଟ ହୋଇଥିଲା। କିନ୍ତୁ ଏବେ ସେହି କମ୍ପାନୀ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ପ୍ରତିଷ୍ଠା କରିବା ପାଇଁ ଆନ୍ଧ୍ର ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହା ପୂର୍ବରୁ ଓଡ଼ିଶା ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ଇସ୍ପାତ ପ୍ରକଳ୍ପ ଯଥାକ୍ରମେ ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି।

ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖୋର୍ଦ୍ଧା ଠାରେ ସାଇନ୍ସ ସିଟି ପ୍ରତିଷ୍ଠା ହେବ ବୋଲି କରିଥିବା ଘୋଷଣା ବାସ୍ତବରେ ନବୀନ ସରକାରଙ୍କ ସମୟରେ ରୂପ ଦିଆଯାଇଥିଲା। ଖୋର୍ଦ୍ଧା ନିକଟବର୍ତ୍ତୀ ବରୁଣେଇ ଅଞ୍ଚଳରେ ୫୦ ଏକର ଜମିରେ ସାଇନ୍ସ ସିଟି ନିର୍ମାଣ କରିବା ପାଇଁ ନବୀନ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବା ସହିତ ଆବଶ୍ୟକୀୟ ଜମି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ହୋଇଥିଲା।

# ହୀରାକୁଦ ବନ୍ଦକଲା ୮ ଗେଟ୍

**୧୬ ଗେଟ୍ ଦେଇ ଜଳ ନିଷ୍କାସନ ଜାରି**

ସମ୍ବଲପୁର, ୬।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା କମିବା ପରେ ଆଜି ସକାଳୁ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ୧୬ଟି ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ପ୍ରବେଶ ଜଳର ପରିମାଣ ଅନୁଯାୟୀ ପର୍ଯ୍ୟାୟକ୍ରମେ ଅଧିକ ଗେଟ୍ ବନ୍ଦ ହେବ ବୋଲି ଜଣାପଡ଼ିଛି।

ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୩୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଓ ଡାହାଣ ପାର୍ଶ୍ୱର ୫ଟି; ଏହିଭଳି ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୮,୯୮୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୪,୯୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୮,୬୫୬ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୩୨,୦୦୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି।



ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨,୪୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପର୍ଥଲାଠାରେ ୩୩,୧୩୪ ଘନଫୁଟ, ଖଇରମାଳଠାରେ ୫,୩୪,୦୦୦ ଘନଫୁଟ, ବାରମୁଲଠାରେ ୪,୮୪,୫୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୪,୩୬,୮୦୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା। ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୧.୨୦ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୮.୭୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୨୭ ଫୁଟ୍ ରହିଥିଲା।

ସକାଳ THE SAKALA



# ଲଡୁ ନିଲାମରେ ମହାବିଭ୍ରାଟ; ଫିକା ପଡ଼ିଲା ସମାରୋହ





ତାଳଚେର ସହର/ ତାଳଚେର,୬ା୯(ସମିସ)

ତାଳଚେରର ଗଣପର୍ବ ଶ୍ରୀଗଣେଶ ପୂଜା ୨୭ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୭ ତାରିଖ ଉଦଯାପିତ ହେବ। ଏହି ଉପଲକ୍ଷେ ଶନିବାର କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ଗଜାନନଙ୍କ ଆଜ୍ଞାଲଡୁ ନିଲାମ କାର୍ଯ୍ୟକ୍ରମ ରଖାଯାଇଥିଲା। ତେବେ ଏହି ନିଲାମ ସମାରୋହ ବର୍ଷ ସମ୍ପୂର୍ଣ୍ଣ ଫିକା ପଡ଼ିଯାଇଥିଲା। ବିଭ୍ରାଟ କାରଣରୁ ଅସନ୍ତୁଷ୍ଟ ହୋଇ କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ତାଳଚେର ଉପଜିଲ୍ଲାପାଳ କମିଟି ସଭାପତି ପଦରୁ ଇସ୍ତଫା ଦେବାନେଇ ଖୋଲା ମଞ୍ଚରେ ପ୍ରକାଶ କରିଛନ୍ତି।

ଲଡୁ ଗଣେଶ ମନ୍ଦିର ପାଖରୁ ଆସି ନିଲାମ ମଣ୍ଡପ ପାଖରେ ପହଞ୍ଚିବା ପାଇଁ କମିଟି ପକ୍ଷରୁ ଅପରାହ୍ନ ସାଢ଼େ ୪ଟା ସମୟ ନିର୍ଦ୍ଧାରଣ ହୋଇଥିଲା। କିନ୍ତୁ ସନ୍ଧ୍ୟା ୬ଟା ପରେ ଲଡୁ ମଣ୍ଡପ ପାଖରେ ପହଞ୍ଚିଥିଲା। ପରେ ଅଂଶୀଦାରମାନେ ବହୁ ବିଳମ୍ବ ପର୍ଯ୍ୟନ୍ତ ଲଡୁ ନିଲାମରେ ଭାଗ ନେଇନଥିଲେ। ଚଳିତ ବର୍ଷ ବହୁତ୍ କମ୍ ସଂଖ୍ୟକ ଦର୍ଶକ ନିଲାମ ପେଣ୍ଡାଲ ପାଖରେ ଉପସ୍ଥିତ ଥିଲେ। କମିଟିର ବହୁ ଅନୁରୋଧ ପରେ ମାତ୍ର ୨ରୁ ୩ ଜଣ ନିଲାମ ଡାକିଥିଲେ। ସର୍ବାଧିକ ୧୨ ଲକ୍ଷ ଡାକି ସୌଭାଗ୍ୟ ମହାରଣା ଆଜ୍ଞାଲଡୁ ନିଲାମ ଧରିଥିଲେ। ସନ୍ଧ୍ୟା ୭ଟାରେ ନିଲାମ ଶେଷ ହୋଇଥିବା ବେଳେ ରାତି ୯ଟା ପର୍ଯ୍ୟନ୍ତ ମଞ୍ଚରେ ଉପସ୍ଥିତ ଅତିଥି ଏବଂ କମିଟି ସଦସ୍ୟମାନେ ନିଲାମ ଜିତିଥିବା ଲୋକଙ୍କୁ ଅପେକ୍ଷା କରି ରହିଥିଲେ। ଶେଷରେ ଦର୍ଶକମାନେ କ୍ଷୁବ୍ଧ ହୋଇ ପେଣ୍ଡାଲ ପରିସରରୁ ପଳାଇଲେ। ୨୦୨୩ରେ ୨୨ ଲକ୍ଷ ୨୨ ହଜାର ୨୨୨ ଟଙ୍କାରେ ଲଡୁ ନିଲାମ ଯାଇଥିଲା। ସେହିପରି ୨୦୨୪ରେ ୧୯ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ ଯାଇଥିଲା। କିନ୍ତୁ ଚଳିତ ଥର ମାତ୍ର ୧୨ ଲକ୍ଷ ଟଙ୍କା ନିଲାମ ଡାକ ହୋଇଥିଲେ ମଧ୍ୟ ନିଲାମ ଜିତିଥିବା ଅଂଶୀଦାର ପେଣ୍ଡାଲ ଛାଡ଼ି ପଳାଇ ଯାଇଥିଲେ। ଶେଷରେ ଦ୍ୱିତୀୟ ସର୍ବାଧିକ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ୧୧ ଲକ୍ଷ ୫୦ ହଜାର ଟଙ୍କାରେ ଲଡୁ ନେବାପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ୍ୟ ସେ ରାଜି ନ ହେବାରୁ ତୃତୀୟ ବ୍ୟକ୍ତିଙ୍କୁ ପଚରାଯାଇଥିଲା। ତେବେ ସେ ମଧ୍ୟ ଲଡୁ ନ ନେବାରୁ ପୁନର୍ବାର ନିଲାମ ଡାକ କାର୍ଯ୍ୟ ହୋଇଥିଲା। ଏହାକୁ ବିରୋଧ କରି ପେଣ୍ଡାଲ ତଳେ ଉତ୍ତେଜନା ଦେଖାଯାଇଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଶେଷରେ ଉପଜିଲ୍ଲାପାଳ ପେଣ୍ଡାଲ ଛାଡ଼ି ପଳାଇଥିଲେ।

- କେନ୍ଦ୍ରୀୟ ପୂଜା କମିଟି ସଭାପତି ପଦ ଛାଡ଼ିଲେ ଉପଜିଲ୍ଲାପାଳ
- ନିଲାମରେ ଅଂଶଗ୍ରହଣ କରିବାକୁ କାକୁତିମିନତି ହେଲା କମିଟି
- ବହୁ ବ୍ୟତିକ୍ରମ, କାର୍ଯ୍ୟାନୁଷ୍ଠାନ ହେବ କି ନାହିଁ, ଉଠିଲା ପ୍ରଶ୍ନ
- ୩ ଘଣ୍ଟା ଧରି ୧୨ ଲକ୍ଷରୁ ଉଠିଲା ନାହିଁ ନିଲାମ ଡାକ
- ନିଲାମ ଜିତିଥିବା ଅଂଶୀଦାର ପେଣ୍ଡାଲ ଛାଡ଼ି ପଳାଇଲେ

## ପୂଜାରେ ମନଇଚ୍ଛା ଗାତଖୋଳି ଫାଇନ ଗଣିଲେ

ଅନୁଗୋଳ,୬ା୯(ସମିସ): ଗଣେଶ ପୂଜା ସମୟରେ ମନଇଚ୍ଛା ଗାତଖୋଳି ସରକାରୀ ରାସ୍ତା ନଷ୍ଟ କରିଥିବା ଅଭିଯୋଗରେ ଅନୁଗୋଳ ସହରର ବିଭିନ୍ନ ଟେଣ୍ଟ ହାଉସକୁ ଦଣ୍ଡ ଗଣିବାକୁ ପଡ଼ିଛି। ସ୍ୱସ୍ତିକ ଟେଣ୍ଟ ହାଉସକୁ ୧୬୦୦ ଟଙ୍କା, ସନ୍ତୋଷିନୀ ଟେଣ୍ଟ ହାଉସକୁ ୩୦୪୦ ଟଙ୍କା, ଜଳ ଟେଣ୍ଟ ହାଉସକୁ ୨୨୪୦ ଟଙ୍କା, ପ୍ରଧାନ ଟେଣ୍ଟ ହାଉସକୁ ୮୦୦୦ ଟଙ୍କା, ଉମାଶଙ୍କର ଟେଣ୍ଟ ହାଉସକୁ ୮୦୦ ଟଙ୍କା, ବିନାୟକ ଟେଣ୍ଟ ହାଉସକୁ ୪୮୦ ଟଙ୍କା, ସାକସିଙ୍ଗା ଟେଣ୍ଟ ହାଉସକୁ ୮୮୦ ଟଙ୍କା, ସାକସିଙ୍ଗା ପ୍ରଧାନ ଟେଣ୍ଟ ହାଉସକୁ ୭୩୬୦ ଟଙ୍କା ଓ ମହିମା ଟେଣ୍ଟ ହାଉସକୁ ୫୧୨୦ ଟଙ୍କା ଫାଇନ୍ କରାଯାଇଛି।

## ଚଳନ୍ତା ବାଇକ୍‌ରେ ଲାଗିଲା ନିଆଁ

ନାଲକୋନଗର,୬ା୯(ସମିସ): ନାଲକୋ ନଗର ଥାନା ଅନ୍ତର୍ଗତ ସିପିପି ପ୍ଲାଣ୍ଟକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଚଳନ୍ତା ବାଇକରେ ନିଆଁ ଲାଗିଯାଇଛି। ଶନିବାର ଅପରାହ୍ନ ୪ଟାରେ ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମର ଶିବାଜୀ ଗୋଚ୍ଛାୟତ ବାଇକ୍‌ରେ ନାଲକୋ ଅଞ୍ଚଳରୁ ଏକ ଘରୋଇ ଗ୍ୟାସ ଟାଙ୍କି ବାନ୍ଧି ଘରକୁ



ନେଉଥିବା ବେଳେ ସିପିପି ରୋଡରେ ହଠାତ୍ ତାଙ୍କ ବାଇକ୍‌ରୁ ଧୂଆଁ ବାହାରିବା ଜାଣିବାକୁ ପାଇଥିଲେ। ତେବେ ସେ ନିଜ ଉପସ୍ଥିତ ବୁଦ୍ଧି ଲଗାଇ ନିଆଁ ଲାଗିବା ପୂର୍ବରୁ ଗାଡ଼ିରୁ ଗ୍ୟାସ ସିଲିଣ୍ଡରକୁ ଓହ୍ଲାଇ ଦୂରକୁ ନେଇଯାଇଥିଲେ। ଏହାର କିଛିକ୍ଷଣ ମଧ୍ୟରେ ଗାଡ଼ିଟି ହୁ ହୁ ହୋଇ ଜଳି ଉଠିଥିଲା। ଖବର ପାଇ ନାଲକୋ ସିପିପି ପ୍ଲାଣ୍ଟ ସିଆଇଏସଏଫର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣା ପାଇଁ କିଛି ସମୟ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ହୋଇଥିଲା।

## ଖମାରରୁ ଚୋରି ଟ୍ରାକ୍ଟର ମାଲକାନଗିରିରୁ ଉଦ୍ଧାର





ଖମାର,୬ା୯(ସମିସ): ପାଲଲହଡ଼ା ଉପଖଣ୍ଡ ଖମାର ଥାନା ନିମିରିବେଡ଼ା ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କ ପାଉଁଶ ଇଟା ଫାକ୍ଟ୍ରିରୁ ଗତ ଜୁଲାଇ ୧୫ ତାରିଖ ରାତିରେ ଚୋରି ହୋଇଥିବା ଟ୍ରାକ୍ଟର ମାଲକାନଗିରି ଜିଲ୍ଲା କାଲିମେଳା ଥାନା ତେଲରାଇ ପଞ୍ଚାୟତ ରାଜଲକୋଣ୍ଡା ଗ୍ରାମରୁ ଉଦ୍ଧାର ହୋଇଛି। ଟ୍ରାକ୍ଟର ଚୋରି ସମ୍ପର୍କରେ ପ୍ରଶାନ୍ତ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ଅରୁଣ କୁମାର ପଣ୍ଡା ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ। ଚୋରି ହୋଇଥିବା ସ୍ଥାନରେ ସେହି ସମୟରେ ଥିବା ମୋବାଇଲଗୁଡ଼ିକ ଟ୍ରାକ୍ କରି ଚୋରଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି। ଟ୍ରାକ୍ଟର ଚୋରି କରିଥିବା ଖମାର ପଞ୍ଚାୟତ ଓଡ଼ଶ ଗ୍ରାମର ରଞ୍ଜନ କୁମାର ସାହୁଙ୍କ ପୁଅ ସୁନୀଲ କୁମାର ସାହୁ (୨୫), ସଦା ପଧାନଙ୍କ ପୁଅ ହରି ପଧାନ (୩୫)ଙ୍କୁ ଗିରଫ କରାଯାଇଛି। ସେହିପରି ଚୋରି ଟ୍ରାକ୍ଟର କିଣିଥିବା ମାଲକାନଗିରି ଜିଲ୍ଲା କାଲିମେଳା ଥାନା ରାଜଲକୋଣ୍ଡା ଗ୍ରାମର ଶୁକା କବାସୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରାକ୍ଟରକୁ ମାଲିକ ପ୍ରଶାନ୍ତଙ୍କ ଜିମା ଦିଆଯାଇଛି।

## ହାତୀ-ମଣିଷ ସଙ୍ଘର୍ଷକୁ ନେଇ ସାଂସଦଙ୍କ ଉଦବେଗ

ଢେଙ୍କାନାଳ,୬ା୯(ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜରେ ପ୍ରତିଦିନ ହାତୀ-ମଣିଷ ସଙ୍ଘର୍ଷରେ ଜୀବନହାନି ଘଟୁଛି। ଏହାକୁ ନେଇ ସାଂସଦ ରୁଦ୍ରନାରାୟଣ ପାଣି ଉଦବେଗ ପ୍ରକାଶ କରିବା ସହ ହାତୀ ଉପଦ୍ରବରୁ ଜନଜୀବନ ସୁରକ୍ଷା ଦେବାକୁ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି। ଉପଖଣ୍ଡରେ ଉପଦ୍ରବ କରୁଥିବା ହାତୀମାନଙ୍କୁ ୧ ମାସ ମଧ୍ୟରେ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବା ସହ କେତେକ ହାତୀଙ୍କୁ ଟ୍ରାଙ୍କୁଲାଇଜ କରାଯାଇ ସ୍ଥାନାନ୍ତର କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## କାମାକ୍ଷାନଗରକୁ ଜିଲ୍ଲା ମାନ୍ୟତା ଦାବିକଲା କଂଗ୍ରେସ



କାମାକ୍ଷାନଗର,୬ା୯(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରକୁ ଜିଲ୍ଲା ଘୋଷଣା କରିବା ସହ ବିଭିନ୍ନ ଦାବି ନେଇ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଆଳତୁମାଠାରେ ଅନୁଷ୍ଠିତ ସାମ୍ବାଦିକ ସମିଳନୀରେ ବରିଷ୍ଠ ନେତା ତଥା ଗତ ନିର୍ବାଚନରେ ଦଳର ବିଧାୟକ ପ୍ରାର୍ଥୀ ଥିବା ବିପ୍ରବର ସାହୁ ଉପସ୍ଥିତ ରହି କହିଲେ, ଜିଲ୍ଲା ସଦର ମହକୁମାଠାରୁ କାମାକ୍ଷାନଗର, କଙ୍କଡ଼ାହାଡ଼, ପରଜଙ୍ଗ, ଭୁବନ ଆଦି ବ୍ଲକ ବହୁ ଦୂରରେ ଥିବାରୁ ଏଠାକାର ଜନସାଧାରଣ ଜିଲ୍ଲା ସଦର ମହକୁମା ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କାମାକ୍ଷାନଗରରୁ ଜିଲ୍ଲା ସଦର ମହକୁମା ଯିବାକୁ ବ୍ରହ୍ମଣୀ ଓ ରାମିଆଳ ନଦୀରେ ଥିବା ବ୍ରିଜ ଭାଙ୍ଗିରୁଜି ଯାଇଥିବା ବେଳେ ଅନେକ ସମୟରେ ପ୍ରତିବନ୍ଧକ ସାଜୁଥିବାରୁ ଜନସାଧାରଣ ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ଟି ବ୍ଲକକୁ ନେଇ ଗଠିତ କମାକ୍ଷାନଗର ଉପଖଣ୍ଡ ରାଜ୍ୟର ସର୍ବବୃହତ ଉପଖଣ୍ଡ ହୋଇଥିବାରୁ ଏହା ଜିଲ୍ଲା ପାଇଁ ଯଥାର୍ଥ ବୋଲି ସାହୁ ପ୍ରକାଶ କରିଛନ୍ତି। ସେହିପରି ଉପଖଣ୍ଡର ଜିରାଳ, ପଣ୍ଡୁଆ, ବିରାଶାଳ, ମହବିରୋଡ୍, ଅନଳକୁ ବ୍ଲକ ଘୋଷଣା କରିବା ପାଇଁ ଦାବି କରିଛନ୍ତି। ଭୁବନ ଓ କାମାକ୍ଷାନଗର ଏନଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଅନେକ ସମୟରେ କାମାକ୍ଷାନଗର ଉପଖଣ୍ଡରେ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ଯୋଗୁଁ ଧନଜୀବନ ନଷ୍ଟ ହେଉଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର, ଗୋରଡ଼ିଆ-ମାର୍ଥାପୁର ରାସ୍ତା ମରାମତି କରିବା ପାଇଁ ଅନୁରୋଧ କରିଛନ୍ତି। ଦଳମତ ନିର୍ବିଶେଷରେ ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ସାମ୍ବାଦିକ ସମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ଉପଦେଷ୍ଟା ଅଯୋଧ୍ୟା ପ୍ରସାଦ ଶତପଥୀ, ପୂର୍ବତନ ନଗର କଂଗ୍ରେସ ସଭାପତି କମାକ୍ଷାପ୍ରସାଦ ପଣ୍ଡା, ପୂର୍ବତନ ଜିଲ୍ଲା ସମ୍ପାଦକ ସଞ୍ଜୀବ ବେହେରା ପ୍ରମୁଖ ସାମିଲ ଥିଲେ।

# ବିଭିନ୍ନ ଅନୁଷ୍ଠାନରେ ଗୁରୁଦିବସ ଓ ଗୁରୁପୂଜନ କାର୍ଯ୍ୟକ୍ରମ

ଢେଙ୍କାନାଳ,୬ା୯(ସମିସ)



ଢେଙ୍କାନାଳ ସହର ନିକଟ ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତାଥା ପରିଚାଳନା ସମିତିର ପୂର୍ବତନ ସଭାପତି କ୍ଷେତ୍ରବାସୀ ସାହୁ ଯୋଗଦେଇ ଗୁରୁ ଯୋଗ୍ୟ ହେଲେ ଶିଶୁ ଯୋଗ୍ୟ ହେବ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ଉଦ୍ଦେଶ୍ୟ କଥନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବାବୁଚାନ୍ଦ ମହାଳିକ ଅଧକ୍ଷତା କରିଥିଲେ। ଶିଶୁମାନଙ୍କ ଦ୍ୱାରା ଅତିଥି ଓ ଗୁରୁଜୀ ଗୁରୁମାମାନଙ୍କୁ ପୂଜନ କରାଯାଇଥିଲା। ସହପ୍ରଧାନ ଅଚାର୍ଯ୍ୟା ଅରୁନ୍ଧତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ଶିବରାମ ପାଣିଗ୍ରାହୀ ତାଙ୍କ ସହକର୍ମୀଙ୍କ ସହ ପ୍ରଧାନଗୁରୁଜୀ ନଗେନ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁସ୍ମିତା ମହାନ୍ତି, ଭଗବାନ ଦାସ, ଚିନ୍ତାମଣି ନାଥ, ପୁଷ୍ପିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ଗଁଦିଆ:** ଗୁରୁଦିବସ ଅବସରରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ସୋରିଷିଆପଦା



ସରପଞ୍ଚ ପ୍ରଦୀପ କୁମାର ରାଉତ ଶିକ୍ଷକମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ୱାର୍ଡ ସଭ୍ୟସଭ୍ୟା ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମରେନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦଣ୍ଡଧର ସାହୁ, ସୋରିଷିଆପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଯଦୁମଣି ମହାନ୍ତଙ୍କୁ ସରପଞ୍ଚ ରାଉତ ଓ ନିର୍ବାହୀ ଅଧିକାରୀ ମିଶ୍ର ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜସେବୀ ପବିତ୍ର ଲେଙ୍କା, ୱାର୍ଡ ସଭ୍ୟ ରଙ୍ଗାଧର ପ୍ରଧାନ, ରଞ୍ଜିତା ପ୍ରଧାନ ସହଯୋଗ କରିଥିଲେ।

**ଖଜୁରିଆକଟା:** ପବିତ୍ର ଗୁରୁଦିବସ ଅବସରରେ ସ୍ଥାନୀୟ ଓକେସିଏଲ୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପକ୍ଷରୁ ହିନ୍ଦୋଳ ରଗଡ଼ିସାହି କାରନ୍ଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଫୁଲନଦେବୀ ପାଢ଼ୀ ଓ ମାଡୁଆ ତଅଁଳାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜ ଲୋଚନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାକେନ୍ଦ୍ରର ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି ଉଭୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ କାରନ୍ଦା କ୍ଲଷ୍ଟର ସିଆରସିସି ପ୍ରଦୀପ କୁମାର ପଣ୍ଡା, ମାଡୁଆ ତଅଁଳାସାହି ଗ୍ରାମ ସଭାପତି ଚକ୍ରଧର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ସମାଜସେବୀ ମାନସ ମାଝୀ, ଆଶିଷ ମାଝୀ ପ୍ରମୁଖ ଯୋଗଦେଇଥିଲେ।

**ତାଳଚେର ସହର:** ତାଳଚେର ବଡ଼ସିଂହଡ଼ାସ୍ଥିତ ଏଲିଟ୍ ଏକ୍ସିଲେନ୍ସ ଉଚ୍ଚ



ମାଧ୍ୟମିକ ବିଦ୍ୟାଳୟ ଓ ଏଲିଟ୍ ଏକାଡେମୀ ଆନୁକୂଲ୍ୟରେ ଜଗନ୍ନାଥ କ୍ଷେତ୍ର କଲ୍ୟାଣ ମଣ୍ଡପ ପରିସରରେ ଗୁରୁଦିବସ ପାଳିତ ହୋଇଛି। ବିଶ୍ୱହିନ୍ଦୁ ପରିଷଦ, ଓଡ଼ିଶା ପ୍ରଦେଶର ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ବାସ୍ତବ ମୂଲ୍ୟ ବିଷୟରେ କହିଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ଶିକ୍ଷୟିତ୍ରୀ ସାରଦାମଣି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନରେ ଗୁରୁର ଭୂମିକା ବିଷୟରେ କହିଥିଲେ। ଅନୁଷ୍ଠାନର ଅଧକ୍ଷ ତଥା ପ୍ରତିଷ୍ଠାତା ସୁଶୀଳ ପ୍ରସାଦ ସାହୁ କହିଥିଲେ ଯେ ଗୁରୁମାନେ ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଅନ୍ୱେଷଣ କରି ତାକୁ ଆଗକୁ ନେବାକୁ ହେବ। କେବଳ ମାର୍କ ପାଇଁ ଅଧ୍ୟୟନ ନ କରି ବାସ୍ତବ ଜ୍ଞାନ ଅର୍ଜନ କରିବା ଆବଶ୍ୟକ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକତାର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ପ୍ରିନ୍ସିପାଲ ସୁଶାନ୍ତ କୁମାର ଲେଙ୍କା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ କୀର୍ତ୍ତିକ୍ରିଷ୍ଣା ପ୍ରଧାନ ଓ ଆରାଧ୍ୟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନେ ଫୁଲଚନ୍ଦନ ଦେଇ ଗୁରୁପୂଜନ କରିଥିଲେ। ଏହି ଅବସରରେ ସାରଦାମଣି ଶତପଥୀଙ୍କୁ ଏଲିଟ୍ ଏକ୍ସିଲେନ୍ସ ଇନ ଏଜୁକେଶନ୍ ଆୱାର୍ଡ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**କିଶୋରନଗର:** କିଶୋରନଗର ବେଦିକ ଟ୍ୟୁଟୋରିଆଲ ହଷ୍ଟେଲରେ ଗୁରୁଦିବସ ପାଳନ ହୋଇଛି। ଛାତ୍ରଛାତ୍ରୀମାନେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ସହ



ଗୁରୁମାନଙ୍କୁ ଫୁଲଚନ୍ଦନ ଦେଇ ପୂଜନ କରିଥିଲେ। ଗୁରୁଜୀ ସରୋଜ ପ୍ରଧାନ, ତନ୍ମୟ ବିଶ୍ୱାଳ, ଚିନ୍ମୟ ବିଶ୍ୱାଳ, ଯୁଗଳ କିଶୋର ପ୍ରଧାନ, ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


**ଅନୁଗୋଳ:** ଅମଲାପଡ଼ାସ୍ଥିତ ବାଣୀରୂପା ଷ୍ଟଡି ସେଣ୍ଟର୍‌ରେ ଗୁରୁ ଦିବସ





ପାଳିତ ହୋଇଛି। ସେଣ୍ଟର ନିର୍ଦ୍ଦେଶକ ଶକ୍ତିପ୍ରସାଦ ପଟ୍ଟନାୟକ, ସମସ୍ତ ଶିକ୍ଷକ ଏବଂ ସମସ୍ତ ବିଭାଗର ଅଧ୍ୟାପକ ଏଥିରେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ଗୁରୁମାନଙ୍କୁ ପୁଷ୍ପ ଓ ଚନ୍ଦନ ଦେଇ ପୂଜା କରିଥିଲେ। ଶିକ୍ଷକମାନେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

**ଢେଙ୍କାନାଳ:** ଢେଙ୍କାନାଳ ସହରସ୍ଥିତ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା





ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁଦିବସ ପାଳନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇ, ସହକାରୀ ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ପ୍ରାକ୍ତନ ଓ ବର୍ତ୍ତମାନର ଛାତ୍ର-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଏନସିସି ଅଫିସର ଧାନଚାନ୍ଦ ମିଶ୍ର ଯୋଗଦେଇଥିଲେ। ଛାତ୍ରଛାତ୍ରୀ ବି, ଶ୍ରେୟାନ୍, ଛାତ୍ରୀ ସାନଭି ତ୍ରିପାଠୀ, ସାଇସ୍ନେହା ବେହେରା, ଇପ୍ସିତା ପ୍ରିୟଦର୍ଶିନୀ ସାହୁ, ଶୁଭମ ଲେଙ୍କା, ରତ୍ନମଞ୍ଜରୀ ସାମଲ, ଅମିତ୍ ନାୟକ, ମେହେକା ଫାତ୍‌ମା, ତେଜସ୍ୱିନୀ ମିଶ୍ର, ଅଂଶୁପ୍ରଭା ଷେଣ୍ଠ, ଶ୍ରୀୟାଶ୍ରୀ ସାମଲ ଓ ସାଇପ୍ରସାଦ ମିଶ୍ର ପ୍ରମୁଖ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ବିଜ୍ଞାନ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ, ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର, ପ୍ରାକ୍ତନ ଛାତ୍ର ଦୀପ୍ତୀଶ କୁମାର ଶତପଥୀ, ଶିକ୍ଷକ ଧାନଚାନ୍ଦ ମିଶ୍ର, କିଶୋର ଚନ୍ଦ୍ର ସାମଲ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ସୁଚିତ୍ରା ସାହୁ, ନଳିନୀ ବେହେରା, ଜ୍ୟୋତିରଞ୍ଜନ ନାୟକ, ଅନୁପମା ପଣ୍ଡା, କଲ୍ୟାଣୀ ବଡ଼ଜେନା, କିରଣମୟୀ ମହାଳିକ, ସ୍ମିତିସୁଧା ଜେନା, କ୍ଷୀରାବ୍ଧିତନୟା ମହାପାତ୍ର, ଅନିତା ସାହୁ, ସ୍ମିତା ପଟ୍ଟନାୟକ, କାର୍ଯ୍ୟାଳୟ ସହକାରୀ ସୁଦର୍ଶନ ସାହୁ, ଅଜିତ କୁମାର ବାରିକ, ଭୋକେଶନାଲ ଶିକ୍ଷା ଦାୟିତ୍ୱରେ ଥିବା ଶୁଭଶ୍ରୀ ଦେବସ୍ମିତା ରାଉତ, ସୁଜିତ କୁମାର ବାରା, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡ଼ନାୟକ, ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ରୋଟାରୀ କ୍ଲବ ତରଫରୁ ଗୁରୁଦିବସ ପାଳନ କରାଯାଇଛି।





ଗଜମାରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କୁନି କୁନି ପିଲାମାନେ ସଙ୍ଗୀତ ଓ ନୃତ୍ୟ ପରବେଷଣ କରିଥିଲେ। ନବୀନ ଚନ୍ଦ୍ର ନାରାୟଣ ଦାସ, ବିରଞ୍ଚି ପାଣି, ପ୍ରଦୋଷ ଶତପଥୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସାନ୍ଧ୍ୟ ଅଧିବେସନରେ ରୋଟାରୀ କ୍ଲବ ପରିସରରେ ରୋଟାରୀ କ୍ଲବ ଏବଂ ଇନରହୁଇଲ କ୍ଲବ ମିଳିତ ଆନୁକୂଲ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ସଗରିକା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ତପନ ପାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବୋଧ କୁମାର ମହାପାତ୍ର, ଅଭିମନ୍ୟୁ ସାହୁ, ଇନରହୁଇଲ ଉପସଭାପତି ମଧୁଛନ୍ଦା, କବିତା ମହାନ୍ତି ଅଭିଭାଷଣ ରଖିଥିଲେ। ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ନାୟକ, ମହୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିମଞ୍ଜରୀ ଲେଙ୍କା, ଢେଙ୍କାନାଳ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସୌମ୍ୟା ନନ୍ଦଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜକିଶୋର ବେହେରା, ସୁନୀଲ କୁମାର ମିଶ୍ର ମାନପତ୍ର ପାଠ କରିଥିଲେ। ଇନରହୁଇଲର ସଭ୍ୟ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା ଏବଂ କବିତା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ରାଜେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିନୋଦ ଅଗ୍ରୱାଲ, ମହେଶ ପ୍ରସାଦ ଅଗ୍ରୱାଲ, ଭବାନୀ ଶଙ୍କର ଦାଶ, ଗୌରବ ସରାଉଗୀ, ହେମନ୍ତ ମହାନ୍ତି, ତାପସ ରାଉତ, ସନ୍ଧ୍ୟା ମହାପାତ୍ର, ନିରଦାନନ୍ଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**ଦୁର୍ଗାପୂଜା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ**

# ବାଜିବନି ଡିଜେ; ରାବଣପୋଡ଼ି ଓ ଭସାଣି ଦିନ ମେଲୋଡି ବନ୍ଦ

ଜଗତସିଂହପୁର,୬।୯ (ସମିସ):

ଶନିବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଆଗାମୀ ଦଶହରା ପର୍ବ, ରାବଣ ପୋଡ଼ି ଓ ଭସାଣି ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଦୁର୍ଗାପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଏବର୍ଷ ରାବଣ ପୋଡ଼ିରେ ଇଲେକ୍ଟ୍ରୋନିକ କୋଲ୍ଡ ଫାୟାର ବ୍ୟବହାର କରାଗଲେ ଏହା ଅତ୍ୟନ୍ତ ଚିତ୍ତାକର୍ଷକ ହେବା ସହ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ନିଜ ମତ ଦେଇଥିଲେ। ଜିଲ୍ଲା ପରିଷଦ ସଭପତି ମନୋଜ ଭୋଇ ପୂଜା ଭସାଣିରେ ଡିଜେ ସାଉଣ୍ଡର ଅପବ୍ୟବହାରକୁ ବନ୍ଦ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।



ଉକ୍ତ ବୈଠକରେ ଜିଲ୍ଲାପାଳ ଚଳିତ ବର୍ଷ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ପୌର ପରିଷଦ ଅଞ୍ଚଳରେ ହେବାକୁ ଥିବା ଦୁର୍ଗାପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ଓ ଉତ୍ସାହର ସହିତ ପାଳନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସମସ୍ତ ମେଢ଼ କମିଟି କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ଶବ୍ଦ ପ୍ରଦୂଷଣ ବୃଦ୍ଧି କରୁଥିବା ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟର ବ୍ୟବହାରକୁ ଗୁରୁତ୍ୱ ଦେବା ସହ ପୂଜା ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ପ୍ରତି ସାବଧାନ ରହିବାକୁ ପରାମର୍ଶ ଦେଇଥିଲେ। ପୌର ଅଧକ୍ଷା ଅର୍ଚ୍ଚନା ସିଂହ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

**୨୦ ତାରିଖ ସୁଦ୍ଧା ରାସ୍ତା ମରାମତି ସାରିବାକୁ ନିର୍ଦ୍ଦେଶ**

ବୈଠକର ନିଷ୍ପତ୍ତି ଅନୁଯାୟୀ ବିଜୟା ଦଶମୀ ଦିନ ରାବଣ ପୋଡ଼ି ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହେବ। ପରଦିନ ଅର୍ଥାତ ଅକ୍ଟୋବର ୩ ତାରିଖରେ ସେହି ପଡ଼ିଆରେ ଭସାଣି ଉତ୍ସବ ଆୟୋଜନ କରାଯିବ। ଏହି ଦୁଇଦିନ କୌଣସି ମେଲୋଡି ପରିବେଷଣ କରାଯିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂର୍ବ ବର୍ଷ ଭଳି ରାବଣ ପୋଡ଼ି ଓ ସାଧାରଣ ସଭା ନିମନ୍ତେ ଶ୍ରୀରାମ କ୍ଲବ୍ ଓ ଭସାଣି ଉତ୍ସବ ପାଇଁ ସମସ୍ତ କାର୍ଯ୍ୟ ଥାନପତି କ୍ଲବ୍ ସମ୍ପାଦନ କରିବାକୁ ନିଷ୍ପତ୍ତି ହୋଇଥିଲା। ମୂର୍ତ୍ତି ବିସର୍ଜନ ନିମନ୍ତେ ଗାଲୁପଡ଼ା, ପୁରୋହିତପୁର ଓ କଲେଜ ଛକଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡ଼ରେ ଅସ୍ଥାୟୀ ପୋଖରୀ ଖନନ ପାଇଁ ଅଧିକ୍ଷଣ ଯନ୍ତ୍ରୀ (ଜଳ ସମ୍ପଦ), ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି), ଅଧୀକ୍ଷଣ ଯନ୍ତ୍ରୀ(ଗ୍ରାମ୍ୟ ଉନ୍ନୟନ), ଅଧୀକ୍ଷଣ ଯନ୍ତ୍ରୀ (ଡ୍ରେନେଜ୍)ଙ୍କୁ ଦାୟିତ୍ୱ ଦିଆଗଲା। ରାସ୍ତା ମରାମତି ସମୟରେ କେବଳ ଡଷ୍ଟ ନ ପକାଇ ଉପଯୁକ୍ତ ଉପାୟରେ ଯଥାଶୀଘ୍ର ପରସ୍ପର ସମନ୍ୱୟରେ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ନିୟନ୍ତ୍ରଣ ଓ ପୁଲିସ ଶିବିର ଦାୟିତ୍ୱ ଆରକ୍ଷୀ ଅଧୀକ୍ଷକ ସମ୍ପାଦନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା।

ସେହିପରି ଟାଉନ୍ ହଲ୍‌ଠାରୁ ୧୦ ନମ୍ବର, ପୁରୋହିତପୁରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଆଳିପିଙ୍ଗଳଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛ ଡାଳ କଟା କାମ ପୂର୍ତ୍ତ ବିଭାଗ ସମ୍ପାଦନ କରିବେ। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ରାସ୍ତାର ମରାମତି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ରାସ୍ତା ଓ କୋଠାବାଡ଼ି ଅଧୀକ୍ଷଣ ଯନ୍ତ୍ରୀ, ଏନଏଚ ଡିଭିଜନ କଟକ, ଆରଡି ଅଧୀକ୍ଷଣ ଯନ୍ତ୍ରୀ, ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଳିପିଙ୍ଗଳଠାରୁ ପୋଷ୍ଟ ଅଫିସ ରାସ୍ତା ପୂର୍ତ୍ତ ବିଭାଗ, ଦଶ ନମ୍ବରଠାରୁ ଚାଟରା ବ୍ରିଜ କେନାଲ, ଜିରାଠାରୁ ଚର୍ଚ୍ଚିକା ବଜାର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଓହଳଠାରୁ ବଡ଼ବଜାର କୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ନିର୍ବାହୀ ଅଧିକାରୀ ପୌର ପରିଷଦ ସମ୍ପାଦନ କରିବେ। ଅସ୍ଥାୟୀ ପୋଖରୀରୁ ବିସର୍ଜିତ ସାମଗ୍ରୀ ବାହାର କରିବା, ପୋଖରୀ ଜଳକୁ ଚୂନ ପକାଇ ବିଶୋଧିତ କରିବା, ପୋଖରୀ ନିକଟରେ ଡଷ୍ଟବିନ୍ ରଖିବା, ବିସର୍ଜନ ସ୍ଥଳୀ ଓ ମେଲଣ ପଡିଆରେ ଯଥେଷ୍ଟ ଆଲୋକ ବ୍ୟବସ୍ଥା ପୌର ପରିଷଦ ନିର୍ବାହୀ ଅଧିକାରୀ କରିବେ। ବୈଠକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାବଣ ପୋଡ଼ି ଓ ଭସାଣି ଉତ୍ସବ ଦିନ ମେଲଣ ପଡିଆ ଓ ଅସ୍ଥାୟୀ ପୋଖରୀ ନିକଟରେ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟଜଳ ବ୍ୟବସ୍ଥା, ସହରରେ ପାଣି ପାଇପ୍ ମରାମତି, ରାବଣ ପୋଡ଼ି ଓ ଭସାଣି ଦିନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ଡିଜେ ସାଉଣ୍ଡ ନ ବଜାଇବା, ଶାନ୍ତିଶୃଙ୍ଖଳାର ସହ ପୂଜା ଓ ଭସାଣି କରିବା, ପ୍ରତ୍ୟେକ ମେଢ଼ ପାଖରେ ସିସି ଟିଭି ଲଗାଇବା ଓ ନିୟମଭଙ୍ଗକାରୀ ବିରୁଦ୍ଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବାକୁ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଥିଲେ। ମେଳଣ ପଡ଼ିଆ ଓ ବିସର୍ଜନ ସ୍ଥଳୀରେ ଦମକଳ ଗାଡ଼ି ରଖିବା, ନିର୍ଦ୍ଧାରିତ ସମୟରେ ମେଢ଼ଙ୍କ ଉପସ୍ଥିତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ପାର୍କିଂ ଜୋନ ଓ ନୋ ପାର୍କିଂ ଜୋନ ଚିହ୍ନିତ କରିବା ପାଇଁ ପୌର ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ମାଣେଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ପୂଜା ମଣ୍ଡପରେ ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ, ମୂର୍ତ୍ତିରେ ମାଟି ଓ ପ୍ରାକୃତିକ ରଙ୍ଗ ବ୍ୟବହାର ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ସମସ୍ତ ମେଢ଼ର କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟ, ସମସ୍ତ ବିଭାଗୀୟ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ଆଇନଜୀବୀ ଓ ଗଣମାଧ୍ୟମ ପ୍ରତିନିଧ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ବିବରଣୀ ପାଠ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂଜ୍ୟପୂଜା ସଂସଦ ପକ୍ଷରୁ ନିରଞ୍ଜନ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର/ବାଲିକୁଦା, ୬।୯(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବାହାରଣା ଗ୍ରାମର ସ୍ୱର୍ଗତ ନିରଞ୍ଜନ ପାଣିଙ୍କୁ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଭାପତି କୈଳାସ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନାଗରିକ ଗୋପାଳ ରାଉତ ସ୍ୱର୍ଗତ ପାଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସେ ଜଣେ ମେଳାପୀ, ପରୋପକାରୀ, ସଂସ୍କୃତିପ୍ରେମୀ ଭାବେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ସ୍ମୃତିଚାରଣ କରିଥିଲେ। ସଂସଦର କୋଷାଧ୍ୟକ୍ଷ ରଞ୍ଜନ ମହାନ୍ତି, ଉପସଭାପତି ପବିତ୍ରମୋହନ ସାହୁ, ବାମନ ଚାରଣ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି, ରମାକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ସମାଜସେବୀ ଶିବବ୍ରତ ଦାସ, ସରପଞ୍ଚ ମାନସ ପରିଡା, ସମିତିସଭ୍ୟ ରାଜଶ୍ରୀ ମହାନ୍ତି, ସମାଜସେବୀ ସତ୍ୟସାରଥି ମହାନ୍ତି, ସମରେନ୍ଦ୍ର ମହାପାତ୍ର, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ପୂର୍ବତନ ବାହାରଣା ସରପଞ୍ଚ ନିରଞ୍ଜନ ସାହୁ, ପୂର୍ବତନ ରାଜ୍ୟ ଶିକ୍ଷା ଉପଦେଷ୍ଟା ଶିଶିର ପରିଜା, ଜଗତସିଂହପୁର ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ଓଷ୍ଟାର ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପଣ୍ଡିତ ପ୍ରକାଶ ଚନ୍ଦ୍ର ନାୟକ, ରାଇରଙ୍ଗପୁର ଉଚ୍ଚବିଦ୍ୟାଳୟର ଶିକ୍ଷକ ରଞ୍ଜନ ନନ୍ଦ, ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ଝରାଡ଼ିହିର ବରିଷ୍ଠ ଶିକ୍ଷୟିତ୍ରୀ ଦେଓଲା ମାଝୀ, ଶିକ୍ଷୟିତ୍ରୀ ମିତା ହାଁସଦା, ଗୀତାଞ୍ଜଳି ମହାନ୍ତ, ଆଇନଜୀବୀ ରଶ୍ମିରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛତ୍ରପୁରର ଡେପୁଟି କଲେକ୍ଟର ତଥା ଝିଆରୀ ଶୁଚିସ୍ମିତା ପାଣି ଓ ଶୁଭଲକ୍ଷ୍ମୀ ପାଣି, ରୋଜାଲିନ ପାଣି, ତିନିପୁତ୍ର ରାଜେନ୍ଦ୍ର ପାଣି, ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଶିଳ୍ପପତି ବିଜୟ ପାଣି, ଭାଇ ସୁରେନ୍ଦ୍ର ପାଣି, ନୃସିହ ପାଣି,କେଶବ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ପାଣି ପରିବାର ପକ୍ଷରୁ ପୂଜ୍ୟପୂଜା ସଂସଦ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନକୁଲାଙ୍ଗ ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

ଜଗତସିଂହପୁର,୬।୯ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପାଟେଣିଗାଁ ପଞ୍ଚାୟତର ନକୁଲାଙ୍ଗସ୍ଥ ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଛି।



ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଉକ୍ତ ଅଙ୍ଗନବାଡି ଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାମୟୀ ପରିଡା, ସମିତିସଭ୍ୟା ରାଜଶ୍ରୀ ମହାନ୍ତି, ଜଗଦୀଶ ସାହୁ, ପ୍ରଭାତ ସାହୁ, ଜ୍ଞାନରଞ୍ଜନ ମହାନ୍ତି, ବଂଶୀଧର ସାହୁ, ରଞ୍ଜିତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ବଳରାମ ମହାପାତ୍ର ବାଲିତୁଠ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି



ପାରାଦୀପ,୬।୯ (ସମିସ): ବାଲିତୁଠ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଭାବେ ବଳରାମ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ଆଜି ଭାରତୀୟ ଜନତା ପାର୍ଟିର ବାଲିତୁଠ ମଣ୍ଡଳ ସଭାପତି ବିକ୍ରମଜିତ ସାମନ୍ତରାୟ ଏକ ପ୍ରେସ ବିଜ୍ଞପ୍ତିରେ ଗଣମାଧ୍ୟମକୁ ଜଣାଇଛନ୍ତି। ପୂର୍ବରୁ ବାଲିତୁଠ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଥିବା ମନୋରଞ୍ଜନ ସାମନ୍ତରାୟଙ୍କୁ ବିଶୃଙ୍ଖଳିତ ଆଚରଣ ଓ ଦଳୀୟ ଅନୁଶାସନ ଭଙ୍ଗ ଯୋଗୁଁ ଭାରତୀୟ ଜନତା ପାର୍ଟିରୁ ନିଲମ୍ବନ କରିବା ସହିତ ତାଙ୍କ ପ୍ରାଥମିକ ସଦସ୍ୟତା ପଦକୁ ରଦ୍ଦ କରାଯାଇଛି ବୋଲି ଏହି ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ପୂର୍ବତନ ମଣ୍ଡଳ ସଭାପତିଙ୍କ ପରଲୋକ

ଜଗତସିଂହପୁର,୬।୯ (ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଙ୍କପାଳ ମଣ୍ଡଳର ପୂର୍ବତନ ସଭାପତି ଆଇନଜୀବୀ ପ୍ରଦୀପ୍ତ ମହାପାତ୍ରଙ୍କ



ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଟୁଟୁ ଜଣେ ଦକ୍ଷ ସଂଗଠକ ଥିଲେ। ତାଙ୍କ ସଭାପତିତ୍ୱ ସମୟରେ ପଙ୍କପାଳ ବିଜେପି ସଂଗଠନକୁ ଆଗକୁ ନେବାକୁ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ପ୍ରଦୀପ୍ତ ମହାପାତ୍ରଙ୍କ ବିୟୋଗରେ ଜଗତସିଂହପୁର ଜିଲ୍ଲା ବିଜେପି ସଂଗଠନ ଗଭୀର ଶୋକବ୍ୟକ୍ତ କରିଛି। ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ ଓ ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିବା ସହ ଜଣେ ନିଷ୍ଠାପର କାର୍ଯ୍ୟକର୍ତ୍ତାଙ୍କୁ ହରାଇ ଆମେ ମର୍ମାହତ ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସତ୍ୟସାରଥି ମହାନ୍ତି, ରାଜକିଶୋର ବେହେରା, ସଞ୍ଜୟ ମହାନ୍ତି, ଅମିତା ଦାସ, ଜିଲ୍ଲା ମିଡ଼ିଆ ସେଲ୍ ଅଧକ୍ଷ ଗଣେଶ ପ୍ରସାଦ ମହାନ୍ତି, ପୌର ଉପାଧକ୍ଷ ରାଜେନ୍ଦ୍ର ବିଷୋଇ, ମୋର୍ଚ୍ଚା ସଭାପତି କ୍ରିଷ୍ଣା ମହାନ୍ତି, ସୁବୋଧ ବାରିକ, ସୁଧୀର ମଲ୍ଲିକ, ତପନ ବେହେରା, ବାମଦେବ ମଲ୍ଲିକ, ନୃସିଂହ ସାହୁଙ୍କ ସମେତ ସମସ୍ତ ନୂତନ ଓ ପୁରାତନ ମଣ୍ଡଳ ସଭାପତି ଶୋକ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ, ୬।୯ (ସମିସ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଅଁରା ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଟୁଟୁ ଦାଶଙ୍କୁ ବିଦ୍ୟାଳୟ ପରିସରରେ



ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମହାମାୟା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ଦାଶ, ଶିକ୍ଷକ ଶିକ୍ଷୟିତ୍ରୀ, ସଅଁରା ପଞ୍ଚାୟତର ସମାଜସେବୀ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ନିହାର ମହାନ୍ତି, ମୋହନ ଜେନା, ଗୌରୀକାନ୍ତ ସ୍ୱାଇଁ, ବିକାଶ ବେହେରା, ସୁଜିତ ମଲ୍ଲିକ ପ୍ରମୁଖ ଯୋଗଦେଇ ଶିକ୍ଷକ ଶ୍ରୀ ଦାଶଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ବାବୁଲି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବ ଆଇନଜୀବୀଙ୍କ ଅକାଳ ବିୟୋଗ

ପାରାଦୀପ,୬।୯ (ସମିସ): ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ୫୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପାରାଦୀପ ନୂଆବଜାରରେ ଟ୍ୟାକ୍ସ ଓକିଲ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲେ। ପାରାଦୀପ ବାର୍ ଆସୋସିଏସନ ପ୍ରତିଷ୍ଠା ହେବା ପରେ ଏହି ଆସୋସିଏସନ ସହିତ ସେ ଜଡ଼ିତ ଥିଲେ। ତାଙ୍କ ଅକାଳ ବିୟୋଗ ଖବର ପାଇ ବାର୍ ଆସୋସିଏସନ୍‌ର ସଭାପତି ତପନ ଦାଶ, ସାଧାରଣ ସମ୍ପାଦକ ହେମନ୍ତ ସାହୁ, ଉପସଭାପତି କୈଳାସ ସାହୁ, ସମ୍ପାଦକ ରବୀନ୍ଦ୍ର ଜେନା, କୋଷାଧ୍ୟକ୍ଷ ଗୋଲକ ସୂତାର, ସଦାନନ୍ଦ ମଲ୍ଲିକ, ପ୍ରଶାନ୍ତ ଦାସ, ଜଟାଧାରୀ ମଲ୍ଲିକଙ୍କ ସମେତ ସମସ୍ତ ସଦସ୍ୟ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଅନ୍ତିମ ଯାତ୍ରାରେ ପାରାଦୀପ ବିଧାୟକ ସମ୍ପଦ ସ୍ୱାଇଁଙ୍କ ସମେତ ବହୁ ସମାଜସେବୀ, ଆଇନଜୀବୀ, ଜନସାଧାରଣ ଯୋଗ ଦେଇଥିଲେ।

## ୯ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଗତସିଂହପୁର,୬।୯ (ସମିସ): ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ପାଣିସାଳିଆ ଗ୍ରାମରାସ୍ତା (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛପଟ) ନିକଟରେ ଚଢ଼ଉ



କରାଯାଇ ୯୦ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏହି ନିଶା ବ୍ୟବସାୟ କରୁଥିବା ଚାତ୍ରା ନଡିଆବାଗ ଗ୍ରାମର ସୁଶାନ୍ତ ଚାନ୍ଦ ଓରଫ ମନୁଆକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ଉରେ ଏଏସ୍‌ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଳ ଜୟଦେବ ପାତ୍ର ଓ ସୁକାନ୍ତ ମାଝି ପ୍ରମୁଖ ସାମିଲ ଥିଲେ।

## ଗୋପାଳପୁର ପଞ୍ଚାୟତରେ ବିଧାୟକଙ୍କ ଜନଶୁଣାଣି



ଜଗତସିଂହପୁର,୬।୯ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗୋପାଳପୁର (ଶଙ୍ଖେଶ୍ୱର) ପଞ୍ଚାୟତରେ ସ୍ଥାନୀୟ ବିଧାୟକ ଡଃ ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂହ, ଶଙ୍ଖେଶ୍ୱର ସରପଞ୍ଚ ପ୍ରଭାସ ବେହେରା, ବିଷନପୁର ସରପଞ୍ଚଙ୍କ ପ୍ରତିନିଧି ବସନ୍ତ ମହାପାତ୍ର, ଦାଇଁଲ ସରପଞ୍ଚଙ୍କ ପ୍ରତିନିଧି କ୍ଷୀରୋଦ ବାରିକ ଓ ସ୍ଥାନୀୟ ନେତୃ ମଣ୍ଡଳୀଙ୍କ ଉପସ୍ଥିତିରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ପ୍ରାୟ ୧୫୦ ଲୋକଙ୍କ ଅଭିଯୋଗର ବିଚାର କରାଯାଇଥିଲା। ଏହି ଲୋକଙ୍କ ଅଭିଯୋଗ ଥିଲା ଯେ ସେମାନେ ବିଭିନ୍ନ ସରକାରୀ ଯୋଜନାର ଯୋଗ୍ୟ ହିତାଧିକାରୀ ହେବା ପାଇଁ ହକଦାର ଥିଲେ ମଧ୍ୟ ସେମାନେ ଏଥିରୁ ବଞ୍ଚିତ ଅଛନ୍ତି । ନିରୁପମା ଦାସ, ସ୍ନେହଲତା ସାହୁ, ସୁବାସ ଦଳାଇ, ସମୀର ମଲ୍ଲ ଆବାସ ପାଇବାକୁ ଯୋଗ୍ୟ ଥାଇ ମଧ୍ୟ ପାଇ ନ ଥିବା ଅଭିଯୋଗ କରିଥିଲେ। ସେହିପରି ବାର୍ଦ୍ଧକ୍ୟ ଭତ୍ତା କ୍ଷେତ୍ରରେ ଯେଉଁମାନଙ୍କ ଭୋଟର କାର୍ଡରେ ବୟସ ୭୦ ବର୍ଷରୁ ଅଧିକ ଥିବା ସତ୍ତ୍ୱେ ଭୋଟର ତାଲିକାରେ କମ୍ ବୟସ ରହିଥିବାରୁ ଭତ୍ତା ପାଇବାରେ ବଞ୍ଚିତ ହେଉଛନ୍ତି। ବିଧାୟକ ଡଃ ଭୋଇ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଫୋନ ଯୋଗେ କଥା ହୋଇ ଏସବୁ ଅଭିଯୋଗର ସମାଧାନ ପାଇଁ ବାଟ ବାହାର କରିଥିଲେ। ସେହିପରି ରାସନ୍ କାର୍ଡ ନାମ ଯୋଡ଼ି ହେବା ଓ ମିଶନ ଶକ୍ତି ଗୃହ ନିର୍ମାଣ କ୍ଷେତ୍ରରେ ମଧ୍ୟ କେତେକ ସ୍ଥାନରେ ଅବହେଳିତ ଅବସ୍ଥାରେ ରହିଥିବାବେଳେ କିଛି ସ୍ଥାନରେ ଗୃହ ନ ଥିବା ଏମବିକେ ଓ ସିଆରପି ଅଭିଯୋଗ ଆଣିଥିଲେ। ସେହିପରି ଅଙ୍ଗନବାଡ଼ି ଗୃହ ଛାତରୁ ପାଣି ଝରୁଥିବା ଅଙ୍ଗନବାଡ଼ି କର୍ମୀ ଅଭିଯୋଗ କରିଥିଲେ। ବିଧାୟକ ଏଥିପାଇଁ ଉଦବେଗ ପ୍ରକାଶ କରିବା ସହିତ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**ନଗର କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ**

## 'ସୃଜନ ଅଭିଯାନରେ ବିଶୃଙ୍ଖଳା ସୃଷ୍ଟିକାରୀ କଂଗ୍ରେସ କର୍ମୀ ନୁହଁନ୍ତି'

ପାରାଦୀପ, ୬।୯ (ସମିସ): ଗୁରୁବାର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଆୟୋଜିତ "ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ଚାଲିଥିବାବେଳେ କିଛି ବିଶୃଙ୍ଖଳିତ ବ୍ୟକ୍ତି ମନୋରମା ଖଟୁଆ, ରବୀନ୍ଦ୍ର ମଲ୍ଲିକ ଓ ଅନ୍ୟ ଅସାମାଜିକ ବ୍ୟକ୍ତି ବିନା ନିମନ୍ତ୍ରଣରେ ସେଠାରେ ପହଞ୍ଚି ସଭାକାର୍ଯ୍ୟରେ ବାଧା ସୃଷ୍ଟି କରିବା ସହିତ କଂଗ୍ରେସ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏମ୍ ଲିଜୁ, ରାଜ୍ୟ ପର୍ଯ୍ୟବେକ୍ଷକ ରାଜକିଶୋର ବାରିକ, ଜିଲ୍ଲା ସଂଯୋଜକ ନଟବର ବାରିକ, ପାରାଦୀପର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ, ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପୁଷ୍ପଲତା ଦାସ, ଏସସି ସେଲ୍ ଅଧକ୍ଷ ବିଜୟ ସେଠୀଙ୍କ ସମେତ ସେଠାରେ ଉପସ୍ଥିତ ଅନ୍ୟ କଂଗ୍ରେସ କର୍ମକର୍ତ୍ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ଧକ୍କା ମାରିଥିଲେ। ପାରାଦୀପ ନଗର କଂଗ୍ରେସ କମିଟି ଏହାର ଦୃଢ଼ ପ୍ରତିବାଦ କରିବା ସହିତ ପୁଲିସର ସହାୟତା ଲୋଡିଥିଲେ। ପୁଲିସ ପହଞ୍ଚି ସେମାନଙ୍କୁ ଆୟତ୍ତ କରିବା ସହିତ ସଭାସ୍ଥଳରୁ ବିଦା କରିଥିଲେ। ପରେ ସେମାନେ ଆମ ନେତା ନିରଞ୍ଜନ ନାୟକ ଓ ନଗର ସଭାପତି କେଦାରନାଥ ବିଶ୍ୱାଳଙ୍କ ନାମରେ ମିଥ୍ୟା ମୋକଦମା ଦାଏର କରିବା ସହିତ ଗଣମାଧ୍ୟମ ଆଗରେ ମିଥ୍ୟା ଆରୋପ ଲଗାଇଥିଲେ, ଯାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସେମାନେ କୌଣସି କଂଗ୍ରେସ କର୍ମୀ ନୁହଁନ୍ତି କିମ୍ବା କଂଗ୍ରେସର କୌଣସି କାର୍ଯ୍ୟକ୍ରମରେ ଯୋଗ ମଧ୍ୟ ଦିଅନ୍ତି ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

## ରୋଟାରୀ କ୍ଲବ୍ ପକ୍ଷରୁ ଗୁରୁ ଦିବସ

ପାରାଦୀପ,୬।୯ (ସମିସ): ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। କ୍ଲବ୍‌ର ସଭାପତି କ୍ୟାପଟେନ ସୁଶାନ୍ତ କୁମାର ବାଗ କାର୍ଯ୍ୟକ୍ରମକୁ ପରିଚାଳନା କରି ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। କ୍ଲବ୍‌ର ସମସ୍ତ ସଦସ୍ୟ ସମାଜରେ ଶିକ୍ଷକଙ୍କ ଭୂମିକା, ଦେଶର ପ୍ରଗତି ଓ ସୁନାଗରିକ ସୃଷ୍ଟି





ପଛରେ ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ, କୁଜଙ୍ଗ ଓ ରାହାମା ଅଞ୍ଚଳର ବହୁ ଶିକ୍ଷକ ଯୋଗ ଦେଇଥିଲେ। ସମ୍ପାଦକ ବିପ୍ଳବ ଜେନା କ୍ଲବର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏ ଅବସରରେ ୧୫ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏରସମା ଥାନା ପୋଡ଼ି ଓ ବିପ୍ଳବ ଦିବସ ସମାରୋହ

ଏରସମା,୬।୯ (ସମିସ):

ଏରସମା ସଦର ମହକୁମାସ୍ଥ ଗାନ୍ଧୀ ସ୍ମୃତିପୀଠରେ ଏରସମା ଥାନା ପୋଡ଼ି ଓ ବିପ୍ଳବ ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଆଜି ପୂର୍ବାହ୍ନରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୪୨ ଆଜିର ଦିନରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏରସମାର ଥାନା ପୋଡ଼ି କରାଯାଇଥିଲା ବୋଲି କହିଥିଲେ। ଥାନା ପୋଡ଼ି ଓ ଲୁଣମରା ଆନ୍ଦୋଳନରେ ଝାସ ଦେଇଥିବା ଏରସମାର ସେହି କ୍ରାନ୍ତିକାରୀ ଯୋଦ୍ଧାଙ୍କ ତ୍ୟାଗ ଓ ବଳିଦାନ କଥାକୁ ଆଜିର ଦିବସରେ ସ୍ମରଣ କରାଯାଉଥିବାରୁ ବର୍ତ୍ତମାନ





ପିଢ଼ିର ଦାୟାଦ ଧନ୍ୟବାଦର ପାତ୍ର ବୋଲି କହିଥିଲେ। ଆଇନା ସାହିତ୍ୟ ପତ୍ରିକା ସମ୍ପାଦକ କ୍ଷେତ୍ରବାସୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଅରୁପାନନ୍ଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ପୂର୍ବତନ ସରପଞ୍ଚ ନିବାରଣ ନାୟକ, ରବୀନ୍ଦ୍ର ଦାସ, ପ୍ରଶାନ୍ତ ସେଠୀ, ଚନ୍ଦ୍ରଜିତ ଦାସ, ଲୋକନାଥ ମହାନ୍ତି, ଅକ୍ଷୟ ବେହେରା, ପ୍ରବୀଣ ପଣ୍ଡା, ସରୋଜ ବେହେରା ଓ ଅରୁଣ ବେହେରା ପ୍ରମୁଖ ଯୋଗଦେଇ ଐତିହାସିକ ଥାନା ପୋଡ଼ି ଦିବସର ସ୍ମୃତିଚାରଣ କରିଥିଲେ। କବି ବୈଦ୍ୟନାଥ ସାହୁ ବିପ୍ଳବୀ ସଙ୍ଗୀତ ଗାନ କରିଥିଲେ। ନରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ପତିତପାବନ ଦାସ, ଟିମା ମଲିକ, କୈଳାସ ଚନ୍ଦ୍ର ପ୍ରଧାନ ଓ ଅମ୍ବିକା ମହାନ୍ତିଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆଜି ସକାଳେ ସିହାଲବଣ ସତ୍ୟାଗ୍ରହ ପୀଠରୁ ପଦଯାତ୍ରା ବାହାରି ଗାନ୍ଧୀ ସ୍ମୃତି ପୀଠରେ ପହଞ୍ଚିବା ପରେ ମହାତ୍ମା ଗାନ୍ଧୀ ଓ ସଂଗ୍ରାମୀ ଗୌରୀଶ୍ୟାମ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଜେଜେ



ଗଙ୍ଗାଧର ବିଶ୍ୱାଳ


ଜେଜେ ନାମକ ଅନ୍ତରଙ୍ଗ ସଂପର୍କର ମଣିଷ ସହିତ ପରିଚିତ ହେବା ଆଗରୁ ଜେଜେ ଚାଲିଯାଇଥିଲେ। ତେଣୁ ପ୍ରାପ୍ତବୟସ୍କ ହେବା ପରେପରେ ପିଲାଦିନର ମଧୁର ଆଳାପକୁ ମନେ ପକାଇବା ବିନା ମୋର ଆଉ କିଛି ଉପାୟ ନ ଥିଲା। ମୁଁ ଶୁଣିଚି, ଶେଷ ସମୟ ବେଳକୁ ଜେଜେଙ୍କର ପାଗଳାମି ଆରମ୍ଭ ହୋଇଯାଇଥିଲା । କାହାକୁ କ'ଣ କହୁଥିଲେ ଜାଣି ପାରୁନଥିଲେ। ଆମ ଘର ଲୋକମାନେ ଜେଜେଙ୍କ ଅଭଦ୍ରୋଚିତ କଥା ଶୁଣି କିଛି ମନେ କରୁନଥିଲେ। ବରଂ ତାଙ୍କ ମଥା ଠିକ୍ ନାହିଁ କହି ଅତି ସହଜ ଭାବରେ ଗ୍ରହଣ କରୁଥିଲେ ଓ ଜମାରୁ ଗୁରୁତ୍ୱ ଦେଉନଥିଲେ।

ମୋର ମନେପଡୁଚି, ଦିନେ ଦିନେ ଜେଜେଙ୍କୁ ଘର ଭିତରେ ଅଟକ ରଖାଯାଉଥିଲା । କେବଳ ଖାଇବା ସମୟ ହେଇଗଲେ ଖାଦ୍ୟ ନେଇ ଅତି ସତର୍କତାର ସହିତ ଥୋଇ ଦିଆଯାଉଥିଲା । ମୁଁ କବାଟ ଫାଙ୍କରେ ଅତି ସନ୍ତର୍ପଣରେ ଲକ୍ଷ୍ୟ କରୁଥିଲି ଯେ, ଜେଜେ ଖାଦ୍ୟ ତକ ଝାମ୍ପିନେଇ ଘର ଭିତରର ଏକ ନିଛାଟିଆ ଅନ୍ଧାର ଆଡ଼କୁ ଉଠିଯାଉଥିଲେ।

ସେତେବେଳେ ମୁଁ କେବଳ ନିରୀହ ପଶୁପକ୍ଷୀର ନିର୍ଦ୍ଦୟତାରେ ଭିଜିଯିବା ବିନା ମୋର କିଛି କରିବାର ଚିନ୍ତା ବି ନଥିଲା । ହୁଏତ ମୋ ମନ ଭିତରେ ଭାବନାର ଝଡ଼ ଉଠୁଥିଲା ଓ ଯେଉଁ ଜେଜେଙ୍କ ପାଇଁ ଏ ଘର, ଏ ସଂସାର ସେଇ ଜେଜେଙ୍କର ଭଲ ହେବା ପାଇଁ ଆକୁଳତାର ଲେଶମାତ୍ର ଦେଖାଯାଉନଥିଲା।

ଅବଶ୍ୟ ସେତେବେଳର ଘରୋଇ ଜଞ୍ଜାଳ, ପାରିବାରିକ ଝାମେଲା ଓ ଦାରିଦ୍ର୍ୟ ଯୋଗୁଁ ପେଟ ବିକଳରେ ଆଉ ସବୁ ନିଆରା ହେଇଯାଉଥିବାବେଳେ ବାପା କିମ୍ବା ମା' କେହି ଯେ ବିବ୍ରତ ନଥିଲେ ତାହା ନୁହେଁ, ମାତ୍ର ଅପାରଗତା ଏବଂ ଅକ୍ଷମତା ହିଁ ସମ୍ଭବତଃ ପ୍ରତିବନ୍ଧକର ଉଚ୍ଚ ପାଚେରି ହେଇ ଠିଆହେଇଥିଲା।

କେବଳ ଖାଇବା କଥା ବୁଝିବା ବ୍ୟତୀତ ତାଙ୍କ ଗାଧୁଆ, ନିତ୍ୟକର୍ମ, ଶୋଇବା ଓ କୁନିକୁନି ନାତି ନାତୁଣୀଙ୍କ ସହିତ ମିଶିବା, ସକାଳ ସଞ୍ଜରେ ବୁଲିଯିବାର ଆନନ୍ଦକୁ କେହି ଚିନ୍ତା ବି କରୁନଥିଲେ। ହୁଏତ ଜେଜେ ବି ଆବଶ୍ୟକ ମନେ କରୁନଥିଲେ ଏସବୁ।



ମୋର ମନେପଡୁଚି ଜେଜେ ଭଲ ଥିବାବେଳେ ବାରଣ୍ଡାରେ ବସୁଥିଲେ। ବାରଣ୍ଡା ଶେଷରେ ତିଆରି ହେଉଥିବା ମାଟିଲିପା ଶକ୍ତ ପାଚେରି ଭଳି ଉଚ୍ଚସ୍ଥାନଟିରେ ଜେଜେ ବସି ରହୁଥିଲେ । ତାଙ୍କର ତେଲିଆ ଜଙ୍ଘର ନିବିଡ଼ ଆକର୍ଷଣରେ କାନ୍ଥଡ଼ାଟିର ଦେହ ବି ତେଲିଆ ହେଇଯାଇଥିଲା ଓ ସେଠାରେ କେହି ବସିବାକୁ ରାଜି ହେଉନଥିଲେ ।

ବାରଣ୍ଡାର ଦକ୍ଷିଣ ପଟରେ ଗୋଟେ ଝରକା ଥିଲା । ସେଇଟା ସବୁବେଳେ ଖୋଲା ରହୁଥିଲେ ବି ତାଳପତର ତିଆରି ପରଦାରେ ଢାଙ୍କି ରହୁଥିଲା। ପାଖରେ ଗୋଟେ କାଠ ଚେୟାର୍ ପଡୁଥିଲା। ତହିଁରେ ଜେଜେ ବସୁଥିଲେ ଓ କେବେକେବେ ଆମ ଘରେ ରହୁଥିବା ଜଣେ ପାରିବାରିକ ସଭ୍ୟ ଟିପୁ (କୁକୁର) ଏବଂ ଆଉ ଜଣେ ଶଙ୍କି (ବିଲେଇ) ଜେଜେଙ୍କର ଖୁବ୍ ଆପଣାର ହେଇଯାଇଥିଲେ ।

ଯେଉଁସମୟରେ ଜେଜେଙ୍କର ଅନ୍ୟମନସ୍କତା ଓ ପାଗଳାମିର ରାଜୁତି ଦେଖାଗଲା, ସେ ସମୟରେ ଆମ ଘରର କେହି ହେଲେ ବି ଜେଜେ ଅଛନ୍ତି, ତାଙ୍କ କଥା ବୁଝିବା ଦରକାର ବୋଲି ଆଦୌ ଜଣାପଡୁନଥିଲା ।

ସମୟ ସମୟରେ ମୁଁ ଖାଇବାବେଳେ ଟିପୁ ଓ ଶଙ୍କି ଆସି ମୋ ପାଖରେ ଘଷିରଞ୍ଜି ହେଉଥିଲେ। ଅଥଚ କୁକୁର ଓ ବିଲେଇ ପ୍ରତି ଅନ୍ତରଙ୍ଗତାର ଅଭାବ ଦେଖାଦେବାରୁ ପାଖ ପଶେଇ ନଦେବାର ଯଥେଷ୍ଟ ଏଲର୍ଜି ଦେଖାଗଲା। ମୁଁ ଯେବେ ସେମାନଙ୍କୁ ମାରି ଗୋଡ଼େଇଲି ସେମାନେ ଆଶ୍ରୟ ଭିକ୍ଷା ପାଇଁ ଜେଜେଙ୍କ ରୁଦ୍ଧ କୋଠରି ଭିତରକୁ ପଶିଯାଉଥିଲେ।

କୁକୁର ଓ ବିଲେଇର ଅବାଧ ପ୍ରବେଶ ଦେଖି ମୁଁ ବିସ୍ମିତ ହେଇ ଯାଉଥିଲି । କାରଣ ଜେଜେଙ୍କ ପାଖକୁ ଯିବାକୁ କେହି ଆମେ ସାହସ କରୁନଥିବାବେଳେ ସେ ଦୁଇ ଜଣଙ୍କ ଯିବା ଆସିବା କଥା ଚିନ୍ତାକଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ସତ କହିବାକୁ ଗଲେ, ଜେଜେଙ୍କ କାର୍ଯ୍ୟକଳାପ ଦେଖିବା ପାଇଁ ଓ ଖାଦ୍ୟ ଦେବାପାଇଁ ଟିଣ କବାଟରେ ଗୋଟେ ଫାଙ୍କ ତିଆରି ହେଇଥିଲା ।

କିଛି ସମୟ ପରେ ଟିପୁ ଓ ଶଙ୍କି ଫେରିଆସି ବାହାର ବାରଣ୍ଡାରେ ବସି ରହୁଥିଲେ । ମୁଁ ଯେତେବେଳେ ବାହାରକୁ ଯାଉଥିଲି ଦେଖୁଥିଲି କୁକୁର ଓ ବିଲେଇ ଜନ୍ମରୁ ଘୋଡ଼ା-ମଇଁଷି କିମ୍ବା ସାପ-ନେଉଳର ସଂପର୍କରେ ପରିଚିତ ଥିବାବେଳେ ଟିପୁ ଓ ଶଙ୍କି ବ୍ୟତିକ୍ରମ କାହିଁକି ?

କେବେ ଜେଜେଙ୍କର ଦେହାନ୍ତ ହେଲା ମନେ ନାହିଁ । କିନ୍ତୁ ଘରର ଏକମାତ୍ର ନାତି ଭାବରେ ମୁଁ ତାଙ୍କ ଶବ ସହିତ ମଶାଣିକୁ ଯାଇଥିଲି। ମୋ ବାପା ଜେଜେଙ୍କୁ ମୁଖାଗ୍ନି ଦେଇଥିଲେ। ଗାଁ ରାସ୍ତା ଶେଷ ବରଗଛ ପାଖ ଫେରନ୍ତା ରାସ୍ତାରେ ଦେଖିଥିଲି, ଟିପୁ ଓ ଶଙ୍କି ଏକାଠି ବସି ଶୋକ ପାଳନ କରୁଥିଲେ।

ଏହାପରେ ଆମ ଘରେ ମୁଁ ଆଉ କେବେ ଟିପୁ ଓ ଶଙ୍କିଙ୍କୁ ଦେଖିବାକୁ ପାଇନି କିମ୍ବା ଏପର୍ଯ୍ୟନ୍ତ ପୋଷା କୁକୁର କି ପୋଷା ବିଲେଇ ଆମ ଘରେ ରହିଥିବାର ପ୍ରମାଣ ବି ନାହିଁ।


ଅବଶ୍ୟ ପ୍ରତିବର୍ଷ ଜେଜେଙ୍କ ଶ୍ରାଦ୍ଧ ବାର୍ଷିକୀରେ ମୋ ବାପା ବେଶ୍ ତତ୍ପର ଜଣାଯାଉଛନ୍ତି। ସେଇଦିନରେ ମୁଁ ଟିପୁ ଓ ଶଙ୍କି କଥା ମନେପକାଉଛି। ■

'ଆମ ଘର'
ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର
ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୭୫

## ପୁସ୍ତକ ପରିଚୟ

### ଜୀବନର ମୋଜାଇକ୍

ଡକ୍ଟର ମୌସୁମୀ ପରିଡ଼ା





ଶୌର୍ଯ୍ୟ ପ୍ରକାଶନ
ଓଡ଼ିଆ ବଜାର,
କଟକ-୭୫୩୦୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୮୦ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି କଥାକାର ଡକ୍ଟର ମୌସୁମୀ ପରିଡ଼ାଙ୍କ 'ଜୀବନର ମୋଜାଇକ୍' ପୁସ୍ତକ। ଏହି ପୁସ୍ତକରେ 'କୃଷ୍ଣଗର୍ଭ' ଓ 'ଦୁଶ୍ଚରିତ୍ରା' ଶୀର୍ଷକ ଦୁଇଟି ଉପନ୍ୟାସ ସଂକଳିତ ହୋଇଛି। ପ୍ରେମ ମଣିଷ ମନରେ ବୁଣି ଦିଏ ରଙ୍ଗିନ ସ୍ୱପ୍ନ। ତେବେ ସବୁ ସ୍ୱପ୍ନ ସତ ହୁଏନା। ସବୁ ପ୍ରେମ ସଫଳ ହୁଏନା। ହୃଦୟର ଅନେକ କଥା ମନ ଭିତରେ ଚାପି ହୋଇ ରହିଯାଏ। ଏଭଳି ପ୍ରେମ ଓ ନାମହୀନ ସଂପର୍କକୁ ନେଇ ଗତିଶୀଳ ହୋଇଛି 'କୃଷ୍ଣଗର୍ଭ' ଉପନ୍ୟାସର କାହାଣୀ। ଶୁଭ ଓ ମୁକ୍ତାଙ୍କ ମନର ଭାବନା, ହୃଦୟର ଅନାବିଳ ପ୍ରେମ, ପରସ୍ପର ପ୍ରତି ବିଶ୍ୱାସ ଓ ଭଲ ପାଇବା ରହିଯାଇଛି ନିଜ ନିଜ ଭିତରେ। ସମୟ ଚକ୍ରରେ ଉଭୟେ ପାଲଟି ଯାଇଛନ୍ତି ଦୁଇଟି ଭିନ୍ନ ପଥର ଯାତ୍ରୀ। ଜୀବନ, ପ୍ରେମ, ମାନବୀୟ ସଂପର୍କର କମନୀୟ ଭାବ ପ୍ରସ୍ଫୁଟିତ ଫୁଟି ଉଠିଛି 'କୃଷ୍ଣଗର୍ଭ' ଉପନ୍ୟାସରେ। ସେହିପରି 'ଦୁଶ୍ଚରିତ୍ରା' ଉପନ୍ୟାସରେ ମାନବୀୟ ଆବେଗ, ଆତ୍ମୀୟତା, ପ୍ରେମକୁ ନେଇ ଏହାର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସରଳ ଓ ସୁଖପାଠ୍ୟ କରିବା ପାଇଁ ନଅଟି ଭାଗରେ ବିଭକ୍ତ କରାଯାଇଛି। ପରିସ୍ଥିତିରେ ପଡ଼ି ଜଣେ ନାରୀ ସମାଜ ପାଇଁ କିଭଳି ଦୁଶ୍ଚରିତ୍ରା ପାଲଟି ଯାଇଛି, ତାହା ଏହି ଉପନ୍ୟାସରେ ପ୍ରସ୍ଫୁଟିତ ହୋଇଉଠିଛି। ଶିବାନୀ, ଅମର, ବିମଳେନ୍ଦୁ, ଭବାନୀ, ଅଞ୍ଜନା ଦେବୀ, ମୈତ୍ରୀ ଅପା, କ୍ରାନ୍ତି ଭାଇ ପ୍ରଭୃତି ଚରିତ୍ର ଉପନ୍ୟାସର କାହାଣୀକୁ ରୋମାଞ୍ଚିତ କରିଛନ୍ତି। 'କୃଷ୍ଣଗର୍ଭ' ଓ 'ଦୁଶ୍ଚରିତ୍ରା' ଉପନ୍ୟାସର କାହାଣୀ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ। ■

### ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ

ପୂର୍ଣ୍ଣଚନ୍ଦ୍ର ପଧାନ




ତରାବତୀ ପଧାନ
ଭୈନାତୋରା
ଅମ୍ବାଭୋନା, ବରଗଡ଼
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବିରଚିତ 'ଶ୍ରୀମଦ୍‌ଭାଗବତ' ଓଡ଼ିଆ ଜାତିର ଏକ ଅମୂଲ୍ୟ ସଂପଦ। ପ୍ରତିଟି ଓଡ଼ିଆ ଘରେ ଏହାକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା କରାଯାଏ। ଓଡ଼ିଆ ଭାଗବତକୁ ଅନୁସରଣ କରି ପୂର୍ଣ୍ଣଚନ୍ଦ୍ର ପଧାନ ରଚନା କରିଛନ୍ତି 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ'। ଭାଗବତକୁ ସଂକ୍ଷିପ୍ତରେ ରଚନା କରିବା ପ୍ରୟାସ ନିଶ୍ଚିତ ପ୍ରଶଂସନୀୟ। ନିଜସ୍ୱ ଭାବ ଓ ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ସେ ପ୍ରଥମ ସ୍କନ୍ଧରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ରଚନା କରିଛନ୍ତି। ପ୍ରତିଟି ସ୍କନ୍ଧରେ କେତୋଟି ଅଧ୍ୟାୟ ରହିଛି। ପୁରାଣ ଓ ଇତିହାସ ପ୍ରତି ତାଙ୍କର ଗଭୀର ପ୍ରବେଶର ଉଦାହରଣ ହେଉଛି 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ'। ଖୁବ୍ ପରିଶ୍ରମ କରି ସେ ଭାଗବତର ସଂକ୍ଷିପ୍ତ ରୂପ ରଚନା କରିଛନ୍ତି। ଅତି କମ୍ ସମୟ ମଧ୍ୟରେ ପାଠକମାନେ ସଂପୂର୍ଣ୍ଣ ଭାଗବତ ଉପରେ ସମ୍ୟକ୍ ଧାରଣା ପାଇ ପାରିବେ। ପ୍ରତିଟି ଅଧ୍ୟାୟର ଶେଷରେ ଉପଦେଶାତ୍ମକ ପଦଟିଏ ରହିଛି। ଯାହା ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଜନମାନସକୁ ସତ୍‌ପଥରେ ପରିଚାଳିତ ହେବା ପାଇଁ ସହାୟକ ହେବ। ସରଳ ଓ ବୋଧଗମ୍ୟ ଭାଷା, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ, ଛଳ ଛଳ ଭାବ ପୁସ୍ତକଟିକୁ ସୁଖପାଠ୍ୟ କରିଛି। ଚଉଦ ଅକ୍ଷର ବିଶିଷ୍ଟ ପଦ ସଂଯୋଜନା କରି ଲେଖକ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଛନ୍ତି। ଆଧ୍ୟାତ୍ମିକ ଭାବରେ ରସସିକ୍ତ ଏହି ପୁସ୍ତକର ପ୍ରତିଟି ସ୍କନ୍ଧ। 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ହେନା



ବନଜ ଦେବୀ

ମୁହଁ ସଞ୍ଜର ଶେଷ ପହରଟି ଲେଉଟି ଗଲେ
ନୀରବତାର କୋମଳ ଆଉଁଷାଟି,
ଘୂରି ଆସିଲେ ଗାଁ ଚାରିଆଡ଼
ନିଦ ଅଳସ ରାତିର ସ୍ୱପ୍ନ ଉପରକୁ
କିଏ ସେ ସୁଗନ୍ଧର ସୌଦାଗର
ଫିଙ୍ଗିଦିଏ ସୁବାସିତ ଏକ ସୂକ୍ଷ୍ମଜାଲ।

ଚାରିଆଡ଼ ଚହଟୁଥାଏ ଜହ୍ନ ଆଲୁଅରେ,
ମାନିନୀ ନଈଟା ନିଦ ଜରଜର ଅଳସରେ
ନିଛାଟିଆ ନଈ ପଠାରେ
ବଉଳ ଗଛର ଛାଇ ତଳେ
ବୁଦି ବୁଦି ବାଉଁଶ ବଣ ଓ ସରୁ ପାଦଚଲା ରାସ୍ତାରେ
ମର୍ମରିତ ପବନର ଟୁକୁରା ଅଂଶରେ
ପେନ୍ଥା ପେନ୍ଥା ସୁଗନ୍ଧର ସମ୍ମୋହନ
ଯାଦୁକରୀ ମାୟାବୀ ସ୍ପର୍ଶରେ
ସବୁଜ ଘେରାଉ ସେଇ ବସ୍ତିଟାକୁ
କରେ ସ୍ୱପ୍ନାଚ୍ଛନ୍ନ।

ଘର ବାହୁଡ଼ା ବାଟୋଇଟି ଅଟକିଯାଏ କ୍ଷଣେ ଦଣ୍ଡେ,
ଉଡ଼ିଯାଉଥିବା ରାତିଚର ପକ୍ଷୀଟି
ଭୁଆଁ ବୁଲିଯାଏ
ଝରକା ପାଖେ ନୂଆ ବୋହୂଟିର ପ୍ରତୀକ୍ଷା, ବି
ପୁଲକି ଉଠେ ତୁହା ତୁହା
ଅସମର୍ଥ କବିଟିର ଶବ୍ଦ ପୁଟୁଳି ବତୁରିଯାଏ ସେ ପ୍ଲାବନରେ
ମନ୍ଦିର ବେଢ଼ାର ଚମ୍ପା ଗଛଟି ମଥା ନତ୍ କରିଦିଏ ନୀରବରେ

ହେ ଅପୂର୍ବ ସୁଗନ୍ଧର ଯାଦୁକର
ତୁ ପରିହାସ କରୁ ଦେବତାର ଅସ୍ୱୀକାର
ମାଳା କରି ଦେଇ ସୁଗନ୍ଧର କାରବାର,

ହେ, ବାସ୍ନା, ଯାଦୁକର
ତୋ ମାୟାର ସ୍ୱପ୍ନ ଜାଲରେ
ବନ୍ଧା ପଡ଼େ ବିଶ୍ୱ ଚରାଚର
ତୋର ପ୍ରଥମ ସ୍ପର୍ଶ ସ୍ପନ୍ଦନ
ଦ୍ୱିତୀୟ ସଂଚାଳନ
ଅବଲୀଳା କ୍ରମେ ପ୍ଲାବନ ଓ ନିଶ୍ଚେତନ
ତୁ ଅନାସକ୍ତ ପ୍ରେମର ଚେତନ। ■

ଶିବଛାୟା
ରଥ ରୋଡ୍, ଭୁବନେଶ୍ୱର-୨



# ଦେଖିପାରିନି ଏଯାଏଁ ସମୁଦ୍ର



ପ୍ରେମାନନ୍ଦ ଖଣ୍ଡୁଆଳ

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଲହଡ଼ିକୁ ଗଣି ପାରିନି ଆଙ୍ଗୁଳି ରେଖାରେ
ହାତ ବୁଲେଇ ସମତଳ କରିପାରିନି
କୁବା କୁବା ପିଠି,
ବୁଝି ପାରିନି ତା ଶବ୍ଦ
ବୁଝେଇ ପାରିନି କିଛି ଗୋଟେ ତାକୁ।

ଦେଖେଇ ପାରିନି
ତା'ର ଖେଳ, ତା'ର ବୟସ୍କ ଚପଳ
ତା'ର ରାଗ, ତା'ର ଧାବମାନ ବେଗ
ପବନର ଡେଣା ଲାଗିଲେ
କେମିତି ଦାନ୍ତ, ନଖ ଖଞ୍ଜି ହୋଇଯାଏ
ଧାଡ଼ି ଧାଡ଼ି ଲହଡ଼ିରେ,
ମୁଣ୍ଡ ଝାମ୍ପୁରା କରି
ପାଲଟିଯାଏ ବାୟାଣୀ
ଚାକୁଲୁ ଚାକୁଲୁ ଖାଇଯାଏ
ମାଇଲ ମାଇଲ ମାଟି
ଚାଳ, ଚୁଲି, ଜମି, ଜଙ୍ଗଲ
ଅସଂଖ୍ୟ ମଣିଷଙ୍କ ଆଖିରୁ ନିଦ
ପେଟରୁ ଭୋକ
ଛାତିରୁ ବିବେକ
ସୁଖେଇ ଦିଏ ଲୁହ, ଲହୁ
ପକ୍ଷୀଙ୍କ କଣ୍ଠରୁ ଗୀତ
ଗଛଙ୍କ ସବୁଜ, ଫୁଲରୁ ରଙ୍ଗ, ମହୁ।

ମୋ ନପାରିଲା ପଣରେ
ମୁଁ ଘାରି ହେଉଛି ଅହରହ
ହାତମୁଠାରୁ ଖସିଯାଇଥିବା ସମୟକୁ

ଟାଣିଆଣି ଦେଖେଇ ଦେବାକୁ ଚାହୁଁଥିଲି
କେମିତି ସମୁଦ୍ର ଧାସରେ
ଦରସିଝା ହୁଏ ଜୀବନ
କେମିତି ପାଦକୁ ଲାଗେ ଥରିଲେ ବସୁଧା
କେମିତି ଅଧାଗଢ଼ା ରହିଯାଏ ସପ୍ନ
ପ୍ରଖର ଦୌଡ଼େ ନିଃଶ୍ୱାସ
କେତେ କଷ୍ଟଲାଗେ ସଜାଡ଼ିବା
ବିଶ୍ୱାସ ଟିକକ,
କେମିତି ଲୁହରେ ଫୁଟାଯାଏ
ହସର ପ୍ରତିବିମ୍ବ
ଖୁସିର କଦମ୍ବ।

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଆକାଶରେ ଦେଖିପାରିନି
ଇନ୍ଦ୍ରଧନୁର ଛବି
ଛାତିରେ ଆଙ୍କିପାରିନି
ସମୟ ଓ ସମୁଦ୍ରର ଯୁଗଳ ମିଳନ
ପଢ଼ି ପାରିନି ମନ ବର୍ଣ୍ଣବୋଧ
ଗାଇ ପାରିନି ତଥାପି
ଜୀବନ୍ତ ଜୀବନ ବେଦ। ■

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୭୭୫

# "ଲେଖାଲେଖି ମୋ' ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ପାଇଁ ଏକ ସାଧନା"






ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଥରେ ବିଶ୍ୱକବି ରବୀନ୍ଦ୍ରନାଥ କହିଥିଲେ- "ଲେଖକ ତା'ର ପରିବାରରୁ ପ୍ରଥମେ ସାରସ୍ୱତ ସାଧନାର ମନ୍ତ୍ର ଶିଖିଥାଏ ।" ନିଜ ଲେଖାଲେଖି ସମ୍ପର୍କରେ ଭାବିଲା ବେଳେ ଏଇକଥା ହିଁ ସ୍ୱତଃ ମୋ ହୃଦୟରେ ଧ୍ୱନିତ ହେଉଥାଏ ସର୍ବଦା । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ମୋର ଜନ୍ମ । ଅନେକ ବ୍ୟକ୍ତି ମୋତେ ବେଳେ ବେଳେ ପଚାରନ୍ତି, ଆପଣ କ'ଣ କବିଙ୍କୁ ଦେଖିଥିଲେ ? ମୁଁ ତାଙ୍କୁ କ'ଣ ଉତ୍ତର ଦେବି ଭାବିପାରେ ନାହିଁ । କାରଣ ବାଲ୍ୟକାଳରୁ ତାଙ୍କର ସୂକ୍ଷ୍ମ ଉପସ୍ଥିତି ଯେପରି ଅନୁଭବ କରି ଆସିଛି ଅତି ନିବିଡ଼ ଭାବରେ ତାଙ୍କୁ ଦେଖିନାହିଁ ପରି ଲାଗେ ନାହିଁ କେବେ । ତାଙ୍କ ଫଟୋଚିତ୍ର ବା ପ୍ରତିମୂର୍ତ୍ତି ମୋତେ କେବେ ନିଷ୍ପ୍ରାଣ ମନେ ହୋଇନାହିଁ । ପୁଣି ମୋର ପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେରଙ୍କଠାରୁ ଆରମ୍ଭ କରି ପରିବାରର ପ୍ରତ୍ୟେକଙ୍କ ଭିତରେ ଦେଖିଛି କବି ଆତ୍ମାର ଅନନ୍ୟ ଝଲକ । ପରିବାରରେ ସଯତ୍ନରେ ସଂରକ୍ଷିତ ବ୍ୟାସକବି ଫକୀରମୋହନ, କବିବର ରାଧାନାଥଙ୍କଠାରୁ ଆରମ୍ଭ କରି ପ୍ରତିଟି କବିଙ୍କ ଚିଠିପତ୍ର, ସେ ସମୟର ଓଡ଼ିଆ ଓ ବଂଗଳା ପୁସ୍ତକ ତଥା ପତ୍ରପତ୍ରିକା ମୋ' ଭିତରେ ସୃଷ୍ଟି କରିଆସିଛନ୍ତି ଦିବ୍ୟ କଂପନ। ମନେପଡୁଛି ଛୋଟବେଳେ ପ୍ରତିଦିନ ରାତିରେ ପିତାମହଙ୍କ ସହ ଶୋଇବା ବେଳେ ରାମାୟଣର ମହନୀୟ ଚିରିତ୍ରସବୁ ସହ ମୋ' ଅନ୍ତସର୍ତ୍ତାକୁ କିପରି ସେ ଯୋଡ଼ି ଦେଉଥିଲେ । ସେହିପରି ବଡ଼ମା ଧନମତି ମେହେର ମହାଭାରତର ଚରିତ୍ରମାନଙ୍କ ସହ ଏକାତ୍ମ କରି ଦେଇଥିଲେ ମୋତେ । ଆଉ ମୋର ବାପା କବି ପୌତ୍ର କିଶୋର ଚନ୍ଦ୍ର ମେହେର ଭାରତୀୟ ସାହିତ୍ୟର ମହାନ ସ୍ରଷ୍ଟା ଓ ସୃଷ୍ଟି ସହ ସଂଯୁକ୍ତ କରି ଦେଉଥିଲେ ମୋ ହୃଦୟକୁ ନିବିଡ଼ ଆନ୍ତରିକତାରେ ।

ମୁଁ ବୁଦ୍ଧିମାନ କି ବିଚକ୍ଷଣ ଛାତ୍ର ତ ନଥିଲି ଆଦୌ । ତେବେ କିଏ ସ୍ନେହ ଛଳଛଳ ଦୃଷ୍ଟିରେ ମୋତେ ଟିକିଏ ଚାହିଁଦେଲେ, ଭଲ ଲେଖାଟିଏ ପଢ଼ିଦେଲେ, ଭଲ ଗୀତଟିଏ ଶୁଣିଦେଲେ କି ଭଲ ସିନେମାଟିଏ ଦେଖିଦେଲେ, ଛୋଟ ବାଛୁରୀର କଅଁଳ ଆଖିକୁ ଦେଖିଦେଲେ ଉଦ୍‌ବେଗଳିତ ହୋଇଉଠୁଥିଲା ହୃଦୟତନ୍ତ୍ରୀ। ମୋର ସକଳ ଅଯୋଗ୍ୟତା, ଅପାରଗତା ଓ ଅକ୍ଷମତା ସତ୍ତ୍ୱେ ଲେଖକଟିଏ ହେବାର ଭାବୋଚ୍ଛ୍ୱାସକୁ ମୁଁ ରୁଦ୍ଧ କରି ପାରିନଥିଲି । ହାଇସ୍କୁଲରେ ପଢ଼ିବା ବେଳେ ମୋର ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେର ବଂଗଳା ଅକ୍ଷର ସହ ମୋତେ ପରିଚିତ କରାଇ ଦେଇଥିଲେ । ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ଏକ ବଂଗଳା ଲେଖାକୁ ମୁଁ ଓଡ଼ିଆରେ ଅନୁବାଦ କରି ସ୍କୁଲ୍ ମାଗାଜିନ୍‌ରେ ଦେଇଥିଲି । ସେ ବର୍ଷ ମେଗାଜିନ୍ ନ ବାହାରିବାରୁ ମୋ ଲେଖା ବି ଅପ୍ରକାଶିତ ହୋଇ ରହିଗଲା ଚିରଦିନ ପାଇଁ । ପରେ କଲେଜ ଜୀବନରେ ଗଳ୍ପ ଲେଖା ଆରମ୍ଭ କରିଥିଲି ଆଉ ପରେ ପରେ ପ୍ରବନ୍ଧ ଆଉ ସମାଲୋଚନା । ସେଇ ୧୯୭୮-୭୯ ମସିହାରୁ ଏ ଯାବତ୍ ଅନ୍ତଃସ୍ଥଳର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ମୋର ସୀମିତ ଶକ୍ତି ଅନୁସାରେ କିଛି ନା କିଛି ଲେଖି ଚାଲିଛି । ବାଲ୍ୟକାଳରୁ ଏ ପର୍ଯ୍ୟନ୍ତ ଘର ଓ ବାହାରେ ବହୁ ମଣିଷଙ୍କ ଶ୍ରଦ୍ଧାରେ ମୁଁ ଆପ୍ଲୁତ । ପୁଣି କେତେ ତିକ୍ତ ଅନୁଭୂତିରେ ଭାରାକ୍ରାନ୍ତ ଓ ବେଦନାକ୍ତ । ତେବେ ମଣିଷ ଜୀବନ ପ୍ରତି ନିଜକୁ ଯେତିକି ଉନ୍ମୁଖ କରି ରଖିଛି ସେତିକି ଗଭୀର ଭାବରେ ଧୀରେ ଧୀରେ ଅନୁଭବ କରି ଆସିଛି ଯେ ମଣିଷର ଈର୍ଷା, ଦ୍ୱେଷ, କ୍ରୋଧ, ଘୃଣା-ଏସବୁ ତା'ର ଖୋଳପା ମାତ୍ର । ଏହାର ଅଭ୍ୟନ୍ତରରେ ଯେଉଁ ନିଦା ମଣିଷଟିଏ ଲୁଚି ରହିଥାଏ ସେ ହେଉଛି ସୁନ୍ଦରତମଙ୍କ ଦ୍ୟୁତିରେ ଚିର ଭାସ୍ୱର । ଗଙ୍ଗାଧର ସାହିତ୍ୟଠାରୁ ଆରମ୍ଭ କରି ମନୋଜ ଦାସଙ୍କ ସାହିତ୍ୟକୃତି ପର୍ଯ୍ୟନ୍ତ ସବୁଠି ମଣିଷ ଆତ୍ମାର ସ୍ନିଗ୍ଧତା ମୋତେ ଅଭିଭୂତ କରିଛି । ମୁଁ ଗଳ୍ପ, ମୌଳିକ ପ୍ରବନ୍ଧ, ସମାଲୋଚନାତ୍ମକ ପ୍ରବନ୍ଧ, ଗବେଷଣାତ୍ମକ ନିବନ୍ଧ, ଜୀବନୀ, ନାଟକ ଯାହା ବି ଯେତେବେଳେ ଲେଖିଛି ସବୁଥିରେ ମାନବିକତାର ଅନୁଭବରେ ମହିମ୍ନ ମଣିଷଟିକୁ ଆବିଷ୍କାର କରିବା ପାଇଁ ଅତି ଆନ୍ତରିକ ଭାବରେ ଚାହିଁଛି ।

ଅନେକ ବର୍ଷ ତଳେ ବଂଗଳା ସାହିତ୍ୟର ସୁପ୍ରସିଦ୍ଧ କଥାଶିଳ୍ପୀ ବିମଳ ମିତ୍ରଙ୍କ 'ଘାଟ୍‌ବାବୁ' ଗଳ୍ପଟି ମୋ ଭିତରେ ସୃଷ୍ଟି କରିଥିଲା ଅନନ୍ୟ ଶିହରଣ। ଲେଖକ ହେବାର ଆକାଂକ୍ଷା ରଖିଥିବା ପିଲାଟିକୁ ଚିଠିରେ ଦର୍ଶାଇଥିଲେ ଯେ, କେବଳ ବିଖ୍ୟାତ ଲେଖକ ହେବାର ବାସନା ରଖିବା ଜୀବନର ପ୍ରକୃତ ଆଭିମୁଖ୍ୟ ନୁହେଁ । ନିଜର ପରିପାର୍ଶ୍ୱର ମଣିଷମାନଙ୍କୁ ଆଉ ପୃଥିବୀକୁ ନିଃସ୍ୱାର୍ଥପର ଭାବରେ ଭଲ ପାଇବା ହିଁ ଆମର ସର୍ବପ୍ରଥମ ଓ ସର୍ବପ୍ରଧାନ କର୍ତ୍ତବ୍ୟ।

କିଶୋର କାଳରୁ ସବୁବେଳେ ଏକ ସୁନ୍ଦରତମ ପୃଥିବୀର ସ୍ୱପ୍ନରେ ମୁଁ ଅଧୀର ହୋଇଛି । ନିଜ ପରିବାର, ପରିପାର୍ଶ୍ୱ, ନିଜ ଶିକ୍ଷାନୁଷ୍ଠାନ, ନିଜ ଅଞ୍ଚଳଠାରୁ ଆରମ୍ଭ କରି ସର୍ବତ୍ର, ଶ୍ରଦ୍ଧା ଭାବର ଏକ ନିର୍ଝର ହୋଇ ସମସ୍ତଙ୍କ ହୃଦୟକୁ ସୂକ୍ଷ୍ମ କୋମଳ ଭାବାବେଗରେ ସ୍ପନ୍ଦିତ କରିଦେବା ପାଇଁ ବ୍ୟାକୁଳ ହୋଇ ଉଠିଛି। ବୃକ୍ଷଲତା, ପାହାଡ଼ପର୍ବତ, ପରିଚିତ ଅପରିଚିତ ସବୁ ମଣିଷ ସହ ଏକାତ୍ମ ହୋଇଯିବାର ଅନୁଭବରେ ତଲ୍ଲୀନ ହୋଇଉଠିଛି ମୋ ହୃଦୟ । ରାତି ରାତି ଧରି ଦୁଇ ଆଖିରୁ ଅନବରତ ବୋହିଛି କୃତଜ୍ଞତାର ଅଶ୍ରୁଧାର । ପୁନଶ୍ଚ ପ୍ରତିଟି ଲୋମକୂପରେ ଏ କି କମ୍ପନ! ଏ କି ସଙ୍ଗୀତ!! ଏ କି ବିଗଳନ !!! ପ୍ରେମର ବର୍ଷାରେ ସାରା ପୃଥିବୀକୁ ଭିଜାଇ ଦେବାର ଏ କି ଉଦ୍‌ବେଳନ। ଏହି ବିରଳ ଅନୁଭୂତି ହିଁ ହାତରେ କଲମ ଧରିବାର ଶକ୍ତି ଦେଇଛି ମୋତେ । ତେବେ ସମୟ କ୍ରମେ ମୁଁ ସଚେତନ ହୋଇ ଉଠିଛି-ଆହା। ମୋର ଏ ଜୀବନ ଏ ସାରା ପୃଥିବୀରେ କେତେ କ୍ଷୁଦ୍ରାତିକ୍ଷୁଦ୍ର, କେଡ଼େ ନଗଣ୍ୟ, କେତେ ସାଧାରଣ ଓ କେତେ ପ୍ରଭାବହୀନ। ଏ ସବୁ ସତ୍ତ୍ୱେ ଏ ଜୀବନକୁ ଏକାନ୍ତ ତାତ୍ପର୍ଯ୍ୟହୀନ ବୋଲି ମୁଁ ଭାବି ପାରିନାହିଁ। ଅନ୍ତତଃ ଆପଣାକୁ ଏକ ଅତିକ୍ଷୁଦ୍ର ଶିଶିରବିନ୍ଦୁ ବୋଲି ମନେକରି ମୁଁ ଆଶ୍ୱସ୍ତ ହୋଇଛି। ମୋର ଆଉ ଏହାଠାରୁ ବେଶି ଭୂମିକା ନାହିଁ । ଶୀତଳ ସକାଳରେ କେଉଁ ସବୁଜ ପତ୍ର, କେଉଁ ସୁନ୍ଦର ଫୁଲର ମସୃଣ ପାଖୁଡ଼ା ଅବା କେଉଁ ଘାସ ଲଟା ଉପରେ ପଡ଼ିଥିବା ଛୋଟିଆ, ଅତି ଛୋଟିଆ ଶିଶିର ବିନ୍ଦୁଟିଏ ମୁଁ । କେତୋଟି ମୁହୂର୍ତ୍ତର ଏ ଜୀବନ ମୋର । ଏ ବିଶାଳ ଜଗତରେ କେଉଁ ନିସ୍ତବ୍ଧ ଗହନ ଅରଣ୍ୟରେ ଅପରିଚିତ, ଅଜ୍ଞାତ କାକର ବିନ୍ଦୁଟିଏ ହୋଇ ଖସି ପଡ଼ିବା ଓ ପୁଣି ସମସ୍ତଙ୍କ ଅଜାଣତରେ ନିମିଷକେ ଏ ବିଚିତ୍ର ରହସ୍ୟମୟ ବିଶ୍ୱର ଅନନ୍ତ ରହସ୍ୟରେ ସଂପୂର୍ଣ୍ଣ ନିରବ ଭାବରେ ମିଳେଇ ଯିବା ହିଁ ମୋର ନିୟତି । ତେବେ ଏପରି କ୍ଷୁଦ୍ର ଶିଶିର ବିନ୍ଦୁର ହୃଦୟରେ ମଧ୍ୟ ବିଶ୍ୱ ବିଧାତା କେତେ ସ୍ୱପ୍ନ ଭରି ନ ଦିଅନ୍ତି ! ସେ ସବୁ ସ୍ୱପ୍ନକୁ ଅସ୍ୱୀକାର କରିହେବ ବା କିପରି ! ସ୍ୱପ୍ନ ସବୁ ସାକାର ମଧ୍ୟ ହେବାର ସମ୍ଭାବନା ନାହିଁ। କେବଳ ଏତିକି ପ୍ରାର୍ଥନା ସବୁ ଉତ୍ତପ୍ତତା ଉପରେ ଶୀତଳ କାକର ବିନ୍ଦୁଟିଏ ହୋଇ ମୁଁ ଖସି ପଡୁଥାଏ । ଏ ପୃଥିବୀର ଦୁଃଖ ଓ ଯନ୍ତ୍ରଣା ଲାଘବ କରିବାର ସାମର୍ଥ୍ୟ ଯଦିଓ ଶିଶିର ବିନ୍ଦୁଟିଏର ନଥାଏ ତଥାପି ବେଦନା ଜର୍ଜରିତ କାହାର ଜୀବନରେ କୋମଳ ସ୍ପର୍ଶ ଟିକିଏ ଦେବା ପାଇଁ ଓହ୍ଲାଇ ଆସୁଥାଏ ମୁଁ । ସଂସାରକୁ ଆବିଳ କରି ଦେଉଥିବା ଅପଶକ୍ତିମାନଙ୍କୁ ଅପସାରଣ କରିବାର କ୍ଷମତା ଯଦିଓ ମୋର ନାହିଁ ତଥାପି ସରଳତାର ନିଷ୍କପଟତାର ଉଜ୍ଜ୍ୱଳ ବିନ୍ଦୁଟିଏ ହୋଇ ଝଟକି ଉଠିବାପାଇଁ ମୁଁ ନିରନ୍ତର ପ୍ରାର୍ଥନାରତ । ମୋ ଲେଖା ମୋ ନିଜ ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ଲାଗି ଏକ ସାଧନା । ଯେତେ ଅଳ୍ପ ସଂଖ୍ୟକ ହୁଅନ୍ତୁ ପଛକେ ମୋ ପ୍ରିୟ ପାଠକଙ୍କ ଅନ୍ତର ସହ ସଂଯୁକ୍ତ ହୋଇଯିବା ପାଇଁ ମୋ ଲାଗି ଏହା ଏକ ଆନ୍ତରିକ ଧ୍ୟାନ । ଅତିକ୍ଷୁଦ୍ର ଶିଶିର ବିନ୍ଦୁଟିଏ ପରି ମୋ ଲେଖା ଯଦି କାହା ଅନ୍ତରକୁ ସାମାନ୍ୟ ବି ଶାନ୍ତି ଓ ଶୀତଳତା ପ୍ରଦାନ କରି ପାରିଲା, ଅନ୍ତରାତ୍ମାର ମହତ୍ ସ୍ପନ୍ଦନ ସହ ସଂଯୁକ୍ତ ହୋଇଯିବା ପାଇଁ ସାମାନ୍ୟ ବି ଶିହରଣ ସୃଷ୍ଟି କଲା, ସେତିକିରେ ମୁଁ ଆଶ୍ୱସ୍ତ ଓ ଆନନ୍ଦିତ । ■

ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର
ମୋ: ୯୯୩୭୩୭୫୬୯୮

# ପାହାଡ଼ ଉପରୁ ନରକଙ୍କାଳ ଉଦ୍ଧାର

**କୁଆମରା,୬।୯(ସମିସ):** ଦୁଇ ମାସ ତଳେ ନିଖୋଜ ହୋଇଥିବା ଜଣେ ବ୍ୟକ୍ତିଙ୍କ ନରକଙ୍କାଳକୁ ଶନିବାର ଖୁଣ୍ଟା ପୁଲିସ ଏକ ପାହାଡ଼ରୁ ଜବତ କରିଛି। ଖୁଣ୍ଟା ଥାନା ଅନ୍ତର୍ଗତ ମାହାଲିବସା ଗ୍ରାମର ଟେମା ମାଙ୍କିଓ (୫୨) ଜୁଲାଇ ୨ ତାରିଖରେ ଘରୁ କୁଆଡେ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା; ହେଲେ ୨ମାସ ହେଲା କୌଣସି ପାଇନଥିଲା। ଶନିବାର ତାଙ୍କ ପୁଅ ନରେନ୍ଦ୍ର ଅଗ୍ରିଗୁଆଁଙ୍କ ଜଙ୍ଗଲକୁ କାଠ କାଟିବାକୁ ଯାଇଥିବାବେଳେ ପାହାଡ ଉପରକୁ ଉଠିଥିଲେ। ପରେ ଏକ ବରଗଛରେ ରଶି ଝୁଲୁଥିବା ଦେଖି ନିକଟକୁ ଯାଇଥିଲେ। ତଳେ ମଣିଷ କଙ୍କାଳ ପଡିଥିବା ଦେଖିବାକୁ ପାଇଥିଲେ। ସେଠାରେ ସେ ବାପାଙ୍କ ଲୁଗାପଟାରୁ ଚିହ୍ନିଥିଲେ। ପରେ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି।

# ଭିଜିଲାନ୍ସ ଜାଲରେ ପୁଲିସ ଏସ୍‌ଆଇ

## ଇଟା କାରଖାନା ମାଲିକଙ୍କଠାରୁ ୨୦ହଜାର ଟଙ୍କା ନେଇ ଧରାପଡିଲେ



ସୁବର୍ଣ୍ଣପୁର ଫାଣ୍ଡି ପରିସରସ୍ଥ ବାସଭବନ ଓ ପାଟକୁରା ଥାନା ବେହୁଲା ଗ୍ରାମର ପୈତୃକ ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ

**କଟକ, ୬।୯(ସମିସ):** ଜଣେ ପୁଲିସ ଅଧିକାରୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ପୁଲିସ ଅଧିକାରୀଜଣଙ୍କ ହେଉଛନ୍ତି, କଟକ ଜିଲ୍ଲା ବାଙ୍କୀ ସୁବର୍ଣ୍ଣପୁର ଆଉଟପୋଷ୍ଟର ଏସ୍‌ଆଇ (ସବ୍-ଇନ୍‌ସପେକ୍ଟର) ପ୍ରସନ୍ନ କୁମାର ମାହାଲି। ବୀମା କମ୍ପାନୀଠାରୁ ଅର୍ଥ ଦାବି ପାଇଁ ଜଣେ ଇଟା କାରଖାନା ମାଲିକ ଏତଲାର ସାର୍ଟିଫାଏଡ୍ କପି ପାଇଁ ସମ୍ପୃକ୍ତ ପୁଲିସ ଏସ୍‌ଆଇଙ୍କୁ ନିବେଦନ କରିଥିଲେ। ହେଲେ ଏହାକୁ ଦେଉନଥିଲେ ଓ ଏଥିପାଇଁ ୨୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରେ ଇଟା କାରଖାନା ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ମାହାଲିଙ୍କୁ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଗିରଫ କରିଛି। କିଛି ଅଜଣା ଦୁର୍ବୃତ୍ତ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗକାରୀଙ୍କ ଇଟା କାରଖାନାକୁ ପୋଡ଼ି ଦେଇଥିଲେ। ଏନେଇ ଇଟା କାରଖାନା ମାଲିକ ପୂର୍ବରୁ ଏକ ଏତଲା ପ୍ରଦାନ କରିଥିଲେ। ତେବେ ବୀମା କମ୍ପାନୀଠାରୁ ଅର୍ଥ ପାଇବା ପାଇଁ ପଞ୍ଜିକୃତ ମାମଲା ସହିତ ଜଡ଼ିତ ଏତଲାର ପ୍ରମାଣିକୃତ କପି ସମ୍ପୃକ୍ତ ଏସ୍‌ଆଇଙ୍କୁ ମାଗିଥିଲେ। ଏସ୍‌ଆଇ ଶ୍ରୀ ମାହାଲି ତାଙ୍କ ନିକଟରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ପରେ ଅଭିଯୋଗକାରୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏହାପରେ, ଯୋଜନା ମୁତାବକ ଭିଜିଲାନ୍ସର ଏକ ଟିମ ଆଜି ଶ୍ରୀ ମାହାଲିଙ୍କୁ କମ୍ପାନୀର ୨୦,୦୦୦ ଟଙ୍କା ନେଉଥିବା ବେଳେ ଗିରଫ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପ୍ରସଙ୍ଗରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ମାହାଲିଙ୍କ ସୁବର୍ଣ୍ଣପୁର ପୁଲିସ ଆଉଟପୋଷ୍ଟ ପରିସର ବାସଭବନ ଓ କେନ୍ଦ୍ରାପଡା ପାଟକୁରା ଥାନା ବେହୁଲା ଗ୍ରାମର ପୈତୃକ ଘର ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ କରାଯାଇଛି। କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ୧୨ ଘଣ୍ଟାରେ...

ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଲେ, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଁ ଭଲ ମିତ୍ର ହୋଇରହିବୁ। ମୋଦୀ ହେଉଛନ୍ତି ଜଣେ ମହାନ ପ୍ରଧାନମନ୍ତ୍ରୀ। କିନ୍ତୁ ଏବେ ସେ ଯାହା କରୁଛନ୍ତି ତାହା ମୋତେ ପସନ୍ଦ ଲାଗୁନାହିଁ। ଏହାସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କ ବହୁତ ସ୍ୱତନ୍ତ୍ର। ଚିନ୍ତା କରିବାର କୌଣସି କାରଣ ନାହିଁ।' ଟ୍ରମ୍ପଙ୍କ ଏଭଳି ମତ ପରିବର୍ତ୍ତନକୁ ସ୍ୱାଗତ କରିଛନ୍ତି ପ୍ରଧାନମମନ୍ତ୍ରୀ ମୋଦୀ। ଭାରତ ଉପରେ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ ନିରବ ରହିଥିବା ମୋଦୀ ଆଜି ଟ୍ରମ୍ପଙ୍କ ଟିପ୍ପଣୀକୁ ନିଜ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଆମ ସମ୍ବନ୍ଧକୁ ନେଇ ଥିବା ତାଙ୍କ ବିଚାରକୁ ପ୍ରଶଂସା ଓ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଭାରତ-ଆମେରିକା ମଧ୍ୟରେ ଏକ ସକରାତ୍ମକ ଏବଂ ଦୂରଦୃଷ୍ଟିସମ୍ପନ୍ନ ରଣନୈତିକ ସହଯୋଗ ରହିଛି ବୋଲି ମୋଦୀ କହିଛନ୍ତି।

ଏହା ପୂର୍ବରୁ ଶୁକ୍ରବାର ସକାଳେ ଟ୍ରମ୍ପ ଭାରତକୁ ଧମକ ଦେଇଥିଲେ। ସେ କହିଥିଲେ ଯେ 'ଭାରତ ଏବଂ ରୁଷକୁ ଆମେ ଚୀନ୍ ହାତରେ ହରାଇ ଦେଲା ଭଳି ଲାଗୁଛି। ଉଭୟ ଦେଶର ଭବିଷ୍ୟତ ଭଲ ହେବ ବୋଲି ଆଶା।।' ତେବେ ଚୀନକୁ ଏକ ଅନ୍ଧାର ରାଷ୍ଟ୍ର କହିବାକୁ ପଛାଇନଥିଲେ। ଅନ୍ୟପକ୍ଷରେ ଭାରତ ସହ କୌଣସି ବାଣିଜ୍ୟ ଆଲୋଚନା ହେବନାହିଁ ବୋଲି ପୂର୍ବରୁ ଟ୍ରମ୍ପ କହିଥିଲେ। କେବଳ ଏତିକି ନୁହେଁ. ଭାରତ ଉପରେ ଆହୁରି ଶୁଳ୍କ ବସାଇବାକୁ ମଧ୍ୟ ଧମକ ଦେଇଥିଲେ। କିନ୍ତୁ ସେ ଗତକାଲି ସନ୍ଧ୍ୟାରେ ଭାରତ ଏବଂ ଅନ୍ୟ ଦେଶଙ୍କ ସହ ବାଣିଜ୍ୟ ଆଲୋଚନା ଆଗେଇ ଚାଲିଛି ବୋଲି ସୂଚନା ଦେଇଥିଲେ। ଭାରତ ରୁଷ ତୈଳ କିଣିବା ନୈରାଶ୍ୟଜନକ। ଏଥିପାଇଁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗା ଯାଇଛି ବୋଲି କହିଥିଲେ। ତେବେ ଭାରତ, ରୁଷ ଓ ଚୀନ ଏକାଠି ହେଉଥିବା ଦେଖି ଟ୍ରମ୍ପ ନିଜର ଭୁଲ ବୁଝିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି। ଭାରତ ସହ ତିକ୍ତତା ନେଇ ଆମେରିକାରେ ମଧ୍ୟ ଟ୍ରମ୍ପ ତୀବ୍ର ସମାଲୋଚନାର ଶିକାର ହୋଇଛନ୍ତି। ତେବେ ଟ୍ରମ୍ପ ଏଭଳି ଜଣେ ରାଷ୍ଟ୍ରପତି ଯାହାକୁ ନେଇ କିଛି ଭବିଷ୍ୟବାଣୀ କରାଯାଇପାରିବ ନାହିଁ ଅନେକ କୁଟନୀତି ବିଶେଷଜ୍ଞ ମତ ଦେଇଛନ୍ତି।

## ବ୍ରିକ୍ସ ଆଭାସୀ ବୈଠକରେ ପ୍ରତିନିଧିତ୍ୱ କରିବେ ଜୟଶଙ୍କର

**ନୂଆଦିଲ୍ଲୀ:** ସୋମବାର ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା ବ୍ରିକ୍ସ ନେତାମାନଙ୍କର ଆଭାସୀ ବୈଠକ ଡାକିଛନ୍ତି। କିନ୍ତୁ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ ନାହିଁ। ମୋଦୀଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ବୈଠକରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଆମେରିକା ବିଭିନ୍ନ ଦେଶରେ ଲାଗୁ କରିଥିବା ଉଚ୍ଚ ଟାରିଫ୍ ଓ ବହୁପକ୍ଷୀୟ ସହଯୋଗ ବୃଦ୍ଧି ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ତେବେ ଆମେରିକା ବିରୋଧରେ କୌଣସି ମଞ୍ଚ ପ୍ରସ୍ତୁତ କରିବା ଏହି ବୈଠକ ଉ।।ଦ୍ଦେଶ୍ୟ ନୁ।।ହେଁ ବୋଲି ବ୍ରାଜିଲ ରାଷ୍ଟ୍ରପତି ଲୁଲା ସ୍ପଷ୍ଟ କରିଛନ୍ତି। ୨୦୨୬ରେ ବ୍ରିକ୍ସ ସମ୍ମିଳନୀରେ ଅଧ୍ୟକ୍ଷତା ପୂର୍ବରୁ ଭାରତ ସାବଧାନତା ଅବଲମ୍ବନ କରୁଥିବାରୁ ମୋଦୀ ଏହି ଆଭାସୀ ବୈଠକରେ ଯୋଗ ଦେବେ ନାହିଁ ବୋଲି ଅନୁମାନ କରାଯାଇଛି। ପୂର୍ବରୁ ଆମେରିକା ଲାଗୁ କରିଥିବା ୫୦% ଟାରିଫ୍ ଉଠାଇବା ପାଇଁ ଭାରତକୁ ବ୍ରିକ୍ସ ଛାଡିବାକୁ କହିଛି। ଆମେରିକା ଶିଳ୍ପ ମନ୍ତ୍ରୀ ହାୱାର୍ଡ ଲୁଟନିକ୍ ଭାରତ ଉପରେ ଟାରିଫ ଉଠାଇବା ପାଇଁ ୩ଟି ସର୍ତ୍ତ ରଖିଛନ୍ତି। ଉଲ୍ଲେଖଥାଉ କି, ୨୦୨୬ରେ ଭାରତ ବ୍ରିକ୍ସ ସମ୍ମିଳନୀର ୧୮ତମ ସଂସ୍କରଣରେ ଆୟୋଜନ କରିବା ସହ ଅଧ୍ୟକ୍ଷତା କରିବ।

## ଶୁଳ୍କ କମାଇବାକୁ...

ସବୁଠାରୁ ବଡ଼ ଗ୍ରାହକକୁ ସମର୍ଥନ କରୁ କିମ୍ବା ୫୦ ପ୍ରତିଶତ ଶୁଳ୍କ ଦେଉ। ତେବେ ଭାରତ ଖୁବଶୀଘ୍ର ଆମେରିକା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲାଚନାରେ ସାମିଲ ହେବ ବୋଲି ଆମେରିକା ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଆମେରିକା ସର୍ବଦା ଆଲୋଚନା ପାଇଁ ପ୍ରସ୍ତୁତ ଅଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ନେଇ ବିବାଦ ରହିଛି ସତ, କିନ୍ତୁ ଖୁବଶୀଘ୍ର ଭାରତ କ୍ଷମା ମାଗି ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଟେବୁଲକୁ ଆସିବ ବୋଲି ଲୁଟ୍‌ନିକ କହିଛନ୍ତି। ମାସେ ଦୁଇ ମାସ ଭିତରେ ଏଭଳି ହେବ। ଟ୍ରମ୍ପଙ୍କ ସହ ନୂଆ ଚୁକ୍ତି କରିବା ପାଇଁ ଭାରତ ପ୍ରୟାସ କରିବ। ଏହି ଚୁକ୍ତି ମଧ୍ୟ ଟ୍ରମ୍ପଙ୍କ ସର୍ତ୍ତରେ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଚୂଡ଼ାନ୍ତ ରୂପ ଦେବେ ବୋଲି ଲୁଟ୍‌ନିକ କହିଛନ୍ତି।

## ଆପୋସ ସମାଧାନ...

ନେତୃତ୍ୱ ଏ ସମ୍ପର୍କରେ ଆଲୋଚନା କରି ସମାଧନର ବାଟ କାଢ଼ିଲେ ସମସ୍ୟାର ଅନ୍ତ ହେବ। ଅତୀତରେ କୃଷ୍ଣା, କାବେରୀ, ରାବି, ବ୍ୟାସ ନଦୀ ଜଳ ବିବାଦରେ ଟ୍ରିବ୍ୟୁନାଲରେ ସୁଫଳ ମିଳିନାହିଁ। ଯଦି ବିବାଦ ସମାଧାନ ନ ହୁଏ ତାହେଲେ ଓଡ଼ିଶାର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଜଳ କମିଶନଙ୍କ ସ୍ୱୀକୃତି ମିଳିବ ନାହିଁ। ତେଣୁ ଉଭୟ ରାଜ୍ୟର ସ୍ୱାର୍ଥକୁ ସୁରକ୍ଷିତ ରଖାଯାଇ କିପରି ବିବାଦର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ, ସେନେଇ ଆଲୋଚନା ଅଗ୍ରଗତି ହେଉଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଯଦି ଉଭୟ ରାଜ୍ୟ ଯଦି ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରନ୍ତି, ତାହେଲେ ଏହା ଇତିହାସରେ ପ୍ରଥମ ଘଟଣା ହେବ ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ମାସରେ ପ୍ରତି ସପ୍ତାହରେ ବୈଷୟିକ ଟିମ ବୈଠକ କରିବ। ଉଭୟ ରାଜ୍ୟ ମଧ୍ୟରେ ଥିବା ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ। ଉଭୟ ରାଜ୍ୟ ମଧ୍ୟରେ ପ୍ରାୟ ୪୬ଟି ପ୍ରସଙ୍ଗ ରହିଥିବା ସେମାନେ ଟ୍ରିବ୍ୟୁନାଲଙ୍କୁ ଜଣାଇଛନ୍ତି। ତେବେ ସେଥିମଧ୍ୟରୁ ୪୦ଟି ପ୍ରସଙ୍ଗ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଆପୋସ ବୁଝାମଣାକୁ ଜଳ ବିଶେଷଜ୍ଞ ଏବଂ ମହାନଦୀ ସହ ଜଡ଼ିତ ସାମାଜିକ ସଂଗଠନ ଗୁଡ଼ିକ ସ୍ୱାଗତ କରିଛନ୍ତି। ତେବେ ଛତିଶଗଡ଼ ସହ କୌଣସି ନିର୍ଦ୍ଦିଷ୍ଟ ଆଲୋଚନା ପୂର୍ବରୁ ରାଜ୍ୟ ସରକାର ଜଳ ବିଶେଷଜ୍ଞ, ନଦୀ ସହ ଜଡ଼ିତ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରିବା ଜରୁରୀ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

## ଆଇଟି ବିଶେଷଜ୍ଞ...

ଏହି ରାକେଟ୍ ସହ ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ଜଡିତ ଥିବା ପୁଲିସ ଆଶଙ୍କା କରୁଛି। ଡ୍ରଗ୍ସ ତିଆରି କରିବାକୁ ବ୍ୟବହାର କରାଯିବାକୁ ଥିବା ୩୫,୦୦୦ ଲିଟର ରାସାୟନିକ ପଦାର୍ଥକୁ ମଧ୍ୟ ଜବତ କରାଯାଇଛି। ତଦନ୍ତ ପରେ ଅଧିକ ସୂଚନା ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ବିଭାଗ ମଧ୍ୟରେ...

ସମସ୍ତ ପ୍ରମୁଖ ସହର ତଥା ସମସ୍ତ ଜିଲ୍ଲାର ରାସ୍ତାଘାଟର ସ୍ଥିତି ସମୀକ୍ଷା କରିଥିଲେ। ରାସ୍ତାର ସ୍ଥାୟୀତ୍ୱ, ମରାମତି ସହ ରାସ୍ତା ବ୍ୟବହାର କରୁଥିବା ସଂସ୍ଥା ଓ ବିଭାଗଗୁଡ଼ିକ ପାଇଁ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ମନ୍ତ୍ରୀ ସୂଚନା ଦେବା ସହିତ ସମ୍ପୃକ୍ତ ଇଞ୍ଜିନିୟରମାନେ ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ବିନା ଅନୁମତିରେ ରାସ୍ତା ଖୋଳାକୁ ନେଇ ଆଲୋଚନା କରିଥିଲେ। ବିଏମ୍‌ସି, ଇଡ୍‌କୋ, ଓପିଟିସିଏଲ୍, ୱାଟ୍‌କୋ ଆଦିର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା, ଡ୍ରେନ୍ ଆଦି ଖରାପ ହେଉଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ତେଣୁ ରାସ୍ତାର ମରାମତି, ସ୍ଥାୟୀତ୍ୱ ଏବଂ କ୍ଷତିଭରଣା ପାଇଁ କ'ଣ କରାଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ବିଧାୟକ ବାବୁ ସିଂ, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିଏମ୍‌ସି ମେୟର ସୁବାସ ସିଂ, ବିଏମ୍‌ସି କମିସନର ଚଞ୍ଚଳ ରାଣା, ସିଏମ୍‌ସି କମିସନର କିରନ୍‌ଦୀପ୍ କୌର ସହୋତା, ନଗର ଉନ୍ନୟନ ବିଭାଗ ମ୍ୟୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**ନୂଆଖାଇ ଶୁଭେଚ୍ଛା ବାର୍ତ୍ତା**

ପଶ୍ଚିମ ଓଡ଼ିଶାର ବିଶେଷ ପରବପର୍ବ ନୂଆଁଖାଇ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବୁଦ୍ଧିଜୀବି, ଶିକ୍ଷାବିତ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢାଇବା ସହ ବହୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢାଇବା ଦିଗରେ ପିଏମଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆମ ସୁବର୍ଣ୍ଣପୁର ଜିଲ୍ଲାପାଇଁ ପର୍ଯ୍ୟାୟକ୍ରମେ ୮ କୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ପର୍ଯ୍ୟାପ୍ତ ମାତ୍ରାରେ ପାଣ୍ଠି ଯୋଗାଇ ଦେଇଛନ୍ତି। ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଜନକ ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବାଙ୍ଗୀଣ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲ ଗୁଡିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବିକାଶ ବୃଦ୍ଧି କରିବା ଦିଗରେ ସହାୟକ ହେବ। ପିଏମଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢା ପାଇଁ ଉତ୍ତମ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ। ଜିଲ୍ଲାର ପ୍ରତ୍ୟେକ ପିଲା ଏହି ଯୋଜନାଦ୍ୱାରା ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମା ସୁରେଶ୍ୱରୀ ସହାୟକ ହୁଅନ୍ତୁ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜିକା
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର



**AFFIDAVIT**

I, Shubhasmita Jena, D/o- Bira Kishor Jena, resident of At- Baidyarajpur, Saipura-III, Jajpur, Dist- Jajpur, PIN- 755007, Odisha declared by this affidavit No-719, dtd- 05/09/2025 that now onwards I shall be known as **SUBHASMITA JENA** for all future purposes.

**AFFIDAVIT**

By virtue of an affidavit sworn before The Executive, Magistrate, Baripada, Mayurbhanj, dated 01-03-2025. I, SARAJINI SOREN, W/o-Lt. Biswanath Soren, AT-Jamsola, PO-Chaksuliapada, PS-Suliapada, Dist- Mayurbhanj, declare that my actual & correct name is SARAJINI SOREN as per my aadhar & Bank pass book. But in the pension payment order vide No.5/043539/90 (ARMY) of my deceased husband my name has been wrongly mentioned as SAROJANI DEVI. SARAJINI SOREN and SAROJANI DEVI are one & same parson, i.e. my self. Henceforth I shall be known as SARAJINI SOREN for all purposes.
**SARAJINI SOREN**

**LOST**

I, **Lingaraj Mishra,** aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO- Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541400619, date- 29/10/2014 and Khata-219, Plot No-896, Area- A0.12dcml, Mouza- Biramchandrapur in name of Gopal Chandra Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.
**LICHFL Branch, BBSR**
**N.C. Pattnaik, Advocate**
**Mob: 9853311189**

**AFFIDAVIT**

By virtue of an affidavit sworn before executive magistrate, Titilagarh, dated 02-09-2025 I, Nimai Herna, Address- At/Po- Luthurbandh, Titilagarh, Balangir, 767033 declare that I have changed my name from Lime Herna to Nimai Herna. Henceforth, I shall be known as Nimai Herna for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 06/09/2025. I, **Ajaya Padhi** (Applicant name), S/O- Duryodhan Padhi, Permanent resident of At- Kursud, P.O. Kursud, P.S. Sindhekela, Dist- Balangir, (Odisha), PIN- 767035, now residing at the same place affirm that I have changed my minor daughter's name from **Manisa Padhi** (old name) to **Archita Padhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Archita Padhi** (new name).
**Ajaya Padhi**

**AFFIDAVIT**

I, Rubina Begum, aged about 33 years, W/o- Mohammed Hussain, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist- Kalahandi, Odisha, PIN- 766001 declare by this affidavit No- 1811 , dtd. 06.09.2025, that now onwards I shall be known as **RUBINA BANO** for all future purposes.

**AFFIDAVIT**

I, Dasarath Lal Gupta, S/o- Chhedi Lal Gupta, resident of Gandhi Nagar, Jatani, Dist- Khordha, PIN- 752050, Odisha declared by this affidavit No- 171, dtd- 25/07/2025 that now onwards I shall be known as **DASRATH LAL GUPTA** for all future purposes.

**PUBLIC NOTICE**

We are pleased to announce that "Koustuv Institute of Professional Studies" (KIPS) will be changing its name to "College of Engineering Bhubaneswar (COEB), effective from the session 2025-26.
If anyone have any questions or objections, please do not hesitate to reach out to us within 30 days from the date of publication of this Notice through E-Mail. We appreciate your understanding and continued support.
Contact Information: Koustuv Institute of Professional Studies (KIPS) Mail ID- **kips@koustuvgroup.ac.in**
Regional Director of Education (RDE), Govt. of Odisha, E-mail: **rdebbsr@rediffmail.com**

**AFFIDAVIT**

By virtue of an affidavit sworn before Executive Magistrate, Niali, dated- 29/08/2025. I, **Mita Nayak,** D/O- Bishnu Charan Nayak, Address: At-Alakunda, Po- Tampalo, Ps-Charichhak, Dist- Puri, Odisha, PIN- 752110 declare that I have changed my name from **Mitali Nayak** to **Mita Nayak.** Henceforth, I shall be known as **Mita Nayak** for all purposes.
**(Mita Nayak)**

**AFFIDAVIT**

I, Digambara Malik, S/o- Muralidhar Malik, resident of At/Po- Barunia, Ps- Badachana, Dist-Jajpur, PIN- 754082, Odisha declared by this affidavit No-725, dtd- 06/09/2025 that now onwards I shall be known as **DIGAMBAR MALIK** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Lalmati Dhakad**, aged about 73 years, W/o.: Lalasin Dhakad resident of Village: Rauliguda, PO.: Gangala, P.S./Dist.: Malkangiri, Odisha, declare by this Affidavit No.: 8940, Dated: 06.09.2025 that I have changed my name from Balamati Dhakad to **Lalmati Dhakad**. Henceforth I shall be known as **Lalmati Dhakad** for all future purposes.

**AFFIDAVIT**

By virtue of an affidavit No. 5302, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist- Keonjhar, Odisha, Pin- 758041 declare that I have changed my minor daughter name from **ANSARA AKHLAK** (old name) to **ANSARAH AKHLAQUE** (new name). Henceforth she shall be known as **ANSARAH AKHLAQUE** for all future purposes.
**Mohammad Akhlak**

**AFFIDAVIT**

I, Farzana Pervin, D/o- Sk Masiuddin, resident of Purusottampur, Khairabad, Jafarpur, Po- Aranga Purusottampur, Dist- Jajpur, PIN- 755007, Odisha declared by this affidavit No- 721, dtd- 05/09/2025 that now onwards I shall be known as **FARZANA PARWEEN** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Sohela on dated 04.09.2025, I Sri Nakula Samini, S/o- Ganda Samini resident of Vill.- Tandol, Ps.- Sohela, Dist.- Bargarh, Odisha state that in my son's Aadhar Card his name has been wrongly mentioned as **NIPU SAMNI** where as in his school certificate the name has been mentioned as **MIKU SAMINI**. His actual name is **MIKU SAMINI** and DOB is **20.09.2010**.

**AFFIDAVIT**

By virtue of an affidavit No. 5303, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist- Keonjhar, Odisha, Pin- 758041 declare that I have changed my minor daughter name from **ROKAIYA AKHLAK** (old name) to **RUQAIYA AKHLAQUE** (new name). Henceforth she shall be known as **RUQAIYA AKHLAQUE** for all future purposes.
**Mohammad Akhlak**

**AFFIDAVIT**

By virtue of an affidavit sworn before Executive Magistrate, Banpur vide no-3378, dated-3/9/2025 I, Gouranga Maharana, S/o- Jalandhar Maharana, of Address At/Po- Badasireipur, Ps- Banpur, Khordha, Odisha, Pin-752031, declare that I have changed my name from **Gourang Moharana**, S/o- Makadam Moharana to **Gouranga Maharana**, S/o- Jalandhara Maharana. Henceforth, I shall be known as **Gouranga Maharana**, S/o- Jalandhara Maharana for all purposes.

**AFFIDAVIT**

I, Nasad Ali Khan, S/O- Asaf Ali Khan, Presently residing At - Mohana, PO, Mohana, PS - Salipur, Dist -Cuttack, Pin - 754201, Odisha, declare by this affidavit No - 132, dated - 05.09.2025, that now onwards I shall be known as **NAUSHAD ALI KHAN** for all future purposes.

**AFFIDAVIT**

I, Murali Malik, S/o- Gandharba Malik, resident of At/Po- Barunia, Ps- Badachana, Dist- Jajpur, PIN- 754082, Odisha declared by this affidavit No- 726, dtd- 06/09/2025 that now onwards I shall be known as **MURALIDHAR MALIK** for all future purposes.

**AFFIDAVIT**

I, Hanifa, aged about 31 years, W/o- Mohammed Sabir, resident of At- Ward No-2, Khariar, Dist- Nuapada, Odisha, PIN- 766107 declare by this affidavit No. 1810, dtd- 06/09/2025, that now onwards I shall be known as **HANIFA BANU** for all future purposes.



C-1015

**OFFICE OF THE NOTIFIED AREA COUNCIL**
**KASHINGAAR, GAJAPATI**
Ph. & FAx No.: 06815-284215, email: kasingarn.hud@nic.in
Notice No.: 1009 / NAC , Date: 03.09.2025
'e' - Procurement Notice
Bid Identification No. KNGR/NAC/02/2025-26

| | | |
|---|---|---|
| 1 | Nature of the work | Preparation of Comprehensive Drainage Master Plan and DPR for Storm Water Drainage System of Kashinagar NAC in the District of Gajapati, Odisha. |
| 2 | Date and time of availability of bid documents in the portal | From 06.09.2025 at 10.00 A.M. to 17.09.2025 at 5.00 P.M. |
| 3 | Last date / Time for receipt of bids in the portal | 17.09.2025 at 5.00 P.M. |
| 4 | Submission of Documents (Bid Processing Fee, EMD, Annexure, other documents etc.) by Register Post or Speed Post | On or before 20.09.2025 by 5.00 P.M. |
| 5 | Date and time of opening of bid | 22.09.2025 at 11.00 A.M. |
| 6 | Name and address of the officer Inviting Bid | Executive Officer, Kashinagar NAC. |

Further details can be seen from the e-procurement portal "https://tendersorissa.gov.in"

Executive Officer
N.A.C. Kashinagar, Gajapati
OIPR-13116/11/0017/2526



O-689

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**
**Bid Identification No: Online- 07-OF 2025-26**

1. Name of the work : **Building works (As per Annexure-'A')**
2. Amount put to Bid Excluding GST : As per Annexure-'A'
3. Class of contractor : "D" "C" & "B" Class
5. Date & Time of availability of bid document in the portal : From Dt. 08.09.2025 at 10.00 A.M.
6. Last date & Time for receipt of bids in the portal : Dt. 17.09.2025up to 05:00 P.M.
7. Last date of seeking clarification : Dt. 16.09.2025 up to 5.00 P.M
8. Date & Time of technical bid opening : Dt. 18.09.2025 at 11.00 A.M .
9. Date & Time of technical bid opening for Double Cover bids : To be intimated later on
10. Name and address of the Officer inviting Bid : Executive Engineer, R.W.Division, Padampur, At/Po-Padampur, Dist- Bargarh,Pin- 768036

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur
OIPR-25069/11/0034/2526



A-588

E-mail : eemisundargarh@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH.**
'e' Procurement Notice
**Bid Reference No. SE MID SNG 04/2025-26**

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil Construction work. |
| 2 | No of Works: - | 05 (Five) Nos. |
| 3 | Estimated cost: - | Varies from Rs. 5.03 lakh to Rs. 5.48 lakh (Approximately) |
| 4 | Period of completion | 02 (Two) Calendar months |
| 5 | Date and Time of availability of bid documents in the portal: - | From dt.**09.09.2025** at 10.00 AM to dt.**18.09.2025** up to 5.30 PM. |
| 6 | Last date / time of receipt of bids in the portal: - | Dt.**18.09.2025** up to 5.30 PM |
| 7 | Date of opening of Bid: - | Dt.**19.09.2025** at 11.00 AM onwards |
| 8 | Name and address of the OIT: - | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I. Division, Sundargarh
OIPR-32124/11/0032/2526



O-696

Email id: eerw_blgr@yahoo.co.in

**GOVERNEMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
e-Procurement Notice
IFB IDENTIFICATION NO. EEBLGR-Online-05/2025-26

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 40 (Forty) nos |
| 3. | Approximate Estimated Cost | : | Rs 1.68 Lakh to Rs. 10.08 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | As per TCN No. EEBLGR-Online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division. Bolangir | EEBLGR-online-05/2025-26 | 10.09.2025 at 11.00 A.M | 23.09.2025 upto 5.00PM | 22.09.2025 upto 1.00PM | 24.09.2025 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Executive Engineer
R.W. Division, Bolangir
OIPR-25068/11/0027/2526

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକ

# ସମସ୍ତ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ



**କେନ୍ଦ୍ରାପଡ଼ା, ୬।୯ (ସମିସ)**

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସଙ୍କ ସଭାପତିତ୍ୱରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱାସ୍ଥ୍ୟ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ସାଂସଦଙ୍କ ପ୍ରତିନିଧି ସୁନାକାର ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ସମସ୍ତ ବ୍ଲକ ଅଧ୍ୟକ୍ଷ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ଏଡିଏମଓ ଡାକ୍ତର ପ୍ରମୋଦ ପ୍ରହରାଜ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଗିରି, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଫାଇନାନ୍ସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ, ଡିପିଏମ ଏନଏଚଏମ, ଆସିଷ୍ଟାଣ୍ଟ ଇଞ୍ଜିନିୟର ବିଚିତ୍ର ମୋହନ ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସୁପରିଟେଣ୍ଡେଣ୍ଟ, ବ୍ଲକ ଓ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଭିତ୍ତିଭୂମି, ଷ୍ଟାଫ ପୋଜିସନ ସମେତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମ, ଯୋଜନା ଯେପରି ତୃଣମୂଳ ସ୍ତରକୁ ଯିବ ଓ ଜନସାଧାରଣ ଜାଣିବା ସହିତ ଉପକୃତ ହେଇପାରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକମାନେ ସ୍ୱାସ୍ଥ୍ୟ ବିଭାଗ ଅଧିକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତର ସମସ୍ୟା, ଆମ୍ବୁଲାନ୍ସ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ବ୍ୟବସ୍ଥା, ସଠିକ ଭାବେ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟାରେ ୫୦ ହଜାର ଲୋକ ବିପନ୍ନ

**ପଟ୍ଟାମୁଣ୍ଡାଇ, ୬।୯ (ସମିସ):** ବାରମ୍ବାର ଲଘୁଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡ଼ିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀନଦୀରେ ଚତୁର୍ଥଥର ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ୧୫ ହଜାର ଗୃହପାଳିତ ପଶୁ ଜଳବନ୍ଦୀ ହୋଇପଡ଼ିଛନ୍ତି। ନିକଟ ଅତୀତରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଓ ସମ୍ପ୍ରତି ବନ୍ୟାଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଫଳରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ବନ୍ୟା ଯୋଗୁଁ ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡ଼ିଛି।

- ● କୁମ୍ଭୀର ଯୋଗୁଁ ଧୋୟାଞ୍ଚଳବାସୀ ଆତଙ୍କିତ
- ● ଡଙ୍ଗା, ଗୋଖାଦ୍ୟ, କିରାସିନ, ବ୍ଲିଚିଂ ଯୋଗାଣ ଦାବି

ରାଜନଗର ବିଧାୟକ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବନ୍ୟାବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସହିତ ବନ୍ୟା ମୁକାବିଲାରେ ଜିଲ୍ଲା ପ୍ରଶାସନ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ହଜାର ହଜାର ଏକର ଚାଷଜମି ବନ୍ୟା ପାଣିରେ ବୁଡ଼ି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି। ବନ୍ୟା ବିପନ୍ନ ଲୋକେ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିବାବେଳେ ଗୃହପାଳିତ ପଶୁ ଗୋଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତିଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ କରାଯାଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହିତ ଆବଶ୍ୟକ ଡଙ୍ଗା, ଗୋଖାଦ୍ୟ, କିରାସିନ, ବ୍ଲିଚିଂ ଆଦି ସମ୍ପର୍କରେ ପଞ୍ଚାୟତ ୱାରୀ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦେବା ସହିତ ସଦର ମହକୁମା ନ ଛାଡିବା ପାଇଁ ବିଡ଼ିଓ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ମାଳିପୁର ରାସ୍ତା ବୁଡି ଯାଇଥିବାରୁ ଶ୍ରୀରାମପୁର, ଡାମରପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡି ଯାଇଥିବାରୁ ବାଲିପାଟଣା, ଖଡ଼ିପାଳ ତନୁପୁର, ନନ୍ଦିନୀନଗର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରି ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡ଼ିଛି। ବନ୍ୟାବିପନ୍ନ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ନିୟମିତ ଡାକ୍ତରୀ ଟିମ ବନ୍ୟାଞ୍ଚଳ ପରିଦର୍ଶନ ସହ ପର୍ଯ୍ୟାପ୍ତ ଔଷଧ, ସାଲାଇନ, ସାପ କାମୁଡା ଇଞ୍ଜେକ୍ସନ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭାଠାରେ ବନ୍ୟା ଜଳ ୧୭.୫ ଫୁଟ ରହିଛି। ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି। ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଡଙ୍ଗା, ଔଷଧ, ବ୍ଲିଚିଂ, ଗୋଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ତ୍ରୈଲୋକନାଥ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**କେନ୍ଦ୍ରାପଡ଼ା, ୬।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ଉଚ୍ଚବିଦ୍ୟାଳୟର ଶିକ୍ଷକ ତ୍ରୈଲୋକନାଥ ମହାପାତ୍ର ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ସମାରୋହରେ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥ ଲୋକସେବା ଭବନରେ ଆୟୋଜିତ ଉତ୍ସବରେ



ଗଣିତ ଓ ବିଜ୍ଞାନ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସାଧାରଣତଃ ଗଣିତ ଓ ବିଜ୍ଞାନ ପଢ଼ିବାକୁ ଛାତ୍ରଛାତ୍ରୀ ଭୟ କରନ୍ତି। ସେଥିପାଇଁ ଶ୍ରୀ ମହାପାତ୍ର ଏହି ବିଷୟ ପଢ଼ାଇବାବେଳେ ସହଜ ଓ ସରଳ ଉପାୟ ଅବଲମ୍ବନ କରି ଶିକ୍ଷାର୍ଥୀଙ୍କ ମନରୁ ଭୟ ଦୂର କରନ୍ତି। ସେ ପିଲାଙ୍କ ସହ ବନ୍ଧୁ ଭାବେ ମିଶନ୍ତି। ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାକୁ କୁହନ୍ତି। ପିଲାମାନେ ତୁମକୁ ନିଦ ଆସିବା ସମୟରେ ଗଣିତ କଷିବ। ପରେ ଗଣିତ କଷାରେ ଏମିତି ମଜିଯିବ ଯେ ନିଦ ଲାଗୁଥିଲେ ବି ଶୋଇବାକୁ ଇଚ୍ଛା ହେବ ନାହିଁ। ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ସେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାନ୍ତି। ସେ ଏହି ପୁରସ୍କାରକୁ ପରିବାର, ବିଦ୍ୟାଳୟର ପ୍ରଧାଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଉତ୍ସର୍ଗ କରିଛନ୍ତି।

## ଖାଉଟିଙ୍କୁ ମିଳୁନି ଆବଶ୍ୟକ ଗହମ

**ପଞ୍ଚୁପାଣ୍ଡବ, ୬।୯ (ସମିସ):** ସରକାର ବିଭିନ୍ନ ଯୋଜନା କଥା କହି ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ ହେଉଛି। ସୁଭଦ୍ରା ଯୋଜନା ହେଉ କି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୟୁନିଫର୍ମ, ଆୟୁଷ୍ମାନ ସେବା ଯୋଜନା, ୩୦୦ ୟୁନିଟ ବିଦ୍ୟୁତ ବିଲ ଛାଡ଼, ୮୦ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କୁ ୩୫୦୦ ଟଙ୍କା ଦେବାରେ ସରକାର ବିଫଳ ହୋଇଥିବା ଅଭିଯୋଗ ହେଉଛି। ରାସନ ସାମଗ୍ରୀ ପ୍ରଦାନରେ ମଧ୍ୟ ବିଫଳ ହୋଇଛନ୍ତି। ସେପ୍ଟେମ୍ବର ଓ ଅକ୍ଟୋବର ମାସର ଚାଉଳ ଦିଆଯାଇଥିବାବେଳେ ଗହମ ବି ଦିଆଯାଇଛି। ଜଣେ ପିଛା ୫ କେଜି ଚାଉଳ ଦିଆଯାଉଥିବାବେଳେ ସେପ୍ଟେମ୍ବର ମାସର ଗହମ ମୁଣ୍ଡ ପିଛା ୧ କେଜି ଦିଆଯାଉଥିବା ଅଭିଯୋଗ ହେଉଛି। ପୂର୍ବଭଳି ମୁଣ୍ଡପିଛା ୫ କିଲୋ ଗହମ ଦେବାକୁ ଖାଉଟି ଦାବି କରିଛନ୍ତି।

## ସତ୍ୟମ ଫାଇନାନ୍ସ କମ୍ପାନୀ ଟଙ୍କା ନେଇ ଛୁ

# ଥାନା ଆଗରୁ ମହିଳା ଏଜେଣ୍ଟଙ୍କୁ ଉଠାଇନେଲେ ମହିଳା



**ରାଜନଗର, ୬।୯ (ସମିସ):** ରାଜନଗର ଥାନା ଅନ୍ତର୍ଗତ ତନ୍ତିପୋଖରୀଠାରେ ସତ୍ୟମ ଫାଇନାନ୍ସ କମ୍ପାନୀ ଖୋଲିଥିଲା। କମ୍ପାନୀ ପକ୍ଷରୁ ବିଭିନ୍ନ ଗ୍ରାମରେ ମହିଳା ଏଜେଣ୍ଟ ରଖାଯାଇ ମହିଳାମାନଙ୍କୁ ପ୍ରଲୋଭିତ କରାଯାଇଥିଲା। ୧୦ ଜଣ ମହିଳାଙ୍କୁ ନେଇ ଗୋଟିଏ ଗୋଷ୍ଠୀ ଗଠନ କରି ସେମାନଙ୍କଠାରୁ ୧୦ ହଜାର ଟଙ୍କା ଅଣାଯାଉଥିଲା। ପ୍ରତି ବଦଳରେ ସେମାନଙ୍କୁ ଅଟା ପ୍ରସ୍ତୁତି ଓ ଖାଇବା ଥାଳି ତିଆରି ମେସିନ ଓ କଞ୍ଚାମାଲ ଯୋଗାଇ ଦିଆଯିବ। ସେମାନେ ଯାହା ସାମଗ୍ରୀ ତିଆରି କରିବେ, ତାକୁ ସେମାନେ କିଣିନେବେ ବୋଲି ପ୍ରଲୋଭନ ଦେଖାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ବ୍ୟକ୍ତିଗତ ଋଣ ପାଇଁ ମାର୍ଜିନ ମନି ଆଦାୟ କରିଥିଲେ। ଗୁପ୍ତି ପଞ୍ଚାୟତ କାନଫୁଲିଆ ଗ୍ରାମର ୧୦ ଜଣ ମହିଳାଙ୍କୁ ନେଇ ବାବାମଣି ଗୋଷ୍ଠୀ ଗଠନ କରିଥିଲେ। ଏହି ଗୋଷ୍ଠୀଠାରୁ ଗତବର୍ଷ ନଭେମ୍ବରରେ ନଗଦ ୧୦ ହଜାର ଓ ଫୋନ୍ ପେରେ ୭୫ ହଜାର ୧୫୨ ଟଙ୍କା ଏହି ଫାଇନାନ୍ସ କମ୍ପାନୀ ନେଇଥିଲା। ସେ ଅଞ୍ଚଳରେ ୮୦ରୁ ଅଧିକ ମହିଳା ଗୋଷ୍ଠୀଙ୍କଠାରୁ ଟଙ୍କା ଆଦାୟ କରି ଏହି କମ୍ପାନୀ ଅଫିସ ଉଠାଇ ନେଇଥିଲା। ଗତ ମାର୍ଚ୍ଚ ୧୮ ତାରିଖରେ ବାବାମଣି ଗୋଷ୍ଠୀର ସଭାନେତ୍ରୀ ତପସ୍ୱିନୀ ଓଝା ଓ ଅନ୍ୟ ମହିଳାମାନେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତପସ୍ୱିନୀଙ୍କ ଅଭିଯୋଗ ମୁତାବକ ସେମାନେ ଥାନାକୁ ୭ ଥର ଯାଇଛନ୍ତି। ମାତ୍ର ପୁଲିସ ସେମାନଙ୍କ ଅଭିଯୋଗ ଶୁଣିବା ଦୂରର କଥା ମାମଲା ବି ରୁଜୁ କରି ନ ଥିଲା। ଆମକୁ ପ୍ରଲୋଭନ ଦେଖାଇ ଟଙ୍କା ନେଇଥିବା ମହିଳା ଏଜେଣ୍ଟ ଏହି ଥାନା ଅନ୍ତର୍ଗତ ବାଲିକଣା ଗ୍ରାମର ସସ୍ମିତା ରାଉତ ବାରମ୍ବାର ଟଙ୍କା ଦେବାକୁ କହି ସମୟ ଗଡ଼ାଇଥିଲେ। ଗତକାଲି ଆମେ ସମସ୍ତ ମହିଳା ସସ୍ମିତାଙ୍କ ଘରକୁ ଯାଇଥିଲୁ। ତାଙ୍କ ଶଶୁର ଆମକୁ ଗାଳିଗୁଲଜ କଲେ। ଆମେ ସେଠାରୁ ଫେରି ରାଜନଗର ଥାନା ସମ୍ମୁଖରେ ସସ୍ମିତାଙ୍କୁ ପାଇଥିଲୁ। ତାଙ୍କୁ ଉଠାଇ ଆଣି ଗାଁରେ ଅଟକ ରଖିଛୁ। ଆମ ଟଙ୍କା ଦେଲେ ଏଠାରୁ ଛାଡିବୁ ବୋଲି କହିଛନ୍ତି। ଏ ନେଇ ଆଇଆଇସି ନରେଶ କୁମାର ସାହୁଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

## ଓଡି ଟିଭି ଚ୍ୟାନେଲ ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ, ୬।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଓଡ଼ିଶା ଡ୍ରିମ ଟିଭି ଚ୍ୟାନେଲ ଉଦ୍‌ଘାଟିତ ହୋଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ କଲ୍ୟାଣ ମଣ୍ଡପରେ ଗୋପୀନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ପୂର୍ବତନ ବିଧାୟକ କିଶୋର ତରାଇ ମୁଖ୍ୟବକ୍ତା, କେନ୍ଦ୍ରାପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସାମ୍ବାଦିକ ଅମୂଲ୍ୟ ଜେନା ଓ ସୁରେଶ ଦାଶ ସମ୍ମାନିତ ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଟିଭି ଚ୍ୟାନେଲ ଖୋଲାଯାଇଥିବାରୁ ଆନନ୍ଦ ପ୍ରକାଶ କରିବା ସହ ନିରପେକ୍ଷ, ନିର୍ଭିକ ସମ୍ବାଦ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। ଟିଭି ଚ୍ୟାନେଲ ସମ୍ପାଦକ ସୁଶାନ୍ତ କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଙ୍କିତା ପ୍ରିୟଦର୍ଶିନୀ କର ଧନ୍ୟବାଦ ଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ସମାଜସେବୀ ନିରଞ୍ଜନ



ପଟ୍ଟନାୟକ, ଯୁବନେତା ମଣ୍ଟୁ ସ୍ୱାଇଁ, ସତ୍ୟପ୍ରିୟ ସାମଲ, ପ୍ରଦୀପ ପ୍ରଧାନ, କ୍ଷମାନିଧି ସାମଲ, ଅଲେଖ ପରିଡ଼ା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସମାଜସେବୀ ଓ ସାମ୍ବାଦିକ ଯୋଗ ଦେଇଥିଲେ।

## ପାତିମାଙ୍କଡ଼ ଆକ୍ରମଣରେ ୩ ଛାତ୍ର ଆହତ

**ଡେରାବିଶ, ୬।୯ (ସମିସ):** ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଉଦୟନଗର ଗ୍ରାମରେ ଆଜି ପାତିମାଙ୍କଡ଼ ଆକ୍ରମଣରେ ୨ ଜଣ ସ୍କୁଲ ଛାତ୍ର ଓ ଜଣେ କଲେଜ ଛାତ୍ର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ମାଙ୍କଡ଼ ହିଂସ୍ର ହୋଇ ସମ୍ମୁଖରେ ପଡୁଥିବା ଲୋକଙ୍କୁ କାମୁଡ଼ିବାକୁ ଗୋଡ଼ାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ତିନିଜଣ ଛାତ୍ରଙ୍କୁ ମାଙ୍କଡ଼ଟି କାମୁଡ଼ିଥିଲା। ସ୍ଥାନୀୟ ଲୋକେ ଛାତ୍ର ତିନିଜଣଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏହି ପାତିମାଙ୍କଡ଼କୁ ଧରି ଜଙ୍ଗଲରେ ଛାଡ଼ିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାୟାବାବାଙ୍କ ସ୍ମରଣ ଉତ୍ସବ

**ରାଜନଗର, ୬।୯ (ସମିସ):** ସନ୍ଥ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ୪୪ତମ ସ୍ମରଣ ଉତ୍ସବ ପାଳିତ ହୋଇଯାଇଛି। ପବିତ୍ର ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ବାବାଙ୍କ ତିରୋଧାନ ହୋଇଥିଲା। ତିରୋଧାନ ଦିବସକୁ ବିଭିନ୍ନ ସ୍ଥାନରେ ଥିବା ବାବାଙ୍କ ଆଶ୍ରମରେ ପାଳନ କରାଯାଇଛି। ଆଜି ବାବାଙ୍କ ଜନ୍ମମାଟି କେରେଡ଼ାଗଡ଼ ଆଶ୍ରମରେ ବାବାଙ୍କ ପ୍ରତିମୂର୍ତ୍ତିକୁ ନୈବେଦ୍ୟ ମାଧ୍ୟମରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ଜନକୃଷ୍ଣ ରଥ, ଅସିତ ତ୍ରିପାଠୀ, ପ୍ରଭାସ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ମଙ୍ଗଳ ଆରତି, ୧୦୮ କଳସ ଶୋଭାଯାତ୍ରାରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ସଂଗ୍ରହ କରାଯାଇ ବାବାଙ୍କ ମହାସ୍ନାନ କରାଯାଇଥିଲା। ପରେ ବିଷ୍ଣୁ ସହସ୍ର ନାମ, ବାବାଙ୍କ ସ୍ୱରଚିତ ଭଜନ ଓ ତାଙ୍କ ଦିବ୍ୟବାଣୀ ସମ୍ବନ୍ଧରେ ଉପସ୍ଥିତ ଭକ୍ତଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଦାସ, ଅନନ୍ତ ରାଉତ, ନଟବର ରାଉତ, ପ୍ରଦୀପ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ମହିଷାସୁର ଓ ଗୁଲୁଦିଆ ଆଶ୍ରମରେ ବାବାଙ୍କ ସ୍ମରଣ ଉତ୍ସବ ପାଳନ କରାଯାଇଛି।



# ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳିତ







**କେନ୍ଦ୍ରାପଡ଼ା, ୬।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅସ୍ଥ ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଗୁରୁଦିବସ ପାଳିତ ହୋଇଯାଇଛି। ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀକୁ ସମଗ୍ର ଦେଶରେ ଗୁରୁ ଦିବସ ଭାବେ ପାଳନ କରାଯାଇଥିବାବେଳେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପରିଡ଼ା ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ, ମୁଖ୍ୟବକ୍ତା ଭାବେ ଗବେଷକ ନିରଞ୍ଜନ ମେକାପ ଓ ସମ୍ମାନିତ ଅତିଥି ଭାବେ କବି ଅମର ପ୍ରସାଦ ରାଉତ, ପଣ୍ଡିତ ପଦ୍ମନାଭ ଦାଶ, ପ୍ରଧାନ ଶିକ୍ଷକ ଅଜୟ ସ୍ୱାଇଁ, ନୃତ୍ୟଗୁରୁ ପ୍ରକାନ୍ତ ମହାରଣା ପ୍ରମୁଖ ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ନିରୁପମା ଜେନା ବନ୍ଦେ ଉତ୍କଳ ଜନନୀ ଓ ଗୁରୁ ବନ୍ଦନା ଗାନ କରିଥିଲେ। କଣ୍ଠଶିଳ୍ପୀ ବିମଳ ପରିଡ଼ା ଅକ୍ଷୟ ମହାନ୍ତିଙ୍କ ସନ୍ଥକବି ଭୀମଭୋଇଙ୍କ ରଚନାରୁ ଗୁରୁ ଭଜନ ପରିବେଷଣ କରିଥିଲେ। କବି ବିଷ୍ଣୁପ୍ରିୟା ସାମଲ ଓ ନାଟ୍ୟକାର ଭୀମସେନ ପ୍ରଧାନ ଗୁରୁ ଦିବସ ସମ୍ପର୍କିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଗଗନ ଜେନା, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା, ଗୌରବ ଦାସ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ଅଙ୍କିତା ପରିଡ଼ା, ଅଚ୍ୟୁତାନନ୍ଦ ପରିଡ଼ା, ବିପିନ ପରିଡ଼ା, ଶିକ୍ଷକ ବିଜୟ ଦାସ, ସ୍ୱର୍ଣ୍ଣକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବଚକ ବିକ୍ରମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜନଗର:** ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ ସେଠୀ ସଭାପତିତ୍ୱ କରିଥିବାବେଳେ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ସବିତା ମିଶ୍ର, ନିରାକାର ସେଠୀ, ମନସ୍ୱିନୀ ରଥ, ସତ୍ୟନାରାୟଣ ମହାନ୍ତି, ପଦ୍ମଲୋଚନ ସ୍ୱାଇଁ, ପ୍ରଲ୍ୟ ମଲ୍ଲିକ, ରାଜେଶ ପ୍ରଧାନ, ଉର୍ମିଳା ପରିଡ଼ା, ଅଭିଲିପ୍ସା ଦାଶ, ଭାଗ୍ୟଶ୍ରୀ କୁଣ୍ଡ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଗୁରୁ ଦିବସର ମହତ୍ତ୍ୱ ଉପରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ତାରିଣୀ ପ୍ରିୟଦର୍ଶିନୀ ମଲ୍ଲିକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ସେହିପରି ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଦୀପକ ମହାନ୍ତି ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ। ଅଧ୍ୟାପକ ନିହାର ପରିଡ଼ା, ଆଦିତ୍ୟ ତ୍ରିପାଠୀ ଓ ଅଧ୍ୟାପିକା ତନୁଶ୍ରୀ ମିଶ୍ର ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଗୁରୁଙ୍କୁ ଫୁଲ, ଚନ୍ଦନ ଓ ଉତ୍ତରୀୟ ଦେଇ ପୂଜା କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ, ମଦନପୁର କଲେଜ, ଦାଣ୍ଡିସାହି ବ୍ରାହ୍ମଣୀ କଲେଜ, ଏମଏନ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, କଷଣଅଣ୍ଟା ହାଇସ୍କୁଲ, ଦାଣ୍ଡିସାହି ହାଇସ୍କୁଲ, ନିମପୁର ଶାସନ ହାଇସ୍କୁଲ, ମଦନପୁର ହାଇସ୍କୁଲ, ବାଲିପାଟଣା ହାଇସ୍କୁଲ, ଚନ୍ଦନନଗର ହାଇସ୍କୁଲ, ବିଲିକଣା ହାଇସ୍କୁଲ, ଗଙ୍ଗାରାମପୁର ହାଇସ୍କୁଲ, ଦୋଷିଆ ହାଇସ୍କୁଲ, ଓଉପଦା ହାଇସ୍କୁଲ, ଆମ୍ବେର ହାଇସ୍କୁଲ, ଅଠରବାଟିଆ ହାଇସ୍କୁଲ, ତରଡ଼ିପାଳ ହାଇସ୍କୁଲ, ଅଳପୁଆ ହାଇସ୍କୁଲ, ଅଣ୍ଡରା ହାଇସ୍କୁଲ, ବଲୁରିଆ ହାଇସ୍କୁଲ, ସଂସାରଫଳ ହାଇସ୍କୁଲ, ଡାମରପୁର ହାଇସ୍କୁଲ, ଅରୁଆ ହାଇସ୍କୁଲ, ଚଉଦକୁଲାଟ ହାଇସ୍କୁଲ, ସିଦ୍ଧବାଲି ହାଇସ୍କୁଲ, ବଡ଼ମୂଳବସନ୍ତ ହାଇସ୍କୁଲ, ଅରଡ଼ପଲ୍ଲୀ ହାଇସ୍କୁଲ, କାଠିଆପଡ଼ା ହାଇସ୍କୁଲ, ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ, ଗୋପାଳ ଦାସ ସ୍ମାରକୀ କଳା ମନ୍ଦିର ସମେତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ବିଦ୍ୟାଦାତା ଗୁରୁଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ।

**ଗୋବିନ୍ଦପୁର:** ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ, ଗୋବିନ୍ଦପୁର ଗ୍ରାମର ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁଦିବସ ପାଳନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗଦାଧର ପଡ଼ିହାରି, ସମ୍ମାନିତ ଅତିଥି ମନୋରଞ୍ଜନ ଜେନା, ଘନଶ୍ୟାମ ଦାସ, ପରିଚାଳନା ସମିତି ସମ୍ପାଦକ ହୃଦାନନ୍ଦ ସାମଲ, କୋଷାଧ୍ୟକ୍ଷ ରମାକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ତପନ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ରଞ୍ଜନ ପତି, ଗୁରୁମା ତିଲୋତ୍ତମା ଜେନା, ନିଳୀମା ପ୍ରିୟଦର୍ଶିନୀ ସାମଲ, ଅନସୂୟା ମଲ୍ଲିକ, ଝରଣା ବେହେରା, କାଜଲ ରାଉତ, ନିବେଦିତା ବିଶ୍ୱାଳ, ପୁଷ୍ପଲତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଆଳି:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳସ୍ଥ ଆଦ୍ୟଶକ୍ତି ଭବନ ପକ୍ଷରୁ ବିଶ୍ୱ ଗୁରୁ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଆଦ୍ୟଶକ୍ତି ଭବନ ପକ୍ଷରୁ ଶିକ୍ଷକ ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ରହ୍ମାକୁମାରିଜ ଭଉଣୀ ସଂଯୁକ୍ତା ଓ ସ୍ୱର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଓ ସମ୍ମାନିତ ଅତିଥି ଭାବେ ଆଳି ଆଇଟିଆଇ ଅଧ୍ୟକ୍ଷ ରଞ୍ଜନ ବେହେରା ଯୋଗଦେଇଥିଲେ। ଶିକ୍ଷକ ଓ ସାମ୍ବାଦିକଙ୍କ ମଧ୍ୟରେ ରହିଥିବା କାର୍ଯ୍ୟଶୈଳୀ ଉପରେ ଶ୍ରୀ ବାରିକ ଆଲୋକପାତ କରିଥିଲେ। ଏଥିରେ ୧୫ରୁ ଅଧିକ ସାମ୍ବାଦିକ, ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

**ଡେରାବିଶ:** ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସ ଉପଲକ୍ଷେ ଗୁରୁଦିବସ ପାଳନ କରାଯାଇଛି। ଛାତ୍ରଛାତ୍ରୀ ଗୁରୁଙ୍କୁ ପୁଷ୍ପଚନ୍ଦନ ଦେଇ ପୂଜାର୍ଚ୍ଚନା କରିଥିଲେ। ଏ ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ପ୍ରଥମେ ଡକ୍ଟର ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ଆୟୋଜିତ ସଭାରେ ଶିକ୍ଷକ ଶିକ୍ଷୟିତ୍ରୀ ଭାରତରତ୍ନ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।

ସେହିପରି କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ନବ ଉତ୍କଳ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟାଳୟରେ ଗୁରୁଦିବସ ପାଳନ କରାଯାଇଥିଲା। ସଂଗଠନର ସମ୍ପାଦକ ବାଇଧର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ଗୁରୁ ନିରଞ୍ଜନ ସ୍ୱାଇଁ, ମନୋରଞ୍ଜନ ବେହେରା, ହାଡ଼ିବନ୍ଧୁ ଦାସ, ଓ ନିକୁଞ୍ଜ ସାରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଗୁରୁବନ୍ଦନା କରିଥିଲେ। ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବସନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଦକ୍ଷିଣଡିହା ପ୍ରାଥମିକ ବିଦ୍ୟାଳୟ

# ନିୟମିତ ଆସୁନାହାନ୍ତି ଶିକ୍ଷକ; ମିଳୁନି ମଧ୍ୟାହ୍ନଭୋଜନ

ଆଳି, ୬।୯ (ସମିସ):



କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରଶାସନର ଅପାରଗତା କାରଣରୁ କେତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଶିକ୍ଷା ଓ ମଧ୍ୟାହ୍ନଭୋଜନରୁ ବଞ୍ଚିତ ହେଉଛନ୍ତି। ଶିକ୍ଷା ବ୍ୟବସ୍ଥାର ଏମିତି ଏକ ବିକଳ ଚିତ୍ର କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଶିକ୍ଷା ବିଭାଗ ଅଧୀନରେ ଥିବା ନଦୀ ଅପରପାଶ୍ୱର୍ ଏକମାଣିଆ ପଞ୍ଚାୟତର ଦକ୍ଷିଣଡିହା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଦିନ ୧୨ଟାରେ ତାଲା ପଡୁଥିବାବେଳେ ଶିକ୍ଷକ ନିୟମିତ ଆସୁ ନ ଥିବା ଓ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ନଦୀଘେରା ଏକମାଣିଆ ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିବାବେଳେ ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀଙ୍କ ପ୍ରଚେଷ୍ଟାରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ୧୯୭୦ରେ ସ୍ଥାପିତ ହୋଇଥିବା ସର୍ବପୁରାତନ ଏହି ବିଦ୍ୟାଳୟରେ ଉପଯୁକ୍ତ ଶିକ୍ଷକ ଥିଲେ ମଧ ଛାତ୍ରଛାତ୍ରୀ ସଠିକ ଢଙ୍ଗରେ ଶିକ୍ଷା ପାଉ ନ ଥିବା ନେଇ ଅଭିଭାବକ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଓ ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ବିଦ୍ୟାଳୟରୁ ପାଠପଢି ବହୁ ବୁଦ୍ଧିଜୀବୀ ସୁନାମଧନ୍ୟ ଅର୍ଜନ କରିଛନ୍ତି। ପରିତାପର ବିଷୟ ଏବେ ଏହି ବିଦ୍ୟାଳୟରେ ଦିନ ୧୨ଟାରେ ଝୁଲୁଛି ତାଲା। ଶିକ୍ଷକ ନିୟମିତ ବିଦ୍ୟାଳୟକୁ ଆସୁ ନ ଥିବାବେଳେ ବହୁ ସମୟରେ ବିଦ୍ୟାଳୟରେ ତାଲା ପଡୁଥିବାରୁ ଛାତ୍ରଛାତ୍ରୀ ଘଣ୍ଟା ଘଣ୍ଟା ଅପେକ୍ଷା କରି ଫେରୁଛନ୍ତି। ଏମିତିକି ବିଦ୍ୟାଳୟରେ ନିୟମିତ ମଧ୍ୟାହ୍ନଭୋଜନ ରୋଷେଇ ହେଉନି। ଯେଉଁଦିନ ହେଉଛି, ତାହା ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏ ନେଇ ଗ୍ରାମବାସୀ ଓ ଅଭିଭାବକ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନି। ଯଦି ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମର ଶରତ ନାୟକ, ଖଗେଶ୍ୱର କରଣ, ଅନନ୍ତ କରଣ, ମଙ୍ଗୁଳି ରାଉତ, ଜଗବନ୍ଧୁ କରଣ, କମଳାକାନ୍ତ କରଣ, ଉମାକାନ୍ତ ରାଉତ, ସୁଶାନ୍ତ କରଣ, ଆଦିକନ୍ଦ ଦାସ, ମାନସ ଦାସ, ଗଣେଶ ମଲିକ, କ୍ଷୀରୋଦ ମଲିକ, ଜୟରାମ ମଲିକ, ସଞ୍ଜୟ କୁଅଁର, ଅଜୟ ବେହେରା, ନୀଳମଣି ବେହେରା, ବାସୁଦେବ ମଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଆଳି ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ହରିଅଙ୍କ ଦୁର୍ଗାପୂଜା ନିମନ୍ତେ ମାଟି ଅନୁକୂଳ



ଡେରାବିଶ, ୬।୯ (ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ଶ୍ରଦ୍ଧାଳୁ ବାଜା, ବାଣ, ଘଣ୍ଟ, ସଂକୀର୍ତ୍ତନ ଶୋଭାଯାତ୍ରାରେ ଯାଉ ନିକଟସ୍ଥ ଗ୍ରାମର ଗ୍ରାମଦେବତୀ ମା' ବିଲାଶୁଣୀଙ୍କ ପ୍ରାଙ୍ଗଣରୁ ପୂଜାର୍ଚ୍ଚନା କରି ମାଟି ଅନୁକୂଳ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ କିନାସ ଖଣ୍ଡୁଆଳ, ପୂଜା କମିଟି ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଭଗବତୀ ବିଦ୍ୟାଳୟ ଶିକ୍ଷୟିତ୍ରୀ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ପଞ୍ଚୁପାଣ୍ଡବ, ୬।୯ (ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟର ଓଡ଼ିଆ ଶିକ୍ଷୟିତ୍ରୀ ମିତାଲୀ ମିଶ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସେହିପରି ବାରିମୂଳ ପଞ୍ଚାୟତର ରାଧାମୋହନ ଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅର୍ଚ୍ଚନା ରଥଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପାଳ ରଘୁରାମ ଆର୍ ଆୟର ପୁରସ୍କାର ପ୍ରଦାନ କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଓ ଜିଲ୍ଲା ପ୍ରଶିକ୍ଷଣ ଅନୁଷ୍ଠାନର ସୁଲୋଚନା ଦେହୁରୀ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଇଚ୍ଛାପୁର ହାଇସ୍କୁଲରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଉଦ୍ୟୋଗୀ ତାଲିମ ଶିବିର ଆରମ୍ଭ




ଡେରାବିଶ, ୬।୯ (ସମିସ): ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ସଭାକକ୍ଷରେ ଇନଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟରପ୍ରେନରସିପ୍ ଡେଭେଲପମେଣ୍ଟ ଓଡ଼ିଶା ପକ୍ଷରୁ ଗ୍ରାମାଞ୍ଚଳରେ ଉଦ୍ୟୋଗୀ ସୃଷ୍ଟି କରିବା ନିମନ୍ତେ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ସଂସ୍ଥାର ଜିଲ୍ଲା ରିସୋର୍ସ ପର୍ସନ ଶୁଭରଞ୍ଜନ ମହନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରର ପ୍ରୋଗ୍ରାମ କୋଡିନେଟର ଲୋପାମୁଦ୍ରା ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ହରିଅଙ୍କ ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଏହି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ଥିବା ଉଭୟ ପୁରୁଷ ଓ ମହିଳା ଜଣେ ଜଣେ ଉଦ୍ୟୋଗୀ ହେବାକୁ ତାଲିମ ପ୍ରଦାନ କରାଯିବ। ତାଲିମପ୍ରାପ୍ତ ବ୍ୟକ୍ତିବିଶେଷ ଲଘୁ ଉଦ୍ୟୋଗ, ମଧ୍ୟମ ଉଦ୍ୟୋଗ କିମ୍ବା ବଡ଼ ଉଦ୍ୟୋଗ ପାଇଁ ଆବଶ୍ୟକ ହେଉଥିବା ଜ୍ଞାନକୌଶଳ ଓ ବ୍ୟାଙ୍କ ଋଣ ଇତ୍ୟାଦି ପାଇଁ ଏହି ସଂସ୍ଥା ସେମାନଙ୍କୁ ସହଯୋଗ କରିବ ବୋଲି ଅତିଥିମାନେ କହିଥିଲେ। ଉଦ୍ୟୋଗୀଙ୍କ ପାଇଁ ବ୍ୟାଙ୍କ ଋଣରେ ୩୫% ସବ୍‌ସିଡ଼ି ରହିଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ତାଲିମ ଶିବିର ୧୨ ଦିନ ଧରି ଆନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ୧୮ରୁ ୫୫ ବର୍ଷର ୩୦ ଜଣ ପୁରୁଷ ଓ ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଂସ୍ଥାର ଫାସିଲିଟେଟର ସ୍ୱାଗତିକା ରଥ ପରିଚାଳନା କରିଥିଲେ।

## ସାମାଜିକ ସୁରକ୍ଷା ଭତ୍ତା ଆବେଦନ କରିଥିବା ବ୍ୟକ୍ତିଙ୍କ ଯାଞ୍ଚହେବ ବୟସ

ଡେରାବିଶ, ୬।୯ (ସମିସ): ସରକାର ସାମାଜିକ ସୁରକ୍ଷା ଯୋଜନାରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ବର୍ଦ୍ଧିତ ଭତ୍ତା ୨୦୦୦ ଟଙ୍କା ଓ ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି। ସେହିପରି ୮୦%ରୁ କମ୍ ଦିବ୍ୟାଙ୍ଗଙ୍କୁ ୨୦୦୦ ଟଙ୍କା ଓ ୮୦%ରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ସେହିପରି ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ବୟସ୍କା ମହିଳାଙ୍କୁ ୮୦ ବର୍ଷ ପର୍ଯ୍ୟନ୍ତ ୨୦୦୦ ଟଙ୍କା ଓ ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଭତ୍ତା ରାଶି ବୃଦ୍ଧି କରାଯିବା ପରେ ଆବେଦନକାରୀଙ୍କ ସଂଖ୍ୟା ବଢ଼ିଯାଇଛି। ଡେରାବିଶ ବ୍ଲକର ୨୬ଟି ପଞ୍ଚାୟତରେ ପାଖାପାଖି ୨୦ ହଜାର ହିତାଧିକାରୀ ସାମାଜିକ ସୁରକ୍ଷା ପାଉଥିବାବେଳେ ଏବେ ଅନ୍‌ଲାଇନ୍‌ରେ ୩ ହଜାରରୁ ଅଧିକ ବ୍ୟକ୍ତି ସାମାଜିକ ସୁରକ୍ଷା ଭତ୍ତା ପାଇଁ ଆବେଦନ କରିଛନ୍ତି। ସେଥିରୁ ପାଖାପାଖି ୩୦୦ ବ୍ୟକ୍ତି ୮୦ ବର୍ଷରୁ ଊର୍ଦ୍ଧ୍ୱ ରହିଥିବା ଜଣାଯାଇଛି। କେତେକ କ୍ଷେତ୍ରରେ ଦେଖିବାକୁ ମିଳିଛି କିଛି ଅସାଧୁ ବ୍ୟକ୍ତି ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଜାଲିଆତି କରି ଭୋଟର ପରିଚୟପତ୍ରରେ ବୟସକୁ ବଢ଼ାଇ ଦେଇ ଅନ୍‌ଲାଇନ୍‌ରେ ଆବେଦନ କରିଛନ୍ତି। ଏହି ଘଟଣାକୁ ଉପଲବ୍ଧି କରି ସରକାରଙ୍କ ପକ୍ଷରୁ ନୂତନ ପରିଚୟପତ୍ର କରିଥିବା ଆବେଦନକାରୀଙ୍କ ପୁରୁଣା ପରିଚୟ ପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ରହିଛି। ଏହି ଯାଞ୍ଚ ଫଳରେ ଜାଲ୍ ଆବେଦନକାରୀ ଚିହ୍ନଟ ହୋଇପାରିବେ।

## ଦୁଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଫଳ ଚାରାରୋପଣ

ଜଗତସିଂହପୁର, ୬।୯ (ସମିସ): ଓଡ଼ିଶା ପରିବେଶ ସମିତି ଭୁବନେଶ୍ୱର ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପାରାଦୀପ ଆଞ୍ଚଳିକ ଶାଖାର ମିଳିତ ଆନୁକୂଲ୍ୟରେ ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଦୁଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଫଳଚାରା ରୋପଣ ସହ ବୃକ୍ଷ ସମ୍ପର୍କିତ ଉପାଦେୟ ପ୍ଲାକାର୍ଡ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ଓଡ଼ିଶା ପରିବେଶ ସମିତି ସଭାପତି ଡକ୍ଟର ସୁନ୍ଦର ନାରାୟଣ ପାତ୍ର, କାର୍ଯ୍ୟକାରୀ ସଭାପତି ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ ଓ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଜଗତସିଂହପୁରର ବିଭିନ୍ନ ବ୍ଲକ୍‌ରେ ଚଳିତ ବର୍ଷ ୨୦ ପ୍ରଜାତିର ଦୁଇହଜାର ଫଳଚାରା ରୋପଣ କରାଯାଉଛି। ସମିତିର ବରିଷ୍ଠ ଆଜୀବନ ସଦସ୍ୟ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ବିଗତ ଦୁଇବର୍ଷ ଓ ଚଳିତବର୍ଷ ମଧ ସଫଳତାର ସହ ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦନ କରୁଛନ୍ତି। ଶ୍ରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଚାରା ରୋପଣ କାର୍ଯ୍ୟକୁ ଶୁଭାରମ୍ଭ କରିଥିବାବେଳେ ଗଛ ମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲି ଓ ତାଙ୍କ ସହଧର୍ମିଣୀ ପରିବେଶପ୍ରେମୀ କନକଲତା ପରିଡା ଏହି କାର୍ଯ୍ୟକୁ ଆଞ୍ଚଳିକ ସ୍ତରରେ ପରିଚାଳନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସଂଘମିତ୍ରା ସ୍ୱାଇଁ, ଶିକ୍ଷକ ବିଭୂପଦ ମହାନ୍ତି, ବିକ୍ରମ ସେଠୀ, ସୋହାଲ ଖାନ୍, ଶିକ୍ଷୟିତ୍ରୀ ଦୀପ୍ତିମୟୀ ମିଶ୍ର ପ୍ରମୁଖ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସହଯୋଗରେ ଗୁଆ, ଆମ୍ବ, ପଣସ, ପିଜୁଳି, ସେପେଟା, ଲିଚୁ, ଜାମୁଡୋଳ, ବାହାଡା, ଲେମ୍ବୁ, ନେଉଆ, ବଉଳ, କାଜୁ ଆଦି ଏକଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ବୃକ୍ଷ ସମ୍ପର୍କିତ ସ୍ଲୋଗାନ ଥିବା ପ୍ଲାକାର୍ଡ ଜରିଆରେ ବୃକ୍ଷରାଜିର ଅବଦାନ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କେନ୍ଦ୍ରାପଡ଼ା, ୬।୯ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡେପୁଟି ନର୍ସିଂ ସୁପରଇନଟେଡେଣ୍ଟ ଶ୍ରୀମତୀ ବାସନ୍ତୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଚିକିତ୍ସାଳୟର ସମ୍ମିଳନୀ ଗୃହରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଏଡିଏମଓ ମେଡିକାଲ ଡା. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଗିରି, ଶିଶୁ ବିଶେଷଜ୍ଞ ଡା. କିଶୋର ମିଶ୍ର, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବରିଷ୍ଠ ଡାକ୍ତର ଅଶୋକ କର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଫାଇନାସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ନାୟକଙ୍କ ଭଲଗୁଣ ଉପରେ ଆଲୋକପାତ କରି ତାଙ୍କ ଭବିଷ୍ୟତ ଜୀବନ ନିରୋଗ ରହିବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନିୟର ନର୍ସିଂ ଅଫିସର ଅଞ୍ଜନବାଳା ସାହୁ, କବିତା କୁମାରୀ, ବନିତା ପାଣି, ବିନ୍ଦୁରେଖା ରଥ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ମାନସୀ ବେହେରା, ଶୈଳବାଳା ନାୟକ, ମିନତୀ ଲେଙ୍କା, ମମତାମୟୀ ନାୟକ, ରିଙ୍କି ପ୍ରିୟଦର୍ଶିନୀ ବାରିକ, ହସ୍‌ପିଟାଲ ମ୍ୟାନେଜର ପ୍ରଭାତ ନାୟକ ଓ ସୁଭାଶିଷ ସାଠୁଆ ଓ ପୁଷ୍ଟି ପୁନର୍ବାସ କେନ୍ଦ୍ରର ପରାମର୍ଶଦାତା ଅମ୍ରିତା ଜେନା ଯୋଗ ଦେଇଥିଲେ। ସଭାରେ ସମସ୍ତ ଡାକ୍ତର ନର୍ସିଂ ବୃତ୍ତିର ପ୍ରଶଂସା କରିଥିଲେ। ଡାକ୍ତରଖାନରେ ଡାକ୍ତରଙ୍କ ଅପେକ୍ଷା ନର୍ସିଂ ଅଫିସରଙ୍କ ପାଖରେ ରୋଗୀ ଅଧିକ ସମୟ ରହି ସେବା ପାଏ ବୋଲି ଆଲୋଚନା କରାଯାଇଥିଲା। ସମ୍ବର୍ଦ୍ଧନା ସଭାକୁ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ ସଭାକୁ ସଂଯୋଜନା କରିବା ସହିତ ଏକ ବିଦାୟକାଳୀନ କବିତା ଗାଇଥିଲେ। ହସ୍‌ପିଟାଲ ମ୍ୟାନେଜର ପ୍ରଭାତ ନାୟକ ଧନ୍ୟବାଦ ଦେଇଥିଲେ।

## ପଞ୍ଜୀକରଣ କରି ନ ପାରି ଚାଷୀ ହତାଶ

ଡେରାବିଶ, ୬।୯ (ସମିସ): ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ସହାୟକ ମୂଲ୍ୟରେ ଧାନ କିଣିବାକୁ ସମବାୟ ସମିତିରେ ଚାଷୀଙ୍କୁ ନାମ ପଞ୍ଜୀକରଣ କରିବାକୁ ପଡ଼ିଥାଏ। ଚଳିତ ବର୍ଷ ଏଥିପାଇଁ ଧାର୍ଯ୍ୟ ହୋଇଥିବା ସମୟ ସୀମା ମଧ୍ୟରେ ଅନେକ ଚାଷୀ ପଞ୍ଜୀକରଣ କରିପାରି ନ ଥିଲେ। ଏହାର କାରଣ ପଟ୍ଟାରେ ଥିବା ଜମି ମାଲିକ ସେମାନଙ୍କ ନାମ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିପାରିବେ। ଯେଉଁ ଚାଷୀଙ୍କ ନାମ ଜମି ପଟ୍ଟାରେ ନାହିଁ କିମ୍ବା ଚାଷୀଙ୍କ ମୃତ ପିତାମାତା ଓ ଜେଜେଙ୍କ ନାମରେ ଜମିପଟ୍ଟା ରହିଛି, ସେ ଚାଷୀ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଯାଇ ଉତ୍ତରାଧିକାରୀ ପ୍ରମାଣପତ୍ର ଆଣିବେ। ରାଜସ୍ୱ ନିରୀକ୍ଷକ ସଠିକ ଢ଼ଙ୍ଗରେ ତଦନ୍ତ କରି ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀ ସାବ୍ୟସ୍ତ କଲାବେଳକୁ ଦୀର୍ଘ ସମୟ ଲାଗିବ। ଯେଉଁଥିପାଇଁ ଧାର୍ଯ୍ୟ ସମୟ ମଧ୍ୟରେ ବହୁ ଚାଷୀ ନାମ ପଞ୍ଜୀକରଣ କରାଇପାରି ନ ଥିଲେ। ଫଳରେ ସରକାରଙ୍କ ପକ୍ଷରୁ ପଞ୍ଜୀକରଣ ତାରିଖକୁ ବର୍ଦ୍ଧିତ କରାଯାଇ ନିଜସ୍ୱ ସତ୍ୟପାଠ ମାଧ୍ୟମରେ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ରହିଥିଲା। ତେବେ ଧାର୍ଯ୍ୟ ସମୟର ୬ ଦିନ ପୂର୍ବରୁ ଅନ୍‌ଲାଇନ୍ ୱେବ୍‌ସାଇଟ୍ ବନ୍ଦ ହୋଇଯାଇଥିବାରୁ ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ଅଛନ୍ତି। ଏହି ସମସ୍ୟାର ସମାଧାନ କରାଯାଇ ବାଦ୍ ପଡ଼ିଥିବା ଚାଷୀଙ୍କ ପଞ୍ଜୀକରଣ ନିମନ୍ତେ ୱେବ୍‌ସାଇଟ୍ ଖୋଲିବାକୁ ଚାଷୀ ଦାବି କରିଛନ୍ତି।

## ରାଧାରମଣ ମଠରେ ଠାକୁର ହରିଦାସଙ୍କ ତିରୋଭାବ ଉତ୍ସବ

ପଟ୍ଟାମୁଣ୍ଡାଇ, ୬।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ଠାକୁର ହରିଦାସଙ୍କ ତିରୋଭାବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ପ୍ରଭୁ ରାଧାରମଣ, ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରା, ପ୍ରଭୁ ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏ ଅବସରରେ ୩ ଦଳ ସଂକୀର୍ତ୍ତନ ମଣ୍ଡଳୀ ନାମସଂକୀର୍ତ୍ତନ, ଭଜନ ଜଣାଣ କରିଥିଲେ। ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ଅମ୍ବୁଜଭୂଷଣ ନାୟକ, ମୃତ୍ୟୁଞ୍ଜୟ ସୂତାର, ରାଧାରମଣ ପ୍ରସାଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



## ଏମ୍‌ଏନ୍ ହାଇସ୍କୁଲର ୪ ଶିକ୍ଷକ ପାଇଲେ ଶିକ୍ଷା ପୁରସ୍କାର

ପଟ୍ଟାମୁଣ୍ଡାଇ, ୬।୯ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ମନ୍ମଥନାଥ ଉଚ୍ଚବିଦ୍ୟାଳୟର ୪ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଗୁରୁଦିବସ ତଥା ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଇଚ୍ଛାପୁର ସରକାରୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆୟର ଓ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ୍ତ ମୋହନ ବାରିକ ଯୋଗଦେଇ ପଟ୍ଟାମୁଣ୍ଡାଇ ଏମ୍‌ଏନ ହାଇସ୍କୁଲର ଇଂରାଜୀ ଶିକ୍ଷକ ସରୋଜ କୁମାର ସ୍ୱାଇଁ, ଗଣିତ ଶିକ୍ଷକ ତାପସ କୁମାର ବେହେରା, ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ଅନୀତା ଧଳ, କ୍ରୀଡ଼ା ଶିକ୍ଷକ ଶଶାଙ୍କଶେଖର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। କୃତୀ ଶିକ୍ଷକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।



## ମହିଳା ସରପଞ୍ଚଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଅଭିଯୋଗ

ରାଜନଗର, ୬।୯ (ସମିସ): ମହିଳା ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ କରାଯାଇଛି। ତାଙ୍କ ବାଡ ଓ କବାଟ ଭାଙ୍ଗି ଘର ଭିତରେ ପଶି ଜାତି ନେଇ ଗାଳିଗୁଲଜ କରିବା ସହିତ ଟଣାଓଟରା କରି ମାଡ଼ ମରାଯାଇଛି। ତାଙ୍କ ସ୍ୱାମୀ ପହଞ୍ଚି ଅଟକାଇବାରୁ ତାଙ୍କୁ ମଧ ନିର୍ମମ ଭାବେ ମାଡ଼ ମରାଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଘଟଣା ସମୟରେ ମହିଳା ସରପଞ୍ଚ ପୁଲିସ ଓ ବିଡିଓଙ୍କୁ ଫୋନ କରିଥିଲେ ମଧ ପୁଲିସ ରକ୍ଷା କରିବାକୁ ଯାଇ ନ ଥିବା ଅଭିଯୋଗ କରିଛନ୍ତି।

ରାଜପୁର ସରପଞ୍ଚ ରାଣୀମଞ୍ଜରି ସେଠୀ ଚନ୍ଦନପୁରସ୍ଥ ତାଙ୍କ ଶାଶୂଘରେ ଥିଲେ। ଦିନ ପ୍ରାୟ ୧୧ ଘଟିକା ସମୟରେ ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚ ନିମାଇଁ ରାଉତଙ୍କ ସହିତ ସନ୍ତୋଷ ପ୍ରଧାନ, ନରୋତ୍ତମ ଦାସ, କନ୍ଦୁରୀ ରାଉତ, ନିଗମ ରାଉତ, ଜଗବନ୍ଧୁ ରାଉତ, ମଣ୍ଟୁ ଦାସ, ତିଳୋତ୍ତମା ପ୍ରଧାନ, ଦମୟନ୍ତୀ ଦାସ ପ୍ରମୁଖ ପହଞ୍ଚି ତାଙ୍କ ଘରର ବାଡ ଓ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ମହିଳା ସରପଞ୍ଚଙ୍କୁ ତାଙ୍କ ଜାତି ନେଇ ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଜୀବନରୁ ମାରି ଦେବାକୁ ବେକକୁ ଜୋରରେ ଚିପିଥିଲେ। ଚିତ୍କାର ଶୁଣି ତାଙ୍କ ସ୍ୱାମୀ ବସନ୍ତ ସେଠୀ ପହଞ୍ଚିଯିବାରୁ ତାଙ୍କୁ ମଧ ନିର୍ମମ ଭାବେ ମାଡ଼ ମାରିଥିଲେ। ସରପଞ୍ଚଙ୍କ ମଙ୍ଗଳ ସୂତ୍ର, ସୁନା ଚେନ ଓ ଗୋଟିଏ ସୁନା କାନଫୁଲ ଟାଣି ନେଇଥିବା ନେଇ ସରପଞ୍ଚ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା



ରାଜନଗର, ୬।୯ (ସମିସ): ପବିତ୍ର ଗୁରୁଦିବସରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ଜରିମୂଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ବିଞ୍ଝାରପୁର ମଣ୍ଡଳ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ 'ବାରଗାଁ ଗୌରବ ସମ୍ମାନ' ଓ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ରାଜନଗର ଥାନା ଏଏସଆଇ ସଞ୍ଜିତ କୁମାର ନାୟକଙ୍କୁ "ଓଡ଼ିଶୀ ନୃତ୍ୟଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଛି। ସାହିତ୍ୟ ସଂସଦ ସଭାପତି ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଜୟ ରାଉତ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୀତାକାନ୍ତ ରାଉଳ, ବରେଣ୍ୟ ଅତିଥି ଭାବେ ସାମ୍ବାଦିକ ଜଗନ୍ନାଥ ଦାସ ଉପସ୍ଥିତ ରହି ଦୁଇ ପ୍ରତିଭାଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ଯେଉଁ ଉଦ୍ୟମ ଜାରି ରଖିଛି, ତାହାକୁ ପ୍ରଶଂସା କରିବା ସହ ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପସଭାପତି ତଥା ଅବସରପ୍ରାପ୍ତ ଶିକ୍ଷାବିତ୍ ରଙ୍ଗାଧର ଜେନା ଓ ଓଳାଭର ମହାବିଦ୍ୟାଳୟର ଯୁବ ଅଧ୍ୟାପକ ରତିକାନ୍ତ ଲେଙ୍କା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆଶାଲତା ରାଉତ, ସହକାରୀ ଶିକ୍ଷୟିତ୍ରୀ ନମିତା ପ୍ରଧାନ, ସନ୍ଧ୍ୟାରାଣୀ ସ୍ୱାଇଁ ଦୁଇ ପ୍ରତିଭାଙ୍କ ପ୍ରଶଂସା କରିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ସୁଶ୍ରୀକାନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ

ପାରାଦୀପ, ୬।୯ (ସମିସ):




ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ଜୟଦେବ ସଦନରେ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର ଯୋଗ ଦେଇଥିବାବେଳେ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ ଯୋଗଦେଇ ଖବର ସଂଗ୍ରହ ସମୟରେ ଗଣମାଧ୍ୟମ ପ୍ରତିନିଧି ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ବର୍ତ୍ତମାନ ଯେଉଁ ଗଣମାଧ୍ୟମ ପ୍ରତିନିଧି ନିଜ ପରିବାର ଓ ସବୁ ବିପଦକୁ ପଛରେ ପକାଇ ଅହରହ ଲୋକଙ୍କ ସହିତ ଯୋଡ଼ି ହେଇଛି, ସେମାନଙ୍କ ଆର୍ଥିକ ସମସ୍ୟା ଭୟଙ୍କର ସ୍ଥିତିରେ ଗତି କରୁଛି। ଏ ସମ୍ପର୍କରେ ଆଲୋଚନା କରିବା ବେଳେ ଶ୍ରୀ ତ୍ରିପାଠୀ ଉଦବେଗ ପ୍ରକାଶ କରିଥିଲେ। ଏଭଳି ସମୟରେ ଗଣମାଧ୍ୟମଙ୍କୁ ସହଯୋଗର ହାତ ବଢାଇବା ଉଚିତ ବୋଲି କହିବା ସହିତ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ପ୍ରଶଂସା କରିଥିଲେ। ଟ୍ରଷ୍ଟର ମୁଖ୍ୟ ପରାମର୍ଶଦାତା ଗଗନ ବିହାରୀ ସାହୁ, ଆଇନ ପରାମର୍ଶଦାତା କୈଳାସ ଚନ୍ଦ୍ର ସାହୁ ଟ୍ରଷ୍ଟର ନିରପେକ୍ଷ କାର୍ଯ୍ୟକ୍ରମ ଓ ସାମ୍ବାଦିକଙ୍କ ଇନ୍ସୁରାନ୍ସ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ପ୍ରଶାନ୍ତ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଅବସରରେ ଟ୍ରଷ୍ଟର ମୁଖପତ୍ର "ପରାଶର' ଉନ୍ମୋଚନ କରାଯାଇଥିବାବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି, ପାରମ୍ପରିକ ନୃତ୍ୟରେ ବିଜୟୀ ପ୍ରତିଯୋଗୀଙ୍କୁ ଡଃ ବିଦ୍ୟୁତ୍ କୁମାରୀ ଚୌଧୁରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିଶୁରୋଗ ବିଶେଷଜ୍ଞ ଡାକ୍ତର ବସନ୍ତ ରାଉତ, ଓଡ଼ିଶୀ ନୃତ୍ୟଗୁରୁ ବ୍ରଜକିଶୋର ମଲ୍ଲିକ, ବିଶିଷ୍ଟ କଣ୍ଠଶିଳ୍ପୀ ମୁର୍ଚ୍ଛନା ମିଶ୍ରଙ୍କୁ "ପାରାଦୀପ ଗୌରବ ସମ୍ମାନ', ଚାଟାର୍ଡ ଆକାଉଣ୍ଟାଣ୍ଟ ସୂର୍ଯ୍ୟପ୍ରସାଦ ରଥ, ଶିକ୍ଷକ ଶଙ୍କର ଚରଣ ଖୁଣ୍ଟିଆ, ଫାର୍ମାସିଷ୍ଟ ସୁରଜିତ ପ୍ରଧାନ, ପାଥୋଲୋଜିଷ୍ଟ ପ୍ରକାଶ ଭଦ୍ର, ସଡ଼କ ସୁରକ୍ଷା ପାଇଁ ପଙ୍କଜ ତରାଇଙ୍କୁ "ସମାଜ ସାଥୀ' ସମ୍ମାନ, ସଫେଇ କର୍ମଚାରୀ ସୁନ୍ଦରା ମାରାଣ୍ଡିଙ୍କୁ "ପ୍ରକୃତି ସାଥୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପାରାଦୀପର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନ କଳିଙ୍ଗ ମହିଳା ଶକ୍ତି, ସାତ୍ତ୍ୱିକ ସୋଲ ଫାଉଣ୍ଡେସନ, ନୀଳଚକ୍ର ୟୁଥ୍ କ୍ଲବ୍, ବାପି ଗୋଛାୟତ, ସ୍ୱେଚ୍ଛାସେବୀ ଗ୍ରୁପ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁରର ବିଭିନ୍ନ ସାମ୍ବାଦିକ ସଂଗଠନ ଓ ବରିଷ୍ଠ ସାମ୍ବାଦିକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପାଧ୍ୟକ୍ଷ ହରିଶ୍ଚନ୍ଦ୍ର ଲେଙ୍କା, ସହସମ୍ପାଦକ ଜଗନ୍ନାଥ ଶତପଥୀ, ସଂଗଠନ ସମ୍ପାଦକ ଜଗବନ୍ଧୁ ସ୍ୱାଇଁ, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ସ୍ୱାଇଁ, ସଦସ୍ୟ ସୁଦର୍ଶନ ବିଶ୍ୱାଳ, ପ୍ରଶାନ୍ତ ରାଉତ, ସୁମନ୍ତ ସ୍ୱାଇଁ, ପ୍ରଭାସ ଦାସ, ଜିତେନ୍ଦ୍ର ସାହୁ, ସୁଶାନ୍ତ ସାମଲ, ପ୍ରଭାତ ମହାପାତ୍ର, ଦୀପକ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲ୍ଲା ସଭାପତି ଚୟନ ପାଇଁ କଂଗ୍ରେସର ବୈଠକ

# ଡଜନେ ଆଶାୟୀ; ଦୁଇଗୋଷ୍ଠୀ ମଧ୍ୟରେ ଟଣାଓଟରା

କୋରାପୁଟ, ୬।୯ (ସମିସ): ଏଆଇସିସି ନିର୍ଦ୍ଦେଶକ୍ରମେ ଓଡ଼ିଶାରେ କଂଗ୍ରେସ ଆରମ୍ଭ କରିଛି ସଂଗଠନ ସୃଜନ ଅଭିଯାନ। ରାଜ୍ୟର ସମସ୍ତ ୩୫ କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ବଛାଯିବା ପ୍ରକ୍ରିୟା କ୍ରମରେ କୋରାପୁଟରେ ମଧ୍ୟ ଆରମ୍ଭ ହୋଇଛି ଅନୁରୂପ କାର୍ଯ୍ୟକ୍ରମ। ତେବେ ଏହି ପଦ ପାଇଁ କୋରାପୁଟରେ ଡଜନେରୁ ଊର୍ଦ୍ଧ୍ୱ ଆଶାୟୀ ଥିବାରୁ ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

କେନ୍ଦ୍ରୀୟ ନେତାମାନେ କୋରାପୁଟରେ ଜିଲ୍ଲା ସଭାପତି ନିର୍ବାଚନ ନିମନ୍ତେ ଦଳୀୟ ନେତା ଓ କର୍ମୀମାନଙ୍କ ମତ ଗ୍ରହଣ କରିଛନ୍ତି। ଗୁରୁବାର କୋରାପୁଟ ଟାଉନ୍ ହଲଠାରେ ଜିଲ୍ଲା ସଭାପତି ଶଶିଭୂଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ବୈଠକରେ ଏଆଇସିସି ଜିଲ୍ଲା ପର୍ଯ୍ୟବେକ୍ଷକ ଗଣେଶ କୁମାର ଯାଦବ, ପିସିସି ପର୍ଯ୍ୟବେକ୍ଷକ ଭାରତ ଭୂଷଣ ବିମଳ ଓ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଜିଲ୍ଲା ସଭାପତି ପଦ ପାଇଁ ଦଳୀୟ ନେତାଙ୍କ ଯୋଗ୍ୟତା ଓ ମାପଦଣ୍ଡ ବିଷୟରେ ଉଲ୍ଲେଖ କରିଥିଲେ। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପ୍ରମୁଖ ଜିଲ୍ଲା ସଭାପତି ଚୟନ ସର୍ବସମ୍ମତିକ୍ରମେ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ।

ଏଆଇସିସିର ପ୍ରତିନିଧି ଶୁକ୍ରବାର ଓ ଶନିବାର ବିଭିନ୍ନ ବ୍ଲକ୍, ପୌରାଞ୍ଚଳର କଂଗ୍ରେସ ନେତାଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ରବିବାର ଲକ୍ଷ୍ମୀପୁରଠାରେ ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍ ଏବଂ ସୋମବାର ସେମିଳିଗୁଡ଼ାଠାରେ ନନ୍ଦପୁର, ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ବ୍ଲକ, ସୁନାବେଡ଼ା ମ୍ୟୁନସିପାଲିଟି କର୍ମକର୍ତ୍ତାଙ୍କ






ସହ ଆଲୋଚନା କରିବେ। ଏହାପରେ ୯ ତାରିଖ ଦିନ କୋରାପୁଟଠାରେ ଆଶାୟୀ ପ୍ରାର୍ଥୀ ଏବଂ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରି ୧୦ ତାରିଖ ଦିନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସାମାଜିକ ଗୋଷ୍ଠୀ ସଦସ୍ୟମାନଙ୍କ ସହ ଆଲୋଚନା କରିବା ପରେ ଆଶାୟୀ ପ୍ରାର୍ଥୀଙ୍କ ନାମ ତାଲିକା ଦିଲ୍ଲୀଠାରେ ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯିବ।

ତେବେ ବର୍ତ୍ତମାନ ଜିଲ୍ଲା ସଭାପତି ଆଶାୟୀଙ୍କ ଲମ୍ବା ତାଲିକା ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବର୍ତ୍ତମାନର ସଭାପତି ଶଶିଭୂଷଣ ପାତ୍ରଙ୍କ ସମେତ ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ କ୍ରିଷ୍ଣା ସଗରିଆ, ପିସିସି ସମ୍ପାଦକ ରୂପକ ତୁରୁକ୍, ପୂର୍ବତନ ପିସିସି ସମ୍ପାଦକ ଜଗଦୀଶ ଖୋସଲା, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, ବରିଷ୍ଠ କଂଗ୍ରେସ ନେତା ବାବୁଲା ବେନିଆ, କୃଷ୍ଣ ନେପାକ, ରାମ ନାୟକ ପ୍ରମୁଖ ସଭାପତି ପଦ ପାଇଁ ଆଶାୟୀ ଥିବା କୁହାଯାଉଛି। ତେବେ ଏହା ମଧ୍ୟରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଜଗଦୀଶ ଖୋସଲା ଏବଂ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକାଙ୍କ ଦୃଢ଼ ସମର୍ଥକ ଯୁବନେତା ରୂପକ ତୁରୁକଙ୍କୁ ପ୍ରମୁଖ ଦାବିଦାର ମନେ କରାଯାଉଛି। ଜିଲ୍ଲା କଂଗ୍ରେସକୁ ନିଜ ଆୟତ୍ତରେ ରଖିବାକୁ ତାରାପ୍ରସାଦ ବାହିନୀପତି ଉଦ୍ୟମ ଚଳାଇଥିବା ବେଳେ ସାଂସଦ ସପ୍ତଗିରି ମଧ୍ୟ ଅନୁରୂପ ଚାହୁଁଛନ୍ତି ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଉଭୟ ନେତାମାନଙ୍କ ମଧ୍ୟରେ ନିଜ ଅନୁଗତଙ୍କୁ ଜିଲ୍ଲା ସଭାପତି ପଦରେ ବସାଇବାକୁ ପ୍ରତିଯୋଗିତା ଆରମ୍ଭ ହୋଇଥିବା ଚର୍ଚ୍ଚା ଚାଲିଛି।

## ବିଜ୍ଞପ୍ତି ଅନୁଯାୟୀ ଅକ୍ଷମତା ବର୍ଗଭୁକ୍ତ ହୋଇ ନ ଥିବା ଦିବ୍ୟାଙ୍ଗ ନିଯୁକ୍ତି ପାଇଁ ଦାବିଦାର ନୁହନ୍ତି: ହାଇକୋର୍ଟ

କଟକ,୬।୯(ସମିସ): ବିଜ୍ଞପ୍ତି ଅନୁଯାୟୀ ଅକ୍ଷମତା ବର୍ଗରେ ଅନ୍ତର୍ଭୁକ୍ତ ନଥିବା ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରେ ପଦବୀ ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଯଦି ଉପଯୁକ୍ତ ଦିବ୍ୟାଙ୍ଗ ପ୍ରାର୍ଥୀ ଉପଲବ୍ଧ ନ ଥାନ୍ତି, ତେବେ ସଂରକ୍ଷିତ ପଦବୀ ଖାଲି ରହିପାରେ। ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଓପିଏସ୍‌ସି (ଓଡ଼ିଶା ଲୋକସେବା ଆୟୋଗ) ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ମୃଗାଙ୍କଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଜଣିକିଆ ବିଚାରପତିଙ୍କ ଆଦେଶକୁ ଖାରଜ କରିଦେଇଛନ୍ତି ଖଣ୍ଡପୀଠ। ୧୯୯୫ ମସିହାର ପିଡବ୍ଲୁଡି ଆଇନର ଧାରା ୩୨ ଏବଂ ୩୩ ଅନୁଯାୟୀ ଜାରି ହୋଇଥିବା ସରକାରୀ ବିଜ୍ଞପ୍ତି ଅନୁଯାୟୀ କମ୍ ଦୃଷ୍ଟିଶକ୍ତି ଅକ୍ଷମତାକୁ ପଦବୀ ପାଇଁ ଉପଯୁକ୍ତ ବୋଲି ଚିହ୍ନଟ କରାଯାଇ ନାହିଁ, ଏଣୁ ଏହି ମାମଲାରେ ଅକ୍ଷମତା ଥିବା ପ୍ରାର୍ଥୀ ସହାୟକ କୃଷି ଇଞ୍ଜିନିୟର ପଦବୀ ପାଇଁ ଚୟନ ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୧୯-୨୦ରେ ସହକାରୀ କୃଷି ଇଞ୍ଜିନିୟର (ଗ୍ରୁପ-ବି’) ପଦବୀରେ ନିଯୁକ୍ତି ପାଇଁ ଏକ ବିଜ୍ଞାପନ ଜାରି କରାଯାଇଥିଲା। ମୋଟ ଖାଲି ପଦବୀ ମଧ୍ୟରୁ ପାଞ୍ଚଟି ପଦବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଂରକ୍ଷିତ ଥିଲା। ପ୍ରତିପକ୍ଷ ଜନୈକ ପ୍ରାର୍ଥୀ ଦିବ୍ୟାଙ୍ଗ ବର୍ଗରେ ଆବେଦନ କରିଥିଲେ। ସେ କମ୍ ଦୃଷ୍ଟିଶକ୍ତି (୪୦% ଅକ୍ଷମତା) ଥିବା ବ୍ୟକ୍ତି ଥିଲେ। ତେଣୁ ତାଙ୍କୁ ଲିଖିତ ପରୀକ୍ଷାରେ ଯୋଗଦେବାକୁ ଅନୁମତି ଦିଆଯାଇଥିଲା। ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇନଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ସାକ୍ଷାତକାରରେ ଯୋଗଦେବାକୁ ଅନୁମତି ଦିଆଯାଇଥିଲା। ତଥାପି ଓପିଏସ୍‌ସି ତାଙ୍କର ଫଳାଫଳ ଘୋଷଣା କରିନଥିଲା। କାରଣ ୨୦୧୩ ଡିସେମ୍ବର ୩ ତାରିଖର ସରକାରୀ ବିଜ୍ଞପ୍ତି ଅନୁଯାୟୀ କମ୍ ଦୃଷ୍ଟିଶକ୍ତି ଥିବା ପ୍ରାର୍ଥୀମାନେ ଏହି ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି। ଜଣିକିଆ ବିଚାରପତି ସମ୍ପୃକ୍ତ ପ୍ରତିପକ୍ଷ ପ୍ରାର୍ଥୀଙ୍କ ସପକ୍ଷରେ ରାୟ ଦେଇଥିଲେ।

## ୫ବର୍ଷର ଛାତ୍ରକୁ ମାଡ଼ ମାରି ଶିକ୍ଷୟିତ୍ରୀ ନିଲମ୍ବିତ

ବ୍ରହ୍ମପୁର,୬।୯(ସମିସ): ବ୍ରହ୍ମପୁର ସହରର ଏକ ଘରୋଇ ସ୍କୁଲ ସେଣ୍ଟ ଭିନ୍‌ସେଣ୍ଟ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ୫ବର୍ଷର ଶିଶୁକୁ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି।

ସୂଚନାନୁସାରେ, ବ୍ରହ୍ମପୁର ଧର୍ମନଗର ଅଞ୍ଚଳର ଜଣେ ମହିଳାଙ୍କ ୫ବର୍ଷର ପୁଅ ସେଣ୍ଟ ଭିନ୍‌ସେଣ୍ଟ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଶିଶୁ କ୍ଲାସରେ ପଢୁଛନ୍ତି। ୩ ଦିନ ତଳେ ଏହି ଛାତ୍ର ଜଣଙ୍କ ସକାଳୁ ବିଦ୍ୟାଳୟକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବା ବେଳେ ଜଣେ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଜଣାଇଥିଲେ। ଏପରିକି, ଶିକ୍ଷୟିତ୍ରୀଙ୍କ ମାଡ଼ରେ ତାଙ୍କ ନାକରୁ ରକ୍ତ ବାହାରିଥିବା ଛାତ୍ରଜଣଙ୍କ କହିଥିଲେ। ଏହା ଶୁଣିବା ପରେ ଛାତ୍ରଙ୍କ ବାପା ସ୍କୁଲକୁ ଯାଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ହେଲେ ଶିକ୍ଷୟିତ୍ରୀ ଜଣଙ୍କ ପ୍ରଥମେ ଏହାକୁ ଅସ୍ୱୀକାର କରିଥିଲେ। ହେଲେ ଛାତ୍ରଙ୍କ ଶ୍ରେଣୀର ଅନ୍ୟ ଛାତ୍ରମାନେ ଶିକ୍ଷୟିତ୍ରୀ ମାଡ଼ ମରିଥିବା କହିଥିଲେ। ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ନିଜ ଦୋଷ ସ୍ୱୀକାର କରିଥିଲେ। ଘଟଣାକୁ ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଓ ପରେ ଛାତ୍ରଙ୍କ ମା’ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ପରେ ସ୍କୁଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ପରେ ଚାକିରିରୁ ନିଲମ୍ବନ କରିଛନ୍ତି। ସେହିପରି, ଟାଉନ୍ ଥାନା ପୁଲିସ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ିଥିବା ଜଣାପଡ଼ିଛି।

## ମହିଳାଙ୍କ ଭିଡିଓ ଭାଇରାଲ; ବନ୍ଧାହେଲେ ଗୃହରକ୍ଷୀ

ମହାକାଳପଡ଼ା, ୬।୯(ସମିସ): ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ମହାକାଳପଡ଼ା ବ୍ଲକ୍ ତନ୍ତିଆପାଳ ପୁଲିସ୍ ଜଣେ ଗୃହରକ୍ଷୀଙ୍କୁ ଗିରଫ କରିଛି। ସେ ହେଲେ, ମହାକାଳପଡ଼ା ଥାନା ଅଧୀନ କଳପଡ଼ା ଅଞ୍ଚଳର ଅଭିଷେକ ପରିଡ଼ା। ସେ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନରେ ଗୃହରକ୍ଷୀ ଭାବେ କାମ କରୁଥିଲେ। ଆଜି ପୁଲିସ ତାଙ୍କୁ କୋର୍ଟଚାଲାଣ କରିଛି।

## ଶୋଇଥିବା ବେଳେ ଧସିଲା କାନ୍ଥ; ନାବାଳକ ମୃତ

ଆନନ୍ଦପୁର, ୬।୯(ସମିସ): ଘସିପୁରା ଥାନା ଖଇଳ ଗ୍ରାମରେ କାନ୍ଥ ଭୁଶୁଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲା, କୋଲହବେଡ଼ା ସାହିର ଚନ୍ଦନ ଜେନାଙ୍କ ପୁଅ ରାଜା(୧୨)। ଏହି ଅଘଟଣରେ ଚନ୍ଦନଙ୍କ ସ୍ତ୍ରୀ ମଞ୍ଜୁ ଓ ୫ ବର୍ଷର ପୁଅ ମଧ୍ୟ ଗୁରୁତର

**ଡାକ୍ତରଖାନାରେ ଗୁରୁତର ମା’-ପୁଅ**



ଆହତ ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ସୂଚନାନୁଯାୟୀ, ଗତ ରାତିରେ ଖାଇପିଇ ସାରିବା ପରେ ଚନ୍ଦନ, ସ୍ତ୍ରୀ ମଞ୍ଜୁ ଓ ଦୁଇ ପୁଅ ଗୋଟିଏ ଘରେ ଶୋଇଥିଲେ। କିଛି ଦିନ ହେଲା ଜିଲ୍ଲାରେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ସେମାନେ ଶୋଇଥିବା ମାଟି ଘରର କାନ୍ଥ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଗ୍ରାମବାସୀ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ରାଜାକୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଗତ ରାତିରେ ଏହି ଅଘଟଣ ପରେ ପରିବାରଲୋକ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ ଆମ୍ବୁଲାନ୍ସଟି ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଅବସ୍ଥା ଅନୁଧ୍ୟାନ କରିବା ସହ ଆମ୍ବୁଲାନ୍ସର ବିଳମ୍ବ ନେଇ ତଦନ୍ତ କରିଥିଲେ। ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ଓ ସହାୟତା ପାଇଁ ସଂଜୀବନୀ ସଂସ୍ଥାରେ କର୍ମଚାରୀଙ୍କୁ ଆନନ୍ଦପୁର ଡାକ୍ତଖାନାରେ ନିୟୋଜିତ କରାଯାଇଛି। କିନ୍ତୁ ଅନେକ ସମୟରେ ରୋଗୀ ସେବା ପାଉନଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ତେବେ ସଂଜୀବନୀ ସଂସ୍ଥାର ଦାୟିତ୍ୱରେ ଥିବା କର୍ମଚାରୀ ଡିଏମ୍‌ଏଫ୍ ଆମ୍ବୁଲାନ୍ସ ସହ ଆମର ସମ୍ପର୍କ ନାହିଁ ବୋଲି ଯୁକ୍ତି ବାଢ଼ିବାରୁ ଉପଜିଲ୍ଲାପାଳ ବିରକ୍ତି ପ୍ରକାଶ କରିଥିଲେ।

## ଅଟୋ ଉପରେ ହାତୀପଲଙ୍କ ଆକ୍ରମଣ; ମହିଳା ମୃତ

ବାରିପଦା, ୬।୯ (ସମିସ): ରାସ୍ତା ଉପରକୁ ହଠାତ୍ ମାଡ଼ି ଆସି ଅଟୋକୁ ଗୋଡ଼ାଇଲେ। ଅଟୋଟି ଓଲଟି ପଡ଼ିବାରୁ ତାକୁ ଭଙ୍ଗାରୁଜା କରିବା ସହ ସେଥିରେ ଥିବା ଯାତ୍ରୀଙ୍କୁ ଆକ୍ରମଣ କଲେ। ଶନିବାର ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ଅଞ୍ଚଳରେ ଏକ ହାତୀପଲ ଏପରି ଉପଦ୍ରବ କରିଛନ୍ତି। ଏଥିରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ହେଲେ, ବାରିପଦା ଚିପଟ ଅସ୍ତିଆ ଅଞ୍ଚଳର ପବନା ନାୟକଙ୍କ ସ୍ତ୍ରୀ ରୀନା ନାୟକ (୪୫)। ସେହିପରି ଅଟୋଟି ପୂରା ଭାଙ୍ଗିରୁଜି ଚୂରମାର୍ ହୋଇଯାଇଛି।



ସୂଚନାନୁଯାୟୀ, ରାସଗୋବିନ୍ଦପୁର ଅଞ୍ଚଳର ଅମର୍ଦାରୁ ଅଟୋ ଯୋଗେ ରୀନାଙ୍କ ସମେତ ୮ଜଣ ବାରିପଦା ଫେରୁଥିଲେ। ବାରମାଇଲ-ଚିତ୍ରଡ଼ା ରାସ୍ତାର ଅସ୍ତିଆବନ୍ଧ ନିକଟରେ ହଠାତ ଏକ ହାତୀପଲ ରାସ୍ତା ଉପରକୁ ମାଡ଼ି ଆସିଥିଲେ। ସାମ୍ନାରେ ହାତୀପଲକୁ ଦେଖି ଚାଳକ ଡରିଯାଇଥିଲେ। ପଛକୁ ସେ ଗାଡ଼ି ନେଉଥିବା ବେଳେ ହାତୀପଲ ଗୋଡ଼ାଇଥିଲେ। ତେବେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିବାରୁ ସେଥିରେ ଥିବା ୮ଜଣଙ୍କ ମଧ୍ୟରେ ୭ଜଣ ଦୌଡ଼ି ପଳାଇଥିଲେ। କିନ୍ତୁ ରୀନା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀପଲ ତାଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ମୋରଡ଼ା ପୁଲିସ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିକଟସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ସାର ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ସଚିବ

ଭୁବନେଶ୍ୱର, ୬।୯(ସମିସ): କୃଷକମାନଙ୍କ ପାଖରେ ସାର ପହଞ୍ଚିବାରେ ଉପୁଜୁଥିବା ଅସୁବିଧା ଉପରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ଜିଲ୍ଲାପାଳମାନଙ୍କ ସହ ଏକ ବୈଠକ କରି ସ୍ଥିତି ସମୀକ୍ଷା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ବେଳେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସମବାୟ ବିଭାଗ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନାଙ୍କ ସମେତ ସମବାୟ ଏବଂ କୃଷି ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଚାଷୀଙ୍କ ପାଖରେ ଶୀଘ୍ର ସାର ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ସମଲେଶ୍ୱରୀ ମନ୍ଦିରରେ ରାଜ୍ୟସ୍ତରୀୟ ଭେଟ୍‌ଘାଟ୍

# ଚାଷୀଙ୍କ ପ୍ରତି କୃତଜ୍ଞ କରାଇଥାଏ ନୂଆଁଖାଇ: ମୁଖ୍ୟମନ୍ତ୍ରୀ



**ଖିଣ୍ଡା ସମେତ ସମ୍ବଲପୁରର ସବୁ ସ୍ୱାଧୀନତା ସଂଗ୍ରାମୀ ପୀଠର ହେବ ଉନ୍ନତୀକରଣ**

**ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ୱତନ୍ତ୍ର ପର୍ଯ୍ୟଟନକ୍ଷେତ୍ର ରୂପେ ବିକଶିତ କରାଯିବ**

ସମ୍ବଲପୁର, ୬।୯ (ସମିସ): ନୂଆଖାଇଁ ଭେଟଘାଟ ଏକ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ; ଏହା ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ। ନୂଆଁଖାଇ ସମସ୍ତଙ୍କୁ ଯୋଡ଼ିବାର ପର୍ବ। ଏହା ହେଉଛି କୃଷିଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ। ପ୍ରତ୍ୟେକ ଧାନର ଦାନାରେ ଜଣେ କୃଷକଙ୍କ ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ। ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ। ସମ୍ବଲପୁରସ୍ଥିତ ମା’ ସମଲେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସମ୍ବଲପୁରର ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠଗୁଡ଼ିକର ଉନ୍ନତୀକରଣ କରାଯିବ। ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲାକୁ ସଂଯୋଗ କରୁଥିବା ଶିଳ୍ପ କରିଡର୍‌ର ବିକାଶ କରାଯିବ। ସେହିପରି ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା ରହିଛି। ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା’ ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ। ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ।

ଏଭଳି ଏକ ପର୍ବ ଆୟୋଜନ କରି ସମସ୍ତଙ୍କୁ ଏକାଠି କରିଥିବାରୁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଆୟୋଜକ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ। ମଞ୍ଚରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ଅନୁଗୋଳ ଏବଂ ବଲାଙ୍ଗୀରର ବିଧାୟକଗଣ ଉପସ୍ଥିତ ଥିଲେ। ବିଧାୟକ ନାଉରୀ ନାୟକ ଧନ୍ୟବାଦ ଦେଇଥଇଲେ।

## ଏନ୍‌କାଉଣ୍ଟର୍‌ରେ ମହିଳା ମାଓବାଦୀ ନିହତ

**ମୁଣ୍ଡ ଉପରେ ଥିଲା ୮ ଲକ୍ଷର ପୁରସ୍କାର ରାଶି ■ ବିପୁଳ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ଜବତ**

ମାଲକାନଗିରି, ୬।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଆବୁଝମାଡ଼ ଅଞ୍ଚଳରେ ସୁରକ୍ଷାବାହିନୀକୁ ପୁଣି ଏକ ସଫଳତା ମିଳିଛି। ଯବାନଙ୍କ ଗୁଳିରେ ଜଣେ ୮ ଲକ୍ଷ ଇନାମୀ ମହିଳା ମାଓବାଦୀ ନିହତ ହୋଇଛି। ସେ ହେଲା, ସୋଡି ବିମଳା। ସେ ମାଓ ସଙ୍ଗଠନର ପ୍ଲାଟୁନ ନଂ ୧୬ର କମାଣ୍ଡର୍ ଥିଲା। ଏହାସହ ଘଟଣାସ୍ଥଳରୁ ଯବାନମାନେ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୩୦୩ ରାଇଫଲ, ୩୧୫ ବୋର୍ ରାଇଫଲ୍, ବିଜିଏଲ ଲଞ୍ଚର୍, ୧୯ କେଜି ତରଳ ବିସ୍ଫୋରକ, ଜିଲାଟିନ୍ ଷ୍ଟିକ୍ ସହ ଅନ୍ୟାନ୍ୟ ମାଓ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉଦ୍ଧାର ହୋଇଛି। ନାରାୟଣପୁର ଏସ୍‌ପି ରବିନସନ ଗୁଡ଼ିଆ ଏହି ସୂଚନା ଦେଇଛନ୍ତି।




ସୂଚନାନୁଯାୟୀ, ମାଓ ଦମନ ନିମନ୍ତେ ଛତିଶଗଡ଼ରେ ଅପରେସନ ‘ମନସୁନ’ ଜାରି ରହିଛି। ଏହି ଅଭିଯାନରେ ଜିଲ୍ଲାର ଡିଆରଜି ଏବଂ ଏସଟିଏଫ ଯବାନଙ୍କ ମିଳିତ ଦଳ ଅବୁଝମାଡ଼ ଅଞ୍ଚଳର ବୋଣ୍ଡୋସ, ନେନ୍ଦୁର, ଗାୱାଡି ଏବଂ ଆଖପାଖ ଜଙ୍ଗଲରେ ତଲାସି ଅଭିଯାନ ଚଳାଇଥିଲେ। ଏହି ସମୟରେ ନେନ୍ଦୁର ଓ ଗାୱାଡ଼ିର ଜଙ୍ଗଲରେ ମାଓବାଦୀ ଓ ଯବାନ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ତେବେ ଯବାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଖାନତଲାସି ବେଳେ ସେଠାରୁ ମହିଳା ନକ୍ସଲ ସୋଡ଼ି ବିମଳାଙ୍କ ମୃତଦେହ ମିଳିଥିଲା।

## ବ୍ରହ୍ମପୁର ମହାନଗର ନିଗମକୁ ବୁଲାକୁକୁର ଚିନ୍ତା

**ବନ୍ଧ୍ୟାକରଣ ପାଇଁ ଅଣ୍ଟା ଭିଡ଼ିଲା**

**୮ ରେ ଟେଣ୍ଡର୍ ଆହ୍ୱାନ**

**ମାସିକ ଅନ୍ୟୂନ ୭୦ କୁକୁରଙ୍କ ବନ୍ଧ୍ୟାକରଣ ଟାର୍ଗେଟ୍**

**ପ୍ରତି କୁକୁର ପିଛା ଖର୍ଚ୍ଚ ହେବ ୨ ହଜାର**



ବ୍ରହ୍ମପୁର, ୬।୯(ସମିସ): ବ୍ରହ୍ମପୁରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଦିନକୁ ଦିନ ସେମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଲୋକଙ୍କୁ ଗୋଡ଼େଇଗୋଡ଼େଇ କାମୁଡୁଥିବା ବେଳେ ଅଧିକାଂଶ ସଡ଼କ ଦୁର୍ଘଟଣା ପଛରେ କୁକୁର ଦାୟୀ। ଏଥିରେ ଅତିଷ୍ଠ ବ୍ରହ୍ମପୁରବାସୀ ବିଏମସିକୁ ଦାୟୀ କରିଆସୁଥିଲେ। ଏବେ ବିଏମ୍‌ସି ଏହାର ସମାଧାନ କରିବାକୁ ଅଣ୍ଟା ଭିଡ଼ିଛି। ପୂର୍ବ ନିଷ୍ପତ୍ତିକ୍ରମେ ସହରରେ ଆନିମଲ ବାର୍ଥ କଣ୍ଟ୍ରୋଲ(ଏବିସି) କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ମେୟର୍ ସଂଘମିତ୍ରା ଦଳେଇ ଓ କମିସନର୍ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସହ ଅନ୍ୟ ଅଧିକାରୀ ଓ କର୍ପୋରେଟର୍‌ଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ କମିସନର୍ ସହରରେ ଥିବା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ତୁରନ୍ତ ଏକ ଘରୋଇ ସଂସ୍ଥା ବା ଏନ୍‌ଜିଓକୁ ଦାୟିତ୍ୱ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଆସନ୍ତା ୮ ତାରିଖରେ ଟେଣ୍ଡର୍ ଆହ୍ୱାନ କରାଯାଇ ୧୫ ତାରିଖ ସୁଦ୍ଧା ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୁଲା କୁକୁରଙ୍କୁ ଧରିବା ସହ ଯେଉଁ ସ୍ଥାନରୁ ଅଣାଯାଇଛି, ବନ୍ଧ୍ୟାକରଣ ପରେ ସେମାନଙ୍କୁ ପୁନଃ ସେହି ସ୍ଥାନରେ ଛାଡ଼ିବା, ଔଷଧ, ଖାଦ୍ୟ ଓ ବନ୍ଧ୍ୟାକରଣ ପାଇଁ ପ୍ରତି କୁକୁରଙ୍କ ପିଛା ୨ହଜାର ଟଙ୍କା ଖର୍ଚ୍ଚ କରିବାକୁ ମୂଲ୍ୟ ଧାର୍ଯ୍ୟ କରାଯାଇଛି।

କମିସନର୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିମାସରେ ଅନ୍ୟୂନ ୭୦ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରିବାକୁ ଟାର୍ଗେଟ୍ ରଖାଯାଇଛି। ଏଥିସହ ଯେଉଁ ସଂସ୍ଥାକୁ ଏହି ଦାୟିତ୍ୱ ପ୍ରଦାନ କରାଯିବ, ଉକ୍ତ ସଂସ୍ଥା ପକ୍ଷରୁ ବନ୍ଧ୍ୟାକରଣ ପାଇଁ ଜଣେ ଅନୁଭବୀ ପ୍ରାଣୀ ଚିକିତ୍ସକ, ଜଣେ ସହାୟକ ଓ ଜଣେ ଲାଇଭଷ୍ଟକ୍ ଇନ୍ସପେକ୍ଟର୍ (ଏଲ.ଆଇ) ନିଯୁକ୍ତ କରିବା ବାଧ୍ୟତାମୂଳକ କରାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଡୁଙ୍ଗୁଡୁଙ୍ଗ, ନିଗମ କର୍ପୋରେଟର୍ ଟି. କିଶୋର କୁମାର ପାତ୍ର, ବ୍ରହ୍ମପୁର ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡା. ସତ୍ୟନାରାୟଣ କର, ଉପଖଣ୍ଡ ପ୍ରାଣୀ ସମ୍ପଦ ଚିକିତ୍ସାଧିକାରୀ ଡା. ଅରବିନ୍ଦ ବେହେରା, ଏସ୍‌ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ସମାଜସେବୀ ଓ ପ୍ରାଣୀପ୍ରେମୀ ଅନୀଲ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଯେତେଶୀଘ୍ର ନିଗମ ପକ୍ଷରୁ ଏବିସି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ, ସେତେଶୀଘ୍ର ସହରରେ ବୁଲା କୁକୁରଙ୍କ ସଂଖ୍ୟା ଓ ଦୌରାତ୍ମ୍ୟ ହ୍ରାସ ପାଇବା ସହିତ ଅତିଷ୍ଠ ସହରବାସୀଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଆଲୋଚନା ହେଉଛି।

## ଆସୁଛି 'ଅନନ୍ତ ଲୀଳା'

ଏକଦା ଓଡ଼ିଶାର ଘରେ ଘରେ ପରିଚିତ ସମ୍ରାଟ କ୍ୟାସେଟ୍ ତଥା ଏହାର ପ୍ରତିଷ୍ଠାତା ବିଶ୍ୱମ୍ବର ସାବତ ଓ ଲୋକପ୍ରିୟ ଅଭିନେତ୍ରୀ ଶ୍ୱେତା ମଲ୍ଲିକ ଦୀର୍ଘ ୨୦ ବର୍ଷ କାଳ ରାଜ୍ୟ ଏବଂ ରାଜ୍ୟ ବାହାରେ ଏପରିକି ବିଦେଶରେ ଯଜ୍ଞ କରୁଥିଲେ। ବର୍ତ୍ତମାନ ନିଜର ପ୍ରଡକସନ୍ସ କମ୍ପାନି 'ଆଦ୍ୟା ଅନନ୍ତ ସମ୍ରାଟ ପ୍ରଡକସନ୍' ଆନୁକୂଲ୍ୟରେ ସତ୍ୟ ଘଟଣା ଉପରେ ଆଧାରିତ ଏକ ଚଳଚ୍ଚିତ୍ର 'ଅନନ୍ତ ଲୀଳା' ର କାମ ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ରଣଜିତ ମହାନ୍ତି ନେଇଛନ୍ତି। ସଂଳାପ ଭରଦ୍ୱାଜ ପଣ୍ଡା ନିର୍ବାହ କରୁଛନ୍ତି। ଆଧ୍ୟାତ୍ମିକ ଦୁନିଆରେ ପୂର୍ଣ୍ଣ ରୂପେ ଜଡ଼ିତ ଏହି ଦୁଇ ବ୍ୟକ୍ତିତ୍ୱ ପୂର୍ବରୁ ଓଡ଼ିଆ ସିନେ ଜଗତରେ ସର୍ବଦା ଆକର୍ଷଣର କେନ୍ଦ୍ର ପାଲଟିଥିଲେ। ହେଲେ ହଠାତ ଚାକଚକ୍ୟ ଭରା ସିନେ ଦୁନିଆକୁ ଛାଡ଼ି ଆଧ୍ୟାତ୍ମିକତାରେ ନିଜକୁ ସଂପୂର୍ଣ୍ଣ ରୂପେ ନିୟୋଜିତ କରିଲେ। ବର୍ତ୍ତମାନ ସେମାନଙ୍କର ଲେଉଟାଣି ଓଡ଼ିଆ ସିନେ ଦୁନିଆରେ କି ପ୍ରଭାବ ପକାଇବ, ତାହା ଜାଣିବା ପାଇଁ ଚଳଚ୍ଚିତ୍ର ମୁକ୍ତିଲାଭକୁ ଅପେକ୍ଷା କରିବାକୁ ପଡ଼ିବ। ■




## 'ଜଲ୍‌ସା' ଗୀତରେ ମନ୍ତ୍ରମୁଗ୍ଧ

ସବୁଠି 'ଜଲସା'ର ଜଲୱା। ପିଲାଠୁ ବୁଢ଼ା ସମସ୍ତେ ମତୁଆଲା ଏହି ଗୀତରେ। ମେଲୋଡି ମଞ୍ଚରୁ ଆରମ୍ଭ କରି ପୂଜା ମଣ୍ଡପ। ସବୁଠି ଏହି ଗୀତର ଧୁମ୍। ଏହି ଗୀତ ମନ୍ତ୍ରମୁଗ୍ଧ କରିଛି ଶ୍ରୋତା ତଥା ଦର୍ଶକଙ୍କୁ। ବର୍ତ୍ତମାନ 'ମନ୍ତ୍ରମୁଗ୍ଧ' ଚଳଚ୍ଚିତ୍ରର ଏହି ଗୀତଟି ଟ୍ରେଣ୍ଡିଂରେ ଅଛି। ମୁକ୍ତିଲାଭ କରିବାର ପ୍ରଥମ ୧୪ ଘଣ୍ଟାରେ ୧,୦୦,୦୦୦ ଦର୍ଶକ ଦେଖିସାରିଥିବା ବେଳେ ଆଜିଯାଏ ୩,୫୦, ୦୦୦ ଦର୍ଶକ ଦେଖିସାରିଛନ୍ତି, ଯାହା ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ। ତେବେ ଉଲ୍ଲେଖନୀୟ କଥାଟି ହେଉଛି, 'ଜଲସା' ଗୀତ ଓଡ଼ିଆ ଚଳଚ୍ଚିତ୍ରର ସବୁଠୁ ଦାମୀ ବା ବ୍ୟୟବହୁଳ ଗୀତ। ଏହାର ନିର୍ମାଣ ପାଇଁ ପାଖାପାଖି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଆଖି ଝଲସା ଆଲୋକ ସାଙ୍ଗକୁ ଅତ୍ୟାଧୁନିକ ଡ୍ୟାନ୍ସ ଫ୍ଲୋର ଓ ଆକର୍ଷଣୀୟ ସେଟ୍ 'ଜଲସା'ର ଫିଭର୍‌କୁ ଦ୍ୱିଗୁଣିତ କରିଛି। ଯୁବ ବର୍ଗର ଶ୍ରୋତା ଓ ଦର୍ଶକ ଏହାକୁ ନେଇ ସର୍ବାଧିକ ରିଲ୍‌ସ ବନାଇବାରେ ବ୍ୟସ୍ତ। ଫିଲ୍ମ 'ମନ୍ତ୍ରମୁଗ୍ଧ'ରେ ସ୍ଥାନିତ ଏହି ଗୀତର ପରିକଳ୍ପନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ। ମନୋଜ କୁମାର ପଣ୍ଡା ରଚନା କରିଥିବା ଏହି ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ। ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁଙ୍କ ଉପରେ ରୂପାୟିତ ହୋଇଛି। ଆଗକୁ ଆସୁଛି ମେଲୋଡି ସିଜିନ। ତେଣୁ ପୂଜା ବଜାରରେ ଏହି ଗୀତଟି ଧମାଲ ମଚାଇବ ବୋଲି ଆଶା କରାଯାଉଛି। ■





## ଉଦୀୟମାନ କଣ୍ଠଶିଳ୍ପୀ ସତ୍ୟବ୍ରତ

ଓଡ଼ିଆ ସଂଗୀତ ଦୁନିଆର ଉଦୀୟମାନ କଣ୍ଠଶିଳ୍ପୀ ଭାବେ ଶ୍ରୋତାଙ୍କ ମନ ଜିଣିବାରେ ସଫଳ ହୋଇଛନ୍ତି ସତ୍ୟବ୍ରତ ଜେନା। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କୁଡ଼ିଆ ଗାଁର କାଞ୍ଚନ ଜେନା ଓ ଗଣେଶ୍ୱର ଜେନାଙ୍କ ପୁଅ ହେଉଛନ୍ତି ସତ୍ୟବ୍ରତ। ପିଲାଟି ଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ରହିଥିଲା। ତେବେ ଦ୍ୱିତୀୟ ଶ୍ରେଣୀରେ ସେ ତାଙ୍କ ସଂଗୀତ ଶିକ୍ଷାର ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ସେ ନୀଳଗିରିରେ ଥିବା କଳାବିକାଶ କେନ୍ଦ୍ରରେ ଗୁରୁ ଗୌରହରି ଜେନାଙ୍କ ପାଖରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ସେହିପରି ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ର ନୀଳଗିରି ଶାଖାରେ ସଂଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି। ବର୍ତ୍ତମାନ ସେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ଭାବେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଭାଗରେ ଅଧ୍ୟୟନରତ। ସେହିପରି ତାଙ୍କ ସଂଗୀତ ଜୀବନ ବିଦ୍ୟାଳୟ ମଞ୍ଚରୁ ଆରମ୍ଭ ହୋଇ ଏବେ ବଡ଼ ମଞ୍ଚରେ ପହଞ୍ଚି ପାରିଛି। ଏମିତି କୌଣସି ଗୀତ ନାହିଁ, ଯାହାକି ତାଙ୍କ କଣ୍ଠରେ ଶୁଣିବାକୁ ମିଳି ନାହିଁ। ଭକ୍ତିଗୀତଠାରୁ ଆରମ୍ଭ କରି ରୋମାଣ୍ଟିକ୍ ଗୀତ ଗାଇ ସେ ଲୋକଙ୍କ ହୃଦୟ ଜିଣିଛନ୍ତି। ସତ୍ୟବ୍ରତ ବିଭିନ୍ନ ରିଆଲିଟି ଶୋ'ରେ ସାମିଲ ହୋଇଥିବା ବେଳେ ଲାଇଭ୍ ଶୋ' ମାନ ବି କରୁଛନ୍ତି। ଏହାବାଦ୍ ସଂଗୀତ କ୍ଷେତ୍ରରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସତ୍ୟବ୍ରତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ସଫଳତାର ଉପଲବ୍ଧି କେବଳ ତାଙ୍କ ପାଇଁ କି ତାଙ୍କ ପରିବାର ପାଇଁ ଗୌରବ ଆଣି ନାହିଁ, ବରଂ ସେ ନିଜ ପ୍ରତିଭା ମାଧ୍ୟମରେ ଓଡ଼ିଶାକୁ ଗର୍ବିତ କରାଇଛନ୍ତି। ସେ ତାଙ୍କ ସଫଳତାର ସମସ୍ତ ଶ୍ରେୟ ନିଜ ବାପା ମାଆଙ୍କୁ ଦେଇଥିବା କହିଛନ୍ତି। ଅନ୍ୟପଟେ ସତ୍ୟବ୍ରତ ଜାତୀୟ ସ୍ତରରେ କଣ୍ଠଶିଳ୍ପୀ ହେବାର ଲକ୍ଷ୍ୟ ରଖିଛନ୍ତି। ■

## ଚିତ୍ରପ୍ରେମୀ ସଲମାନ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଲମାନ ଖାନ୍‌ଙ୍କୁ ଅଭିନୟ ସହିତ ଚିତ୍ର କରିବା ଖୁବ୍ ପସନ୍ଦ। ବିଭିନ୍ନ ସମୟରେ ସେ ଚିତ୍ର ଆଙ୍କିବାକୁ ଭଲପାଆନ୍ତି। ସେହିପରି ସେ ନିଜର ଚିତ୍ରକଳାର ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର୍



କରିଥାନ୍ତି। ଯାହାକି ଖୁବ୍ ଭାଇରାଲ୍ ହୁଏ। ତେବେ ଚିତ୍ରକଳାର ଗୁଣ ସେ ତାଙ୍କ ମା' ସଲମା ଖାନ୍‌ଙ୍କଠାରୁ ଆଣିଛନ୍ତି। ପୂର୍ବରୁ ସଲମାନଙ୍କ ବାପା ସଲିମ ମଧ୍ୟ ସଲମାନଙ୍କର ଏହି ସଉକ ବାବଦରେ କହିଛନ୍ତି। ଏପରିକି ଅଭିନେତା ନ ହୋଇଥିଲେ ସଲମାନ ଆର୍ଟିଷ୍ଟ ହୋଇଥାନ୍ତେ ବୋଲି ସଲିମ ଏକାଧିକ ସାକ୍ଷାତକାରରେ କହିସାରିଛନ୍ତି। ପିଲାଦିନେ ସଲମାନଙ୍କୁ ତାଙ୍କ ମା' ଚିତ୍ର ଆଙ୍କିବା ଶିଖାଉ ଥିଲେ। ସେହିପରି ସଲମାନ ତାଙ୍କର ନିଜର ଘନିଷ୍ଠ ଲୋକଙ୍କୁ ନିଜ ହାତ ତିଆରି ପେଣ୍ଟିଂ ଉପହାର ଦେଇଥାନ୍ତି। କେବଳ ସେତିକି ନୁହେଁ, ସେ ତାଙ୍କ ଚିତ୍ରକଳାର ପ୍ରଦର୍ଶନ କରି ପାଣ୍ଠି ସଂଗ୍ରହ କରନ୍ତି। ■

ପରଦା ପଛର କାହାଣୀ

## ବର୍ଷାରେ ଫିଲ୍ମ ଗୀତ ସୁଟିଂ

ଅତୀତରେ ଅନେକ ହିନ୍ଦୀ ଫିଲ୍ମର ଗୀତ କୃତ୍ରିମ ବର୍ଷାରେ ସୁଟିଂ କରାଯାଇଛି। ଏହାର ତାଲିକା ଖୁବ୍ ଲମ୍ବା। ତେବେ ଏଭଳି ଏକ ଗୀତ ସୁଟିଂ ପାଇଁ ଆର୍ଟିଫିସିଆଲ୍ ବର୍ଷା ବା କୃତ୍ରିମ ବର୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ତେବେ ସୁଟିଂ ସମୟରେ ଅନାଚକ୍ ଜୋର୍‌ରେ ବର୍ଷା ହୋଇଥିଲା। ଆଉ କୃତ୍ରିମ ବର୍ଷା ବଦଳରେ ପ୍ରାକୃତିକ ବର୍ଷାରେ ଗୀତଟି ସୁଟିଂ ହୋଇଥିଲା। ଏହି ଗୀତଟି ୯୦ ଦଶକରେ ମୁକ୍ତିଲାଭ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ 'ଲମ୍‌ହେ' ର ଥିଲା। 'ମେଘାରେ ମେଘାରେ...' ଏହି ୪ ମିନିଟ୍‌ର ଗୀତ ୧୯୫୭ ମସିହାରେ ଧୁମ୍ ମଚାଇଥିଲା। ଏହି ଗୀତ ମଧ ଲୋକଙ୍କ ହୃଦୟକୁ ଛୁଇଁ ପାରିଥିଲା। ତେବେ ଏହି ଗୀତଟିକୁ ନକଲି ବର୍ଷାରେ ସୁଟିଂ କରିବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ କ୍ୟାମେରା ଅନ୍ ହେବା ମାତ୍ରେ ସତସତିକା ବର୍ଷା ହୋଇଥିଲା। ଏହାକୁ ନେଇ ଫିଲ୍ମର ସଦସ୍ୟମାନେ ଓ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଯଶ୍ ଚୋପ୍ରା ଖୁସିରେ ନାଚି ଉଠିଥିଲେ। ଭାରତୀୟ ସିନେମା ଜଗତରେ ଏହା ଏକ ଅବିସ୍ମରଣୀୟ ଓ ବାସ୍ତବ ଅନୁଭୂତି ଦେଇଥିଲା। ଯାହାକୁ ନେଇ ଫିଲ୍ମ ସଦସ୍ୟମାନେ ବେଶ୍ ଖୁସି ହୋଇଥିଲେ। ତେବେ ଏହି ଫିଲ୍ମରେ ଶ୍ରୀଦେବୀଙ୍କ ଚମତ୍କାର ଅଭିନୟ ଓ ଯଶ୍ ଚୋପ୍ରାଙ୍କ ବଳିଷ୍ଠ ନିର୍ଦ୍ଦେଶନା ପ୍ରତିଭା ଓ ସିନେମାର ଯାଦୁ ସଭିଙ୍କ ହୃଦୟ ଜିଣି ନେଇଥିଲା। ଏହି ଗୀତ ସୁଟିଂ ସମୟରେ ଯେଉଁ ସଂଯୋଗ ଘଟିଥିଲା ତାହା ସିନେମା ଜଗତରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଏହି ଗୀତ ରାଜସ୍ଥାନର ମାଣ୍ଡବାରେ ସୁଟିଂ ହୋଇଥିଲା। ଏହି ଗୀତର ସୁଟିଂ ସମୟରେ ଅସଲି ବର୍ଷା ଦେଖି ଯଶ୍ ଚୋପ୍ରା କହିଥିଲେ "କ୍ୟାମେରା ଚାଲିବାକୁ ଦିଅ। କାରଣ ଏପରି ମୁହୂର୍ତ୍ତ ତିଆରି କରାଯାଇପାରିବ ନାହିଁ।" ■





## "ଚରିତ୍ର ଭିତରେ ପଶିଲେ ଜୀବନ୍ତ ହୁଏ ଅଭିନୟ"

ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସାବରଙ୍ଗର ତନୁଶ୍ରୀ ଦାଶ। ସେ ଜଣେ ମେଧାବୀ ଛାତ୍ରୀ। ଭବିଷ୍ୟତରେ ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖିଛନ୍ତି। ହେଲେ ତାଙ୍କ ଭାଗ୍ୟ ତାଙ୍କୁ ଟାଣି ଆଣିଛି ଓଡ଼ିଆ ଫିଲ୍ମ ଜଗତକୁ। 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ସେ ନିଜର ଜଣେ ସମ୍ପର୍କୀୟଙ୍କ ସହିତ ଆସିଥିଲେ। ହଠାତ୍ ତାଙ୍କୁ ଅଡିସନ୍ ଦେବାକୁ ମିଳିଲା ସୁଯୋଗ। ଏହି ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୯ ରେ ତାଙ୍କୁ ବିଉଟି ଡିଭା ଟ୍ୟାଗ୍ ମିଳିଥିଲା। ପରେ ପରେ ସେ ଓଡ଼ିଆ ଫିଲ୍ମରେ କାମ କରିବାକୁ ଦେଲେ ଅଡିସନ୍। 'ଅନୁ ଦିଦି ନଟ୍ ଆଉଟ୍' ତାଙ୍କର ପ୍ରଥମ ସିନେମା। ସେ ଏକାଧିକ ଟେଲିଫିଲ୍ମ ଏବଂ ସିନେମାରେ କାମ କରିଛନ୍ତି। ତେବେ ପାଠପଢ଼ା ଆଉ ଅଭିନୟ ମଧ୍ୟରେ ସେ କେମିତି ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ।

**ତନୁଶ୍ରୀ ଦାଶ, ଅଭିନେତ୍ରୀ**

**ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖି ଅଭିନୟ ଜଗତ ପ୍ରତି କିପରି ଆକୃଷ୍ଟ ହେଲେ?**

● ପିଲାଦିନୁ ପାଠକୁ ଗୁରୁତ୍ୱ ଦେଉଆସୁଛି। ଶିକ୍ଷୟିତ୍ରୀ ହେବା ମୋର ଲକ୍ଷ୍ୟ। ବର୍ତ୍ତମାନ ମୁଁ ଇଣ୍ଟିଗ୍ରେଟେଡ୍ ବି.ଏସ୍.ସି. ବି.ଇଡିର ଶେଷ ବର୍ଷର ଛାତ୍ରୀ। କେବେ ବି ହିରୋଇନ୍ ହେବି ବୋଲି ଭାବି ନ ଥିଲି। ତେବେ ଦଶମ ପରେ ଜଣେ ସଂପର୍କୀୟଙ୍କ ସହିତ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ। ହଠାତ୍ ମୋତେ ବି ଅଡିସନ୍ ଦେବାକୁ କୁହାଯାଇଥିଲା। ସେଠି ଯାହା ଶିଖାଗଲା ମୁଁ କଲି। ଅଡିସନ୍ ଦେଇ ଫାଇନାଲିଷ୍ଟ ଟପ୍ ୯ ହୋଇଥିଲି। ବିଉଟି ଡିଭାର୍ ଟ୍ୟାଗ୍ ମିଳିଲା। ଏହି ଯାତ୍ରା ମୋ ଜୀବନକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା। ତାପସ ସରଗରିଆ ସାର୍ 'ଅନୁ ଦିଦି ନଟ୍ ଆଉଟ୍'ରେ କାମ କରିବାକୁ ପ୍ରଥମେ ସୁଯୋଗ ଦେଲେ। ଏହାପରେ ମୁଁ 'ପ୍ରେମିକାୟ ନମଃ', 'ବୋଉ', 'ଆମେ ତ ମିଡିଲ୍ କ୍ଲାସ୍', 'ସରକାରୀ ଜ୍ୱାଇଁ' ଆଦି ଟେଲି ଫିଲ୍ମରେ କାମ କରିଛି। ବଡ଼ ପରଦା ମଧ୍ୟରେ ରମେଶ ବାରିକଙ୍କ 'ମହାବାହୁ' ଓ ତପନ ଦାଶଙ୍କ ପ୍ରଯୋଜିତ 'ଆଶ୍ରମ'ରେ ମଧ୍ୟ ଅଭିନୟ କରିବାକୁ ସୁଯୋଗ ମିଳିଛି। ସବୁବେଳେ ବରିଷ୍ଠ କଳାକାରଙ୍କ ସହିତ କାମ କରିବା ଖୁସିକୁ ମୁଁ ଅନୁଭବ କରେ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ମୋ ପ୍ରଥମ ଫିଲ୍ମର ସୁଟିଂ ଥାଏ। ସେବେ ଅଭିନୟ ବିଷୟରେ ଏତେ କିଛି ଜାଣି ନ ଥାଏ। ଏଥିପାଇଁ ପ୍ରସ୍ତୁତ ବି ନଥିଲି। ଯେହେତୁ ସ୍କୁଲସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିଲି, ସୁଟିଂ କେମିତି ହୁଏ ଜାଣିଥିଲି। ତେଣୁ ଭୟ ଲାଗି ନ ଥିଲା। ବରିଷ୍ଠ କଳାକାରଙ୍କ ସହ କେମିତି ଭଲ କାମ କରିବି କେବଳ ସେତିକି ଚିନ୍ତା ଥାଏ। ସେବେ ମୁଁ ସ୍କ୍ରିପ୍ଟକୁ ପୂରା ଘୋଷି ଦେଇଥିଲି। ଧୀରେ ଧୀରେ କାମ ଶିଖିଥିଲି।

**କେଉଁ ଫିଲ୍ମ ଆପଣଙ୍କୁ ଲୋକପ୍ରିୟ କରାଇଛି?**

● 'ଅନୁଦିଦି ନଟ୍ ଆଉଟ୍' ଫିଲ୍ମରୁ ଲୋକେ ମୋତେ ଚିହ୍ନିଥିଲେ। ଏବେ ବି ସେହି ଫିଲ୍ମର କାହାଣୀ ଆଉ ମୋ ଅଭିନୟକୁ ଭଲ ପାଇବା ମିଳୁଛି।

**ସ୍ମରଣୀୟ ମୁହୂର୍ତ୍ତ?**

● ବିଳମ୍ବିତ ରାତି ଯାଏଁ ସୁଟିଂ ଥାଏ। 'ଅନୁ ଦିଦି ନଟ୍ ଆଉଟ୍'ର ତିନି ପୃଷ୍ଠାର ଭାଷଣ ସିନ୍ କରୁ କରୁ ପାଖାପାଖି ଭୋର ତିନିଟା ହୋଇଯାଇଥିଲା। ପୂରା ଥକି ପଡ଼ିଥାଏ। ଭାରି ଅଳଙ୍କାର ସାଙ୍ଗକୁ ଓଜନିଆ ଶାଢ଼ି ମୁଁ ପିନ୍ଧିଥିଲି। ସେତେବେଳେ ମୁଁ ଖାଲି କାନ୍ଦୁଥାଏ। ତାପସ ସାର୍ ମୋତେ ବହୁତ ବୁଝାଇଲା ପରେ ସିନ୍ କରିଥିଲି। ସେହି ମୁହୂର୍ତ୍ତକୁ କେବେ ବି ଭୁଲି ପାରିବିନି। ଅବଶ୍ୟ ଏବେ ବିଳମ୍ବିତ ରାତି ହେଉ କି ୨୪ ଘଣ୍ଟା ଧରି କାମ କରିବାରେ ଅଭ୍ୟସ୍ତ ହୋଇଗଲିଣି।

**ଡ୍ରିମ୍ ରୋଲ୍?**

● ଶାନ୍ତ କି ବୁଲ୍‌ବୁଲ୍ ଚରିତ୍ରରେ କାମ କରିସାରିଲିଣି। ଆଗକୁ ଥ୍ରିଲର କିମ୍ବା ହରର ମୁଭି କରିବାର ଇଚ୍ଛା ଅଛି। କେବଳ ସେତିକି ନୁହେଁ, ପ୍ରତ୍ୟେକଟି ଚରିତ୍ରରେ ମୋତେ କାମ କରିବାର ଇଚ୍ଛା ରହିଛି।

**● ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

ମୁଁ ଯଦି ପାଠ ଆଉ ଫିଲ୍ମରେ ଭଲ କରିବି ଭାବିବି ତାହା ତ କେବେ ହେବନି। ସେଥିପାଇଁ ମୁଁ ପାଠକୁ ଗୁରୁତ୍ୱ ଦେଇ ବର୍ଷକୁ ଗୋଟେ ଗୋଟେ ଫିଲ୍ମ କରିଛି। ଅଭିନୟ ପାଇଁ କେବେ ପାଠ ଉପରେ ପ୍ରଭାବ ପଡୁ ତାହା ମୁଁ ଚାହେଁନି। କି ଆଗକୁ ମଧ୍ୟ ଚାହିଁବିନି। ସମୟ ଦେଖି ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର?**

● ପ୍ରଥମତଃ କହିବି ଶିକ୍ଷାକୁ ଶେଷ କରି ଏ ଲାଇନ୍‌କୁ ଆସନ୍ତୁ। ଷ୍ଟ୍ରଗଲ୍ ଆକ୍ଟର ହୋଇ ରହି ନ ଯାଇ ନିଜକୁ ଗ୍ରୁମିଂ କରନ୍ତି। କଠିନ ପରିଶ୍ରମ କରନ୍ତୁ। ସ୍କ୍ରିପ୍ଟ କ'ଣ ମାଗୁଛି ତାକୁ ଦେଖି ବୁଝନ୍ତୁ। ସ୍କ୍ରିପ୍ଟକୁ ନ ଘୋଷି ପ୍ରଥମେ ଚରିତ୍ରକୁ ବୁଝନ୍ତୁ। ଯେଉଁ ଚରିତ୍ର ତୁମକୁ ମିଳିଛି ତା' ଭିତରେ ପଶିଲେ ଅଭିନୟ ଜୀବନ୍ତ ହୋଇପାରିବ। ■

● ଅଷ୍ଟ୍ରେଲିଆ-ଏ ବିପକ୍ଷ ସିରିଜ୍

## ଆୟରଙ୍କୁ ମିଳିଲା ଭାରତ-ଏ ଦଳର ନେତୃତ୍ୱ

ମୁମ୍ବଇ, ୬।୯ (ଏଜେନ୍ସି): ନିକଟରେ ଏସିଆ କପ୍ ଦଳରୁ ବାଦ୍ ପଡ଼ିଥିବା ଅଭିଜ୍ଞ ମୁମ୍ବଇ ବ୍ୟାଟର୍ ଶ୍ରେୟାସ ଆୟରଙ୍କୁ ଆଶ୍ୱସ୍ତି ମିଳିଛି। ଆଗାମୀ ଅଷ୍ଟ୍ରେଲିଆ-ଏ ବିପକ୍ଷ ଦୁଇଟି ଦ୍ୱି-ଦିବସୀୟ ମ୍ୟାଚ ଲାଗି ଶନିବାର ଘୋଷିତ ୧୫ ଜଣିଆ ଭାରତ-ଏ ଦଳର ନେତୃତ୍ୱ ଭାର ଆୟରଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଏହି ଦଳର ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ନିକଟରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିଥିବା ସାଇ ସୁଦର୍ଶନ, ପ୍ରସିଦ୍ଧ କ୍ରିଷ୍ଣା, ଅଭିମନ୍ୟୁ ଈଶ୍ୱରନଙ୍କୁ ଭାରତ-ଏ ଦଳରେ ମଧ୍ୟ ସ୍ଥାନ ମିଳିଛି। ସେପ୍ଟେମ୍ବର ୧୬ରୁ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଲକ୍ଷ୍ନୌ ପ୍ରଥମ ଦ୍ୱି-ଦିବସୀୟ ମ୍ୟାଚ୍ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ମ୍ୟାଚ୍ ସେପ୍ଟେମ୍ବର ୨୩ରୁ ଖେଳାଯିବ। ପରବର୍ତ୍ତୀ ସମୟରେ ଦୁଇ ଦଳ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏହି ୩ଟି ମ୍ୟାଚ୍ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ଅକ୍ଟୋବର ୫ରେ କାନପୁରରେ ଖେଳାଯିବ।



**ଘୋଷିତ ଭାରତ-ଏ ଦଳ :** ଶ୍ରେୟାସ ଆୟର (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଏନ ଜଗଦିଶନ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ହର୍ଷ ଦୁବେ, ଆୟୁଷ ବଦୋନୀ, ନୀତୀଶ କୁମାର ରେଡ୍ଡୀ, ତନୁଷ କୋଟିଆନ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ, ମାନବ ସୁତାର, ୟଶ ଠାକୁର ଓ ଗୁରନୁର୍ ବ୍ରାର୍।

## ୨୮ରେ ବିସିସିଆଇକୁ ମିଳିବ ନୂଆ ସଭାପତି

ନୂଆଦିଲ୍ଲୀ,୬।୯ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୪ତମ ବାର୍ଷିକ ସାଧାରଣ ବୈଠକ ତଥା ଏଜିଏମ୍ ଆସନ୍ତା ୨୮ ତାରିଖରେ ବସିବ। ଏହି ବୈଠକରେ ବିସିସିଆଇର ନୂଆ ସଭାପତି ଚୟନ ହେବେ। ସଭାପତିଙ୍କ ସମେତ ଉପ-ସଭାପତି, ସମ୍ପାଦକ, ଯୁଗ୍ମ- ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ମଧ୍ୟ ନିର୍ବାଚନ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଇପିଏଲ୍ ଓ ମହିଳା ପ୍ରିମିୟର ଲିଗ୍‌ର ଗଭର୍ଣ୍ଣିଂ କାଉନସିଲର ମଧ୍ୟ ନିର୍ବାଚନ ହେବ। ପୁଣି ଏହି ଦିନ ଆଗାମୀ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ବିସିସିଆଇ ଏସିଆ କପ୍‌ର ଆୟୋଜକ ହୋଇଥିଲେ ମଧ୍ୟ ଏଜିଏମ୍ କାରଣରୁ କୌଣସି ଅଧିକାରୀ ଫାଇନାଲ ମ୍ୟାଚ୍‌ରେ ଯୋଗଦେଇ ପାରିବେ ନାହିଁ। ନିର୍ବାଚିତ ହେବାକୁ ଥିବା ଅଧିକାରୀମାନେ ୩ ବର୍ଷ ପାଇଁ ଦାୟିତ୍ୱରେ ରହିବେ। ସମ୍ପାଦକ ଭାବେ ଦେବଜିତ ସାଇକିଆ ପଦ ବଜାୟ ରଖିବା ଏକପ୍ରକାର ନିଶ୍ଚିତ। ତେବେ କିଏ ସଭାପତି ପଦ ଅଳଙ୍କୃତ କରିବେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ରୋଜର ବିନ୍ନି ପଦ ଛାଡିବା ପରେ ରାଜୀବ ଶୁକ୍ଳା କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱରେ ରହିଛନ୍ତି।

ୟୁଏସ୍ ଓପନ୍ ଟେନିସ୍ -୨୦୨୫ : ସିନ୍ନର-ଆଲ୍କାରାଜ୍ ଫାଇନାଲ୍

# ଜୋକୋଭିଚ୍‌ଙ୍କ ୨୫ତମ ଗ୍ରାଣ୍ଡସ୍ଲାମ୍ ସ୍ୱପ୍ନ ଅଧୁରା



ନ୍ୟୁୟର୍କ, ୬।୯ (ଏଜେନ୍ସି)

ବିଶ୍ୱର ଅନ୍ୟତମ ମହାନ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତିବା ସ୍ୱପ୍ନ ପୁଣିଥରେ ଅଧୁରା ରହିଯାଇଛି। ଏଠାରେ ଚାଲିଥିବା ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଜୋକୋଭିଚ୍ ହାରିଯାଇଛନ୍ତି। ଫଳରେ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲାଗି ୩୮ ବର୍ଷୀୟ ଜୋକୋଭିଚ୍‌ଙ୍କୁ ଆସନ୍ତା ବର୍ଷ ଜାନୁଆରୀରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆନ ଓପନ୍‌କୁ ଅପେକ୍ଷା କରିବାକୁ ପଡ଼ିବ। ଜୋକୋଭିଚ୍ ତାଙ୍କର ଶେଷ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏହି ୟୁଏସ୍ ଓପନ୍‌ରେ ଜିତିଥିଲେ।

ଶନିବାର ସକାଳେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୨ୟ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ୬-୪, ୭-୬ (୪), ୬-୨ ସେଟ୍‌ରେ ୨୪ଥରର ମେଜର ଟାଇଟଲ୍ ବିଜେତା ଜୋକୋଭିଚ୍‌ଙ୍କୁ ସହଜରେ ପରାସ୍ତ କରିଥିଲେ। ଜୋକୋଭିଚ୍‌ଙ୍କଠାରୁ ୧୬ ବର୍ଷ ସାନ ଆଲ୍‌କାରାଜ ଏଠାରେ ୬ଷ୍ଠ ଗ୍ରାଣ୍ଡସ୍ଲାମ୍ ଜିତିବା ନିକଟତର ହୋଇଛନ୍ତି। ରବିବାର ରାତିରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଆଲ୍‌କାରାଜ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନ୍ନିକ ସିନ୍ନରଙ୍କୁ ଭେଟିବେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କୁ ପରାସ୍ତ କରିଥିଲେ। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ସିନ୍ନର ଓ ଆଲକାରାଜଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି। ଏଥିସହ ଓପନ୍ ଏରା ଇତିହାସରେ ପ୍ରଥମଥର ଲାଗି ଗୋଟିଏ ସିଜନରେ ଦୁଇ ଖେଳାଳି କ୍ରମାଗତ ୩ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରସ୍ପର ବିରୋଧରେ ଖେଳିବେ। ଏଥିପୂର୍ବରୁ ଜୁନରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍ ଏବଂ ଜୁଲାଇରେ ଖେଳାଯାଇଥିବା ୱିମ୍ବଲଡନ ଫାଇନାଲରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ। ଯେଉଁଥିରେ ଫ୍ରେଞ୍ଚ ଓପନ୍‌ରେ ଆଲ୍‌କାରାଜ ଓ ୱିମ୍ବଲଡନରେ ସିନ୍ନର ଟାଇଟଲ୍ ବିଜୟୀ ହୋଇଥିଲେ।

## ଗ୍ରାବିଏଲା-ଏରିନ ଯୋଡ଼ିଙ୍କୁ ୨ୟ ଟାଇଟଲ୍



ୟୁଏସ୍ ଓପନ୍ ମହିଳା ଡବଲ୍ସରେ କାନାଡାର ଗ୍ରାବିଏଲା ଡାବ୍ରୋସ୍କି ଓ ନ୍ୟୁଜିଲାଣ୍ଡର ଏରିନ ରୌଟଲିଫ୍ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ୩ୟ ସିଡ୍ ଗ୍ରାବିଏଲା-ଏରିନ ଯୋଡ଼ି ୬-୪, ୬-୪ ସିଧାସଳଖ ସେଟରେ ଟପ୍ ସିଡ୍ ଟେଲର ଟାଉନସେଣ୍ଡ ଓ କାଟେରିନା ସିନିଆକୋଭା ଯୋଡ଼ିଙ୍କୁ ହରାଇଥିଲେ। ଫଳରେ ଏହି କାନାଡା-ନ୍ୟୁଜିଲାଣ୍ଡ ଯୋଡ଼ି ଏଠାରେ ୨ୟଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୨୩ ୟୁଏସ୍ ଓପନ୍‌ରେ ଗ୍ରାବିଏଲା-ଏରିନ ଯୋଡ଼ି ମହିଳା ଡବଲ୍ସ ଟାଇଟଲ୍ ହାସଲ କରିଥିଲେ। ଚଳିତ ବର୍ଷ ଚାମ୍ପିଅନ ହେବା ସହ ଏହି ଯୋଡ଼ି ପୁରସ୍କାର ବାବଦରେ ୧୦ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୮.୮୧ କୋଟି) ପାଇଛନ୍ତି।

## ଏସିଆ ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାଗନେବେ କିସ୍‌ର ୭ ଖେଳାଳି



ଭୁବନେଶ୍ୱର, ୬।୯ (ସମିସ): ଏସିଆ ରଗ୍‌ବୀ ଏମିରେଟ୍ସ ଚାମ୍ପିଅନସିପ୍ ସେପ୍ଟେମ୍ବର ୧୩ରୁ ଚାଇନାର ହୋହୋଟାରେ ଆରମ୍ଭ ହେବ। ୧୮ ବର୍ଷରୁ କମ୍ ଏହି ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ଶନିବାର ଦଳ ଘୋଷଣା କରାଯାଇଥିଲା। ଘୋଷିତ ଭାରତୀୟ ଦଳରେ ଓଡ଼ିଶାର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳରେ ଓଡ଼ିଶାର ମାମାଲି ସିଂ, ଅନିତା ମୁର୍ମୁ, ରାଇମଣୀ ମୁର୍ମୁ ରହିଛନ୍ତି। ସେହିଭଳି ବିଦ୍ୟାଧର ମାଝୀ, ଭାରତ କିସାନ, ଚରଣ ହେମ୍ବ୍ରମ ଓ ଆଉମା ମୁର୍ମୁ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି। କୋଲକାତାର ସାଇ ସେଣ୍ଟରରେ ୯ ଦିନିଆ କ୍ୟାମ୍ପ ପରେ ଏହି ଦଳ ଚୟନ କରାଯାଇଛି। ଏକାଥରକେ କିସ୍‌ର ୭ଜଣ ଖେଳାଳି ଜାତୀୟ ରଗବୀ ଦଳରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଭାରତୀୟ ଦଳ ସେପ୍ଟେମ୍ବର ୯ରେ ଚାଇନା ଅଭିମୁଖେ ଗସ୍ତ କରିବ।

■ ଦୁଲୀପ୍ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଇନିଂସ ଅଗ୍ରଣୀ

ବେଙ୍ଗାଲୁରୁ, ୬।୯ (ଏଜେନ୍ସି): ପଶ୍ଚିମାଞ୍ଚଳ ବିପକ୍ଷରେ ଚାଲିଥିବା ଦୁଲୀପ୍ ଟ୍ରଫି ଦ୍ୱିତୀୟ ସେମିଫାଇନାଲରେ ରଜତ ପଟିଦାରଙ୍କ କେନ୍ଦ୍ରାଞ୍ଚଳ ଦଳ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ପଶ୍ଚିମାଞ୍ଚଳର ୪୩୮ ରନ ଜବାବରେ କେନ୍ଦ୍ରାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା କେନ୍ଦ୍ରାଞ୍ଚଳ ୧୫୭ ଓଭର ଖେଳି ୮ ୱିକେଟ୍‌ରେ ୫୫୬ ରନର ବିଶାଳ ସ୍କୋର ଠିଆ କରାଇଛି। ଦୁଇଟି ୱିକେଟ୍ ବଳକା ଥାଇ କେନ୍ଦ୍ରାଞ୍ଚଳ ୧୧୮ ରନରେ ଆଗୁଆ ରହିଛି। ଷ୍ଟମ୍ପ ବେଳକୁ ସାରାଂଶ ଜୈନ ୩୭ ଓ ୟଶ ଠାକୁର ୪ ରନରେ ଖେଳୁଛନ୍ତି। ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଶୁଭମ ଶର୍ମା ୯୬ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ୱିକେଟରକ୍ଷକ ଉପେନ୍ଦ୍ର ଯାଦବ (୮୭), ଅଧିନାୟକ ରଜତ (୭୭), ହର୍ଷ ଦୁବେ (୭୫) ଓ ଦାନିଶ ମାଲେୱାର (୭୬) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମ୍ୟାଚ୍ ଆହୁରି ଦୁଇଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳର ସ୍ଥିତି ଦୃଢ଼ ରହିଛି।

■ ଉତ୍ତରାଞ୍ଚଳର ଲଢ଼େଇ ଜାରି

ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ ଉତ୍ତରାଞ୍ଚଳ ଲଢ଼େଇ ଜାରି ରଖିଛି। ଏନ୍ ଜଗଦିଶନ (୧୯୭)ଙ୍କ ମାରାଥନ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୫୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଉତ୍ତରାଞ୍ଚଳ ଶନିବାର ଖେଳ ଶେଷ ସୁଦ୍ଧା ୫ ୱିକେଟ୍‌ରେ ୨୭୮ ରନ କରିଛି। ଓପନର୍ ଶୁଭମ ଖଜୁରିଆ ୧୨୮ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିଭଳି ବୋଲିଂରେ ୫ ୱିକେଟ୍ ନେଇଥିବା ନିଶାନ୍ତ ସିନ୍ଧୁ ବ୍ୟାଟିଂରେ ମଧ୍ୟ ୮୨ ରନ କରିଛନ୍ତି। ୫ ୱିକେଟ୍ ବଳକା ଥାଇ ଉତ୍ତରାଞ୍ଚଳ ପ୍ରଥମ ପାଳିରେ ଆହୁରି ୨୫୮ ରନ ପଛରେ ରହିଛି।

ଦ୍ୱିତୀୟ ଟି-୨୦

## ଶ୍ରୀଲଙ୍କାକୁ ହରାଇଦେଲା ଜିମ୍ବାୱେ



ହରାରେ, ୬।୯ (ଏଜେନ୍ସି): ଜିମ୍ବାୱେ ଗସ୍ତରେ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଦଳକୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି। ଶନିବାର ଟି-୨୦ ସିରିଜର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ଘରୋଇ ଜିମ୍ବାୱେ ୫ ୱିକେଟ୍‌ରେ ସହଜରେ ଶ୍ରୀଲଙ୍କାକୁ ହରାଇ ଦେଇଥିଲା। ଧାର୍ଯ୍ୟ ୮୧ ରନର ଛୋଟିଆ ଲକ୍ଷ୍ୟକୁ ଜିମ୍ବାୱେ ୧୪.୨ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ର୍‍ୟାନ୍ ବର୍ଲ ୨୦ ଓ ତାସିଙ୍ଗା ମୁସେକିୱା ୨୧ ରନ କରି ଅପରାଜିତ ରହିଥିଲେ। ଓପନର୍ ବ୍ରାଏନ ବେନେଟ୍ଟ ୧୯ ରନ କରିଥିବାବେଳେ ସିକନ୍ଦର ରାଜା (୨) ଓ ସିନ୍ ୱିଲିୟମ୍ସ (୦) ନିରାଶ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୧୭.୪ ଓଭରରେ ୮୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ଖେଳାଳି କାମିଲ ମିଶ୍ରା (୨୦), ଅଧିନାୟକ ଚାରିଥ ଆସଲଙ୍କା (୧୮) ଓ ଦସୁନ ସନକା (୧୮) ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଟି-୨୦ରେ ଶ୍ରୀଲଙ୍କାର ଏହା ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର ହେବାର ରେକର୍ଡ ହୋଇଛି। ଜିମ୍ବାୱେ ପକ୍ଷରୁ ରାଜା, ବ୍ରାଡ୍ ଇଭାନ୍ସ ୩ଟି ଲେଖାଏ ଏବଂ ବ୍ଲେସିଂ ମୁଜରବାନୀ ୨ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୪ ୱିକେଟ୍‌ରେ ହାରିଥିବା ଜିମ୍ବାୱେ ଏବେ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ନିର୍ଣ୍ଣାୟକ ୩ୟ ଟି-୨୦ ରବିବାର ଖେଳାଯିବ।

## ୧୦ ବର୍ଷ ପରେ ୟୁଏସ୍ ଓପନ୍ ଦେଖିବେ ଟ୍ରମ୍ପ

ନ୍ୟୁୟର୍କ, ୬।୯ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ଇଟାଲୀର ଜାନିକ ସିନ୍ନର ଓ ସ୍ପେନର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ। ଏହି ହାଇଭୋଲଟେଜ ମ୍ୟାଚ୍ ଦେଖିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଷ୍ଟାଡିୟମକୁ ଯିବେ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ ଜଣାପଡ଼ିଛି। ଫଳରେ ଆମେରିକାର ରାଷ୍ଟ୍ରପତି ଭାବେ ୭୯ ବର୍ଷୀୟ ଟ୍ରମ୍ପ ପ୍ରଥମଥର ଲାଗି ୟୁଏସ୍ ଓପନ୍ ଦେଖିବେ। ଏଥିପୂର୍ବରୁ ଟ୍ରମ୍ପ ୧୦ ବର୍ଷ ତଳେ ଅର୍ଥାତ୍ ୨୦୧୫ରେ ୟୁଏସ୍ ଓପନ୍‌ରେ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଥିଲେ। ସେତେବେଳେ କିନ୍ତୁ ସେ ଆମେରିକାର ସର୍ବୋଚ୍ଚ ପଦ ଗ୍ରହଣ କରି ନ ଥିଲେ। ଟ୍ରମ୍ପ ୨୦୧୬ରେ ପ୍ରଥମଥର ଲାଗି ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।

ଏସିଆ କପ୍ ପୁରୁଷ ହକି

## ଭାରତ-ଦକ୍ଷିଣ କୋରିଆ ଫାଇନାଲ ଆଜି

ରାଜଗିର, ୬।୯ (ଏଜେନ୍ସି)



ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଭାରତ ଖେଳିଥିବା ଏହାର ଅନ୍ତିମ ତଥା ତୃତୀୟ ସୁପର୍-୪ ମ୍ୟାଚରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଥିଲା। ଫଳରେ ସୁପର୍-୪ରେ ତିନୋଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଭାରତ ଶୀର୍ଷ ସ୍ଥାନ ହାସଲ କରିଛି। ଏଥିସହ ଏସିଆ କପ୍ ଇତିହାସରେ ଭାରତ ୯ମଥର ଲାଗି ଫାଇନାଲରେ ପହଞ୍ଚିଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ସୁପର୍-୪ର ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ ବିପକ୍ଷରେ ୨-୨ ଗୋଲ୍‌ରେ ଡ୍ର ରଖିଥିଲା। ଏହାପରେ ଦ୍ୱିତୀୟ ମୁକାବିଲାରେ କିନ୍ତୁ ଦମ୍‌ଦାର ପ୍ରଦର୍ଶନ କରି ମାଲେସିଆକୁ ୪-୧ ଗୋଲରେ ହରାଇଥିଲା। ରବିବାର ଫାଇନାଲ ମୁକାବିଲାରେ ଦକ୍ଷିଣ କୋରିଆକୁ ଭେଟିବ ଭାରତ। ଦକ୍ଷିଣ କୋରିଆ ଦଳ ସୁପର୍-୪ରେ ତିନୋଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚାମ୍ପିଅନ ଦଳ ୨୦୨୬ ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ତେଣୁ ଭାରତ ନିକଟରେ ବିଶ୍ୱକପ୍ ଟିକଟ୍ ହାସଲ କରିବାର ସୁବର୍ଣ୍ଣ ସୁଯୋଗ ରହିଛି।

■ ଶିଳାନନ୍ଦ ଦେଲେ ପ୍ରଥମ ଗୋଲ୍

ଶନିବାର ଭାରତ ଏହାର ଶେଷ ସୁପର୍-୪ ମ୍ୟାଚରେ ଚୀନ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଭାରତ ପ୍ରଥମାର୍ଦ୍ଧରେ ହିଁ ୩ଟି ଗୋଲ୍ ଦେଇ ଚୀନକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଘରୋଇ ଦଳ ପାଇଁ ଖାତା ଖୋଲିଥିଲେ। ଏହାପରେ ଗୋଲ୍ ବର୍ଷା ଆରମ୍ଭ ହୋଇଥିଲେ। ୭ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଦିଲପ୍ରୀତ୍ ସିଂହ ଦଳ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୧୮ତମ ମିନିଟ୍‌ରେ ମନଦୀପ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ଆଉ ଏକ ଗୋଲ୍ ସ୍କୋର କରି ଦଳର ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଭାରତ ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଆଉ ୪ଟି ଗୋଲ୍ ଦେଇଥିଲା। ଏଥିରୁ ତୃତୀୟ କ୍ୱାର୍ଟରରେ ରାଜ କୁମାର ପାଲ୍ ଓ ସୁଖଜିତ୍ ସିଂହ ଗୋଟିଏ ଲେଖାଏ ଏବଂ ଅଭିଷେକ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ୨ଟି ଗୋଲ୍ ଦେଇଥିଲେ। ମୋଟ୍ ୭ଟି ଗୋଲ୍ ମଧ୍ୟରୁ ଭାରତ ଫିଲ୍ଡ ଗୋଲ୍ ଜରିଆରେ ୫ଟି ଦେଇଥିଲା। ଶିଳାନନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଦକ୍ଷିଣ କୋରିଆ ଖେଳିଥିବା ଏହାର 'କର ବା ମର' ମୁକାବିଲାରେ ୪-୩ ଗୋଲ୍‌ରେ ମାଲେସିଆକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଥିଲା।


'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS